RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-128 ♦TUESDAY ♦4 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୨୮ ♦ମଙ୍ଗଳବାର ♦୪ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



'ରାମାୟଣ' ବିଭୀଷଣ ଭୂମିକାରେ ବିବେକ
▸ପୃଷ୍ଠା ୧୧ ଦେଖନ୍ତୁ...

ଜୁକରବର୍ଗଙ୍କୁ ପଛରେ ପକାଇଲେ

## ୨୨ ବର୍ଷୀୟ ୩ ଯୁବକ ବିଶ୍ୱ ଅରବପତି



■ **ନୂଆଦିଲ୍ଲୀ, ୩।୧୧ (ଏଜେନ୍ସି):** ଭାରତୀୟ ବଂଶୋଦ୍ଭବ ଏବଂ ଆମେରିକାର ୨୨ ବର୍ଷୀୟ ତିନି ଯୁବକ ରେକର୍ଡ କରିଛନ୍ତି। ଏହି ତିନି ଜଣ ମେଟା ମାଲିକ ମାରକ ଜୁକରବର୍ଗଙ୍କୁ ପଛରେ ପକାଇ ଦେଇଛନ୍ତି। ମର୍କୋର କମ୍ପାନୀର ଏହି ତିନି ପ୍ରତିଷ୍ଠାତା ବିଶ୍ୱର ସବୁଠାରୁ ଯୁବ ଅରବପତି (ନିଜ ପ୍ରଚେଷ୍ଟା) ପାଲଟି ଯାଇଛନ୍ତି। ୨୦୦୮ରେ ୨୩ ବର୍ଷ ବୟସରେ ମାର୍କ ଜୁକରବର୍ଗ ଅରବପତି ତାଲିକାରେ ସାମିଲ ହୋଇଥିଲେ। କିନ୍ତୁ ଏବେ ଏଆଇ ନିଯୁକ୍ତି ଷ୍ଟାର୍ଟଅପ୍ 'ମର୍କୋର' ପ୍ରତିଷ୍ଠା କରିଥିବା ଉଚ୍ଚ ବିଦ୍ୟାଳୟର ତିନି ବନ୍ଧୁ ବ୍ରେଣ୍ଡନ ଫୁଡି, ଆଦର୍ଶ ହେରମଥ ଏବଂ ସୂର୍ଯ୍ୟା ମିଧା ଏହି ତାଲିକାରେ ସାମିଲ ହୋଇଛନ୍ତି।

ଫୋର୍ବସର ରିପୋର୍ଟ ଅନୁଯାୟୀ, ସାନ୍ ଫ୍ରାନ୍ସିସ୍କୋ ସ୍ଥିତ ଏହି ଷ୍ଟାର୍ଟଅପ୍ ନିକଟରେ ୩୫ କୋଟି ଡଲାରର ପାଣ୍ଠି ସଂଗ୍ରହ କରିଥିଲା। ଏହା ଦ୍ୱାରା କମ୍ପାନୀର ମୂଲ୍ୟାଙ୍କନ ବଢ଼ି ୧୦ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ଏହି ପାଣ୍ଠି ହାସଲ ପରେ ଏଆଇ କମ୍ପାନୀର ସିଇଓ ବ୍ରେଣ୍ଡନ ଫୁଡି, ଏହାର ଭାରତୀୟ ବଂଶୋଦ୍ଭବ ସିଟିଓ ଆଦର୍ଶ ହେରମଥ ଏବଂ ବୋର୍ଡ ଅଧ୍ୟକ୍ଷ ସୂର୍ଯ୍ୟା ମିଧା ବିଶ୍ୱର ▸ପୃଷ୍ଠା-୭

ମଦ୍ୟପ ଡ୍ରାଇଭରର ଉତ୍ପାତ

## ୨୦ଟି ଗାଡ଼ି ଉପରେ ଚଢ଼ାଇ ଦେଲା ଡମ୍ଫର, ୧୯ ମୃତ



■ **ଜୟପୁର, ୩।୧୧(ଏଜେନ୍ସି):** ରାଜସ୍ଥାନରେ ଆଜି ଏକ ଅଭାବନୀୟ ଦୁର୍ଘଟଣା ଦେଖିବାକୁ ମିଳିଛି। ଡମ୍ଫର ଟ୍ରକ ଚଳାଉଥିବା ଜଣେ ମଦ୍ୟପ ଡ୍ରାଇଭରର ତାଣ୍ଡବରେ ରକ୍ତରଞ୍ଜିତ ହୋଇଛି ଜୟପୁର ରାସ୍ତା। ଅତ୍ୟଧିକ ମଦପାନ କରି ସେ ଏମିତି ଟ୍ରକ ଚଳାଉଥିଲା ଯେ ତା ସାମନାରେ ଯିଏ ଆସିଲା, ତାକୁ ମଡ଼ାଇଚାଲିଲା। ଏମିତି ପାଞ୍ଚ କିଲୋମିଟର ଯାଏଁ ସେ ରଚିଥିଲା ଏମିତି ତାଣ୍ଡବ। ଯିଏ ଯେତେ ଅଟକାଇଲେ ବି ସେ ଶୁଣିନଥିଲା। ଶେଷରେ ବଡ଼ ଧରଣର ଦୁର୍ଘଟଣାର ସମ୍ମୁଖୀନ ହେବାପରେ ତାର ଗାଡ଼ି ଅଟକିଥିଲା। ତା ଟ୍ରକ ତଳେ ୨୦ରୁ ଅଧିକ ଗାଡ଼ି ଚାପି ହୋଇ ଚୂରମାର ହୋଇଯାଇଥିବା ବେଳେ ୧୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ୩୦ରୁ ଅଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ ଯେ ଡ୍ରାଇଭର ଏତେ ମଦ ପିଇଥିଲା ଯେ ସେ ନିଜ ନିୟନ୍ତ୍ରଣରେ ନଥିଲା। ଗୋଟିଏ ପରେ ଗୋଟିଏ ଗାଡ଼ି ଉପରେ ଟ୍ରକ ଚଢ଼ିଯାଇଥିଲା। ଏଥିରେ ଅନେକ କାର ଏବଂ ଦୁଇ ଚକିଆ ଓ ତିନି ଚକିଆ ଯାନ ରହିଛି। ୫ କିଲୋମିଟର ▸ପୃଷ୍ଠା-୭

## ବିଜେପିକୁ ନବୀନଙ୍କ ଶାଣିତ ନିଶାଣ

# ମୋ ପ୍ରତି ବେଇମାନୀ ହୋଇଛି







## ଭୋଟ ଚୋରି କରି ସରକାର ଗଢ଼ିଥିଲେ, ଏବେ ପ୍ରାର୍ଥୀ ଚୋରି

- 'ଗେମ୍ ଚେଞ୍ଜର୍' ନୁହେଁ; ବିଜେପି ସରକାର ଖାଲି 'ନେମ୍ ଚେଞ୍ଜର୍'
- ବିଜେପି ସରକାର ମିଛ ପ୍ରଚାରରେ ହିରୋ, କାମରେ ଜିରୋ
- ନୂଆପଡ଼ାବାସୀ ଭୋଟରେ ଦେବେ ବିଶ୍ୱାସଘାତକତାର ଜବାବ
- ରାଜ୍ୟ ସାରା ବିକାଶ କାମ ବନ୍ଦ, ସୀମାଟପିଛି ନାରୀ ଅତ୍ୟାଚାର

■ **ନୂଆପଡ଼ା,୩।୧୧(ସମିସ):** କୋମନାର ଧାନମଣ୍ଡି ପଡ଼ିଆଠାରେ ଆୟୋଜିତ ବିଶାଳ ସମାବେଶରେ ସିଧା ନିଶାଣ ସହ ବିଜେପିକୁ ଶାଣିତ ସମାଲୋଚନା କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି କେବଳ ପ୍ରଚାରରେ ହିରୋ ଓ କାମରେ ଜିରୋ ବୋଲି ଉଲ୍ଲେଖ କରି ରାଜ୍ୟରେ ବିଜେପି ସରକାରକୁ 'ଗେମ୍ ଚେଞ୍ଜର' ନୁହେଁ, କେବଳ 'ନେମ୍ ଚେଞ୍ଜର' ବୋଲି କଟାକ୍ଷ କରିଛନ୍ତି। ବିଜେପି ସରକାର କେବଳ ରଙ୍ଗମରା ସରକାର ବୋଲି ଉଲ୍ଲେଖ କରି ୩୦୦ ୟୁନିଟ୍ ମାଗଣା ବିଜୁଳି, ବୁଢ଼ାବୁଢ଼ୀଙ୍କୁ ୩୫୦୦ ଟଙ୍କା ଭତ୍ତା, ସବୁ ପଞ୍ଚାୟତରେ ୧୦୦ ଯୁବକଙ୍କୁ ଚାକିରି, କଟନିଛଟନି ବନ୍ଦ କରିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି। ସାଧାରଣ ଲୋକଙ୍କ ମନରେ ଏଥିପାଇଁ ଯେଉଁ କ୍ରୋଧ ଓ କ୍ଷୋଭ ସୃଷ୍ଟି ହୋଇଛି; ତାହା ନିର୍ବାଚନରେ ପ୍ରତିଫଳିତ ହେବ ଏବଂ ଆସନ୍ତା ୧୧ ତାରିଖରେ ମିଛ ପ୍ରତିଶ୍ରୁତି, ବିଶ୍ୱାସଘାତକତାର ଜବାବ ନୂଆପଡ଼ାବାସୀ ଭୋଟ ଦେବେ ଓ ବିଜେଡିର ଶଙ୍ଖ ଚିହ୍ନରେ ଭୋଟ ଦେଇ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜୟୀ କରିବେ ବୋଲି ନବୀନ ଦୃଢ଼ୋକ୍ତି ବାଢ଼ିଛନ୍ତି।

ଆଜି ସ୍ୱତନ୍ତ୍ର ବିମାନ ଯୋଗେ ନବୀନ ଗୋଟମା ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ହେଲିକପ୍ଟର ଯୋଗେ ନୂଆପଡା କୋମନା ବ୍ଲକର ତାରାବୋଡ଼ ଅନ୍ତର୍ଗତ ଧାନମଣ୍ଡି ପଡିଆରେ ପହଞ୍ଚିଥିଲେ। ନିଜ ଉଦବୋଧନରେ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡ଼ା ଜିଲ୍ଲା ଗଠନରେ ବିଜୁବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ। ନବୀନ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ନୂଆପଡା ଜିଲ୍ଲାର ପ୍ରଭୁତ ଉନ୍ନତି ହୋଇଥିଲା। ଗମନାଗମନ ପାଇଁ ବିଜୁ ଏକ୍ସପ୍ରେସ ୱେ' ନିର୍ମାଣ କରାଯାଇଛି, ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଇଛି , ୧୦ହଜାର ହେକ୍ଟରରୁ ଅଧିକ କ୍ଷେତକୁ ଜଳସେଚନ କରାଯାଇଥିଲା। ଆମ ସରକାର ସମୟରେ ସୁନାବେଡା ଅଭୟାରଣ୍ୟର ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା; କିନ୍ତୁ ବିଜେପି ସରକାର ଆସିବା ପରେ ରାଜ୍ୟରେ ପରିସ୍ଥିତି ପୁରା ବଦଳି ଯାଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ନବୀନ କହିଥିଲେ ଯେ ଏବେ ସାରା ରାଜ୍ୟରେ ବିକାଶ କାମ ପୁରା ବନ୍ଦ ହୋଇଯାଇଛି। ଆଇନ ଶୃଙ୍ଖଳା ଭୁଷୁଡି ପଡ଼ିଛି, ନାରୀ ଅତ୍ୟାଚାର ସବୁ ସୀମା ଟପିଛି। ଭାଇଚାରାର ରାଜ୍ୟ ଓଡ଼ିଶା ସୁନାମ ଆଜି ନଷ୍ଟ ହୋଇଛି। ମିଶନ ଶକ୍ତି ମା ମାନେ ରାଜ୍ୟରେ ଏକ ନୀରବ ଆନ୍ଦୋଳନ ଆଣିଥିଲେ। କିନ୍ତୁ ଏ ସରକାର ମିଶନ ଶକ୍ତି ମା ମାନେ ଆଜି ଋଣ ପାଉନାହାନ୍ତି, ମିଶନ ଶକ୍ତି ସହଯୋଗୀ ମାମାନେ ୮ ମାସ ହେଲା ଦରମା ପାଉ ନାହାନ୍ତି। ଏ ସରକାର କେବଳ ମିଛ ପ୍ରଚାରରେ ମାତିଛି। ରାଜ୍ୟ ସରକାର କେବଳ ରଙ୍ଗ ମରା ସରକାରରେ ପରିଣତ ହୋଇଛି ବୋଲି ଉଲ୍ଲେଖ କରି ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ଗୋଟିଗୋଟି ପ୍ରତିଶ୍ରୁତି ଓ ଏହାର ଫଳଶ୍ରୁତି ସମ୍ପର୍କରେ ଲୋକଙ୍କୁ ପ୍ରଶ୍ନ କରିଥିଲେ। ମାଗଣା ବିଜୁଳି, ୩୫୦୦ ଟଙ୍କା ଭତ୍ତା , ଚାଷୀଙ୍କୁ ୟୁରିଆ ସାର ଯୋଗାଣ, କଟନୀ ଛଟନୀ ବନ୍ଦ ହେବା, ବିଏସକେୱାଇ ଭଳ କି ଆୟୁଷ୍ମାନ କାର୍ଡ ଭଳ ପଚାରିବା ସହ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ▸ପୃଷ୍ଠା-୭

### ଅନିଲ ଅମ୍ବାନୀଙ୍କ ସଙ୍କଟ ବଢ଼ିଲା

## ୩୦୮୪ କୋଟିର ସମ୍ପତ୍ତି ଜବତ କଲା ଇଡି



■ **ମୁମ୍ବାଇ, ୩।୧୧ (ଏଜେନ୍ସି):** ବ୍ୟବସାୟ ଅନିଲ ଅମ୍ବାନୀଙ୍କ ସଙ୍କଟ ବଢ଼ିବାରେ ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅନିଲଙ୍କ ରିଲାଏନ୍ସ ଗ୍ରୁପ ସମ୍ବନ୍ଧିତ ୪୦ରୁ ଅଧିକ ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତିର ମୂଲ୍ୟ ପ୍ରାୟ ୩ ୦୮୪ କୋଟି ଟଙ୍କା ହେବ। ଜବତ ସମ୍ପତ୍ତି ମଧ୍ୟରେ ମୁମ୍ବାଇର ପାଲି ହିଲ୍ସ ସ୍ଥିତ ବିଳାସପୂର୍ଣ୍ଣ ଘର ସାମିଲ ରହିଛି। ଏଠାରେ ଅନେକ ସୁବିଧାସୁଯୋଗ ସହିତ ହେଲିପ୍ୟାଡ ରହିଛି। ଏହା ବ୍ୟତୀତ ଦିଲ୍ଲୀ, ନୋଏଡା, ଗାଜିଆବାଦ, ମୁମ୍ବାଇ, ପୁନେ, ଥାନେ, ହାଇଦାରାବଦ, ଚେନ୍ନଇ, କାଞ୍ଚିପୁରମ ଏବଂ ଇଷ୍ଟ ଗୋଦାବରୀ ଭଳି ସହରରେ ଥିବା ସମ୍ପତ୍ତିକୁ ମଧ ଜବତ କରାଯାଇଛି। ଏଥିରେ ରେସିଡେନସିଆଲ ୟୁନିଟ୍ସ, ଅଫିସ ସ୍ପେସ ଏବଂ ଲ୍ୟାଣ୍ଡ ପାର୍ସଲ ରହିଛି। ମନି ଲଣ୍ଡରିଂ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ୟେସ ବ୍ୟାଙ୍କ ସମ୍ବନ୍ଧିତ ଋଣର ଡାଇଭର୍ସନ ସମ୍ବନ୍ଧିତ। ଲୋକଙ୍କ ଟଙ୍କା ଆଦାୟ କରିବା ପାଇଁ ଅନିଲଙ୍କ ସମ୍ପତ୍ତିକୁ ଜବତ କରାଯାଇଛି ବୋଲି ଇଡି ପକ୍ଷରୁ କୁହାଯାଇଛି।

ଗତ ଅକ୍ଟୋବର ୩୧ ତାରିଖରେ ମନି ଲଣ୍ଡରିଂ ନିରୋଧି ଆଇନର ଧାରା ୫(୧) ଅନୁଯାୟୀ ସମ୍ପତ୍ତି ଜବତ କରିବାକୁ ଇଡି ନୋଟିସ ଜାରି କରାଯାଇଥିଲା। ଏହି ମାମଲାର ତଦନ୍ତରୁ ଇଡି ଜାଣିବାକୁ ପାଇଥିଲା ▸ପୃଷ୍ଠା-୭

## ପୁଣି ଜେଲ୍‌ରେ କଏଦୀର ଆତ୍ମହତ୍ୟା

■ **ଚୌଦ୍ୱାର, ୩।୧୧ (ସମିସ):** ଚୌଦ୍ୱାର ସର୍କଲ ଜେଲରେ ଗତ କିଛିଦିନ ଧରି ଗୋଟିଏ ପରେ ଗୋଟିଏ ଅଘଟଣ ଘଟି ଚାଲିଥିବା ଚର୍ଚ୍ଚାକୁ ଆସିଛି। କେତେବେଳେ କୁଖ୍ୟାତ ଅପରାଧୀ ପାଚେରୀ ଡେଇଁ ଫେରାର ହୋଇଯାଉଛନ୍ତି ତ ଆଉ କେତେବେଳେ କଏଦୀଙ୍କ ମଧ୍ୟରେ ମାଡ଼ପିଟ ଘଟି କଏଦୀ ଗୁରୁତର ଆହତ ହେବା ଭଳି ଘଟଣାମାନ ଘଟୁଛି। ସୋମବାର ଦିନ ଜେଲ ଭିତରେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଲଗାତାର ଭାବେ ଏସବୁ ଅଘଟଣ ଘଟିବା ଜେଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆତ୍ମହତ୍ୟା ଘଟଣାରେ ମୃତକ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ବଡମାଳି ଗ୍ରାମର ପବିତ୍ର ସାହୁ (୪୪)। ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗତ ଏକ ମାସ ତଳେ ଅନ୍ୟ ଜେଲରୁ ସ୍ଥାନାନ୍ତର ହୋଇ ଚୌଦ୍ୱାର ଜେଲକୁ ଆସିଥିଲେ। ସୋମବାର ସକାଳେ ଜେଲ ଭିତରେ ଥିବା ପାଇଖାନା ଘରେ ସେ ବେକରେ ଏକ ଗାମୁଛା ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇପଡିଥିଲେ। ଜେଲ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପବିତ୍ର କାହିଁକି ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ଖବର ପାଇ ଚୌଦ୍ୱାର ପୁଲିସ ଜେଲରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରୁଛି।

ସୂଚନାଯୋଗ୍ୟ ଯେ, ଗତ ଦଶହରା ସମୟରେ ବିହାର ରାଜ୍ୟର ୨ ଜଣ କୁଖ୍ୟାତ ଅପରାଧୀ ଜେଲର ▸ପୃଷ୍ଠା-୭

### ମାମୁ ଘରେ ଖେଳ ହେଲା କାଳ

## ପାଇଖାନା ଟାଙ୍କିରେ ପଡ଼ି ଚାଲିଗଲା ୩ ଶିଶୁଙ୍କ ଜୀବନ



**ମୃତକଙ୍କ ମଧ୍ୟରେ ୨ ନାବାଳକ ଓ ଜଣେ ନାବାଳିକା**

■ **ବଡ଼ମ୍ବା, ୩।୧୧ (ସମିସ):** କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ରଗଡ଼ିପଡ଼ା ଗାଁରେ ଏକ ହୃଦୟବିଦାରକ ଘଟଣା ଘଟିଛି। ସୋମବାର ଅପରାହ୍ଣରେ ଗ୍ରାମର ହରିଜନ ସାହି ପଛ ପାଖେ ଥିବା ଏକ ପାଇଖାନା ସେପ୍ଟିକ୍ ଟାଙ୍କିରେ ପଡ଼ି ୩ ଶିଶୁ ଅକାଳରେ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଦୁଇଜଣ ନାବାଳକ ଓ ଜଣେ ନାବାଳିକା। ମାମୁଁଘରକୁ ବୁଲିବାକୁ ଆସି ଖେଳୁଥିବା ସମୟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଶିଶୁଙ୍କ ମାମୁଘର ଓ ପରିବାରଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ▸ପୃଷ୍ଠା-୭

ବୁଡ଼ ପକାଇବା ବେଳେ ଅଘଟଣ

## ଘୋଡ଼ାହାଡ଼ ନଦୀରେ ଭାସିଗଲେ ଦୁଇ ମହିଳା



■ **ଦିଗପହଣ୍ଡି, ୩।୧୧(ସମିସ):** ଦିଗପହଣ୍ଡି ବ୍ଲକ୍ ଖମାରୀ ଗାଁ ପଞ୍ଚାୟତ ସେବକ ଟିକରପଡ଼ା ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରେ ଆଜି ଏକ ଅଘଟଣ ୨ଜଣଙ୍କ ଜୀବନ ନେଇଛି। ପଞ୍ଜୁକ ପାଇଁ ବୁଡ଼ ପକାଉଥିବା ବେଳେ ନଦୀରେ ଭାସି ଦୁଇ ମହିଳା ପ୍ରାଣ ହରାଇଛନ୍ତି। ସୋମବାର ଭୋର୍ ପ୍ରାୟ ୪ଟାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ସେବକ ଟିକରପଡ଼ା ଗାଁର ସୀମାଞ୍ଚଳ ପାଢ଼ୀଙ୍କ ସ୍ତ୍ରୀ ଲଳିତା ପାଢ଼ୀ(୭୦) ଏବଂ ଧନୁ ଗୌଡ଼ଙ୍କ ସ୍ତ୍ରୀ ସବିତା ଗୌଡ଼(୪୨)।

ଲଳିତା ବୁଡ଼ ପକାଇ ଗାଧୋଉଥିବା ବେଳେ ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସି ଯାଇଥିଲା ଏବଂ ନଦୀର ପ୍ରଖର ସ୍ରୋତରେ ସେ କିଛି ଦୂରକୁ ଭାସି ଯାଇଥିଲେ। ତାଙ୍କ ଚିତ୍କାର ଶୁଣି ପାଖରେ ଗାଧୋଉଥିବା ସବିତା ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସେ ମଧ୍ୟ ନଦୀର ସୁଅରେ ଭାସି ଯାଇଥିଲେ। ଏହା ଦେଖି ପାଖରେ ଗାଧୋଉଥିବା ଅନ୍ୟ ମହିଳାମାନେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଦିଗପହଣ୍ଡି ଦମକଳବାହିନୀ ଘଟଣାସ୍ଥଳଠାରୁ ପ୍ରାୟ ୧କିମି ଦୂର ଗୋଲଣ୍ଡା ଗ୍ରାମ ନଦୀପଠାରେ ପହଞ୍ଚି କିଛି ଗ୍ରାମବାସୀଙ୍କ ସହାୟତାରେ ନଦୀରୁ ଉଭୟଙ୍କୁ ଅଚେତ ଅବସ୍ଥାରେ ▸ପୃଷ୍ଠା-୭

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

## ପୁଲିସ କବ୍‌ଜାରେ ଉମା ଓ ସୁଟର୍ କୁରୁପତି

■ **ବ୍ରହ୍ମପୁର, ୩।୧୧(ସମିସ):** ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ତଥା ଫେରାର୍ ଅଭିଯୁକ୍ତ ଉମା ବିଶୋୟୀ ଓ ସୁଟର୍ କୁରୁପତି ଭୂୟାଁ ପୁଲିସ ପଞ୍ଝାରେ। ପୂର୍ବରୁ ଉଭୟଙ୍କ ସମ୍ପର୍କରେ ପୁଲିସ କୌଣସି ସୁରାକ ପାଇ ପାରିନଥିବା ବେଳେ ହଠାତ୍ ସେମାନଙ୍କ ଆତ୍ମସମର୍ପଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସୂଚନାନୁସାରେ, ଉମା ଓ କୁରୁପତି ବ୍ରହ୍ମପୁର ପୁଲିସ ମୁଖ୍ୟାଳୟ ସମ୍ମୁଖରେ କୌଣସି ଏକ ଗାଡ଼ିରୁ ଓହ୍ଲାଇଥିଲେ। ପରେ ଉଭୟ ମୁଖ୍ୟଫାଟକ ଅତିକ୍ରମ କରି ଚାଲିଚାଲି ▸ପୃଷ୍ଠା-୭

### ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲା

## ସିଲିକନ୍ ଇନ୍‌ଫୋଟେକ୍ ସିଇଓ ସୁରେଶ ଗିରଫ

**ସିଲିକନ୍‌ର ଗୁପ୍ତ ସୂଚନା ଓ ଶଙ୍କର ନେଟ୍‌ୱର୍କ ମାଧ୍ୟମରେ ହୋଇଛି ସ୍କାମ୍**

■ **ଭୁବନେଶ୍ୱର,୩।୧୧(ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିଲିକନ୍ ଇନ୍‌ଫୋଟେକ୍‌ର ସିଇଓ ସୁରେଶ ଚନ୍ଦ୍ର ନାୟକଙ୍କୁ ସୋମବାର ତାଙ୍କ ପଟିଆ ବାସଭବନରୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ। ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ପଞ୍ଚସଫ୍ଟର ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ବୟାନ ଓ ମିଳିଥିବା ପ୍ରମାଣ ଆଧାରରେ ତାଙ୍କୁ ଗିରଫ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି। ଉତ୍ତରାଖଣ୍ଡରୁ ଗିରଫ ହୋଇଥିବା ଶଙ୍କରଙ୍କୁ ଦିନ ତମାମ୍ ଜେରା ପରେ ଚାକିରି ବିକ୍ରି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ସୁରେଶଙ୍କ ସିଧାସଳଖ ଲିଙ୍କ୍ ଜାଣିବାକୁ ପାଇଥିଲା। ସୁରେଶ ଏକମାତ୍ର ଲୋକ, ଯେ କି ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତ, ପ୍ରିଣ୍ଟିଂ ଏବଂ ପରିବହନ ଦାୟିତ୍ୱରେ ଥିଲେ। ଏହାପରେ ସୁରେଶ ଓ ଶଙ୍କରଙ୍କୁ ଅଲଗା ଅଲଗା। ▸ପୃଷ୍ଠା-୭



ସୁରେଶ ଶଙ୍କର

## ବ୍ରହ୍ମପୁର କୋର୍ଟରେ ହାଜର ହେଲେ ଶଙ୍କର, ସୁରେଶ

**୭ଦିନ ରିମାଣ୍ଡ ପାଇଁ କୋର୍ଟରେ କ୍ରାଇମବ୍ରାଞ୍ଚର ଆବେଦନ**

■ **ବ୍ରହ୍ମପୁର,୩।୧୧(ସମିସ):** ପୁଲିସ ଏସଆଇ ପରୀକ୍ଷା କେଳେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ ନେପାଳ-ଉତ୍ତରାଖଣ୍ଡ ସୀମାନ୍ତରୁ କାବୁ କରିବା ପରେ କ୍ରାଇମବ୍ରାଞ୍ଚ କଟକରେ ଜେରା କରିଛି। ପରେ ଶଙ୍କରର ବୟାନ ଆଧାରରେ ସିଲିକନ ଟେକର ମାଲିକ ସୁରେଶ ନାୟକଙ୍କୁ ଗିରଫ କରାଯାଇଛି। ଫଳରେ ଏହି ମାମଲାରେ ଗିରଫ ସଂଖ୍ୟା ୧୨୫କୁ ବୃଦ୍ଧି ପାଇଛି। ଉଭୟ ଶଙ୍କର ଓ ସୁରେଶଙ୍କୁ ଆଜି କଟକରୁ କଡ଼ା ସୁରକ୍ଷା ମଧ୍ୟରେ ବ୍ରହ୍ମପୁର ▸ପୃଷ୍ଠା-୭

# ପୂରା ଗାଁର ଋଣ ପରିଶୋଧ କଲେ ବ୍ୟବସାୟୀ



ଆମରେଲି, ୩।୧୧(ଏଜେନ୍ସି): ଗୁଜରାଟର ଆମରେଲି ଜିଲ୍ଲାରେ ରହୁଥିବା ଜଣେ ବ୍ୟବସାୟୀ ନିଜ ପୂରା ଗାଁକୁ ଋଣମୁକ୍ତ କରିଛନ୍ତି। ସାବରକୁଣ୍ଡଲା ତହସିଲ୍‌ର ଜିରା ଗାଁରେ ରହୁଥିବା ବାବୁଭାଇ ଜିରାୱାଲା ନାମକ ଏହି ବ୍ୟବସାୟୀ ନିଜର ଗାଁର ୨୯୦ ଜଣ କୃଷକଙ୍କ ଗତ ୩୦ ବର୍ଷର ସବୁ ଋଣ ପରିଶୋଧ କରିଛନ୍ତି। ଏହିକ୍ରମରେ ସେ ନିଜ ମାଙ୍କ ଶ୍ରାଦ୍ଧ ଦିବସରେ ୯୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ତାଙ୍କ ଏହି ଦାନ ଫଳାରେ ଗାଁର ସବୁ କୃଷକ ଏବେ ଋଣମୁକ୍ତ ହୋଇଛନ୍ତି। ୧୯୯୫ରୁ ଜିରା ସେବା ସହକାରୀ ମଣ୍ଡଳକୁ ନେଇ ଏକ ବଡ଼ ବିବାଦ ଗାଁରେ ଚାଲିଆସୁଥିଲା। ଏହି କମିଟିକୁ ସେବେକାର ପ୍ରଶାସକମାନେ କୃଷକଙ୍କ ନାମରେ ନକଲି ଋଣ ନେଇଥିଲେ। ଇତିମଧ୍ୟରେ ଏହି ଋଣ ବହୁଗୁଣା ବୃଦ୍ଧି ପାଇଥିଲା। କୃଷକଙ୍କ ଉପରେ ଋଣ ଭାର ୭ରୁ ୧୨ ଗୁଣା ବୃଦ୍ଧି ପାଇଥିଲା। ଏହି କାରଣରୁ ସରକାରଙ୍କଠାରୁ ବିଭିନ୍ନ ସହାୟତା, ଋଣ ଓ ଅନ୍ୟ ସୁବିଧା ସୁଯୋଗରୁ କୃଷକମାନେ ବଞ୍ଚିତ ହେଉଥିଲେ। ଗାଁର କୌଣସି କୃଷକଙ୍କୁ ବ୍ୟାଙ୍କ ମଧ୍ୟ ଋଣ ଦେଉ ନଥିଲା। ଫଳରେ କୃଷକମାନେ ସମସ୍ୟାରେ ପଡୁଥିଲେ। ଋଣ ପାଇଁ ଜମିର ଭାଗବଣ୍ଟା ମଧ୍ୟ ହୋଇପାରୁ ନଥିଲା। ଏଥିପାଇଁ ମୋ ମା ଚାହୁଁଥିଲେ ଯେ, ତାଙ୍କ ଗହଣା ବିକ୍ରି କରି କୃଷକଙ୍କ ଋଣ ପରିଶୋଧ କରିବାକୁ। ଶେଷରେ କୃଷକଙ୍କ ସବୁ ଋଣକୁ ପରିଶୋଧ କରିବାକୁ ଆମେ ସକ୍ଷମ ହୋଇଛୁ ବୋଲି ଜିରାୱାଲା କହିଛନ୍ତି। ଗାଁର କୃଷକଙ୍କ ଉପରେ ମୋଟ୍ ୮୯, ୮୯, ୨୦୯ ଲକ୍ଷ ଟଙ୍କା ଋଣ ଥିଲା ବୋଲି ସେ କହିଛନ୍ତି। କୃଷକମାନଙ୍କୁ ନୋ ଡିୟୁ ଅର୍ଥାତ ଋଣମୁକ୍ତ ହେବାର ପ୍ରମାଣପତ୍ର ପ୍ରଦାନ କରାଯିବା ପରେ ସାରା ଗାଁ ଖୁସିରେ ଭାବପ୍ରବଣ ହୋଇଉଠିଥିଲା। କୃଷକଙ୍କ ଆଖିରେ ଆନନ୍ଦର ଲୁହ ଦେଖିବାକୁ ମିଳିଥିଲା।

# ନକଲି ବୈଜ୍ଞାନିକ ବିଦେଶରୁ ପାଉଥିଲେ କୋଟି କୋଟି ଟଙ୍କା



ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଭାବା ଅଟୋମିକ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ବୈଜ୍ଞାନିକ ଭାବେ ନିଜକୁ ଦର୍ଶାଉଥିବା ଅଖତାର ହୁସେନ ନାମକ ଜଣେ ୬୦ ବର୍ଷୀୟ ବ୍ୟକ୍ତି ଦେଶ ବାହରୁ କୋଟି କୋଟି ଟଙ୍କା ପାଉଥିଲେ। ସେ ୧୯୯୫ରୁ ଅର୍ଥାତ ୩୦ ବର୍ଷଧରି ଏହି ଅର୍ଥ ପାଉଥିôବାର ତଥ୍ୟ ସାମ୍ନାକୁ ଆସିଛି। ସେ ନିଜକୁ ବିଏଆରସିର ଜଣେ ବରିଷ୍ଠ ବୈଜ୍ଞାନିକ ଭାବେ ପରିଚୟ ଦେଇ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ସ୍ଥାନକୁ ଯାଉଥିଲେ। ତାଙ୍କଠାରୁ ୧୦ଟି ନକ୍ସା ଓ ପରମାଣୁ ଅସ୍ତ୍ର ସହିତ ଜଡିତ କିଛି ସମ୍ବେଦନଶୀଳ କାଗଜପତ୍ର ଜବତ କରିଛି। ସେ ଝଡଖଣ୍ଡର ଜାମସେଦପୁର ମୂଳ ବାସିନ୍ଦା। ପୁଲିସ ଅଖତାରଙ୍କଠାରୁ ଏକାଧିକ ନକଲି ପାସପୋର୍ଟ, ଆଧାର କାର୍ଡ, ପାନକାର୍ଡ ଓ ବିଏଆରସିର ପରିଚୟପତ୍ର ଜବତ କରିଥିଲା। କିଛି ପରିଚୟ ପତ୍ରରେ ତାଙ୍କ ନା ଅଲୀ ରାଜା ଓ ଆଲେକଜାଣ୍ଡ ପାଲମର ବୋଲି ଉଲ୍ଲେଖ ରହିଛି। ଅଖତାର ଓ ତା'ର ଭାଇ ଆଦିଲ୍ ମିଳିତ ଭାବେ ୧୯୯୫ରୁ ବିଦେଶରୁ ଟଙ୍କା ପାଉଥିଲେ ବୋଲି ମୁମ୍ବଇ କ୍ରାଇମବ୍ରାଞ୍ଚ୍ କହିଛି। ଖାସ୍ କରି ୨୦୦୦ ପରଠାରୁ ସେ କୋଟି କୋଟି ଟଙ୍କା ହାସଲ କରୁଥିଲେ। ଅଖତାର ନାରେ ଗୁପ୍ତ ବ୍ୟାଙ୍କ ଆକାଉଣ୍ଟ ଥିବା ଜଣା ପଡ଼ିଛି ଓ ବହୁ ପରିମାଣରେ ଅର୍ଥ ନେଣଦେଣ ହେବା ନେଇ ପୁଲିସ ତଥ୍ୟ ହାସଲ କରିଛି। ଅଖତାର ସହ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ସହ ସମ୍ପର୍କ ଅଛ ବୋଲି ସନ୍ଦେହ କରାଯାଉଛି। ୧୯୯୬ରେ ଅଖତାର ନିଜର ପୈତୃକ ସମ୍ପତି ବିକ୍ରି କରିଦେଇଥିଲା। କିନ୍ତୁ ଏହି ପୁରୁଣା ଠିକଣାକୁ ଆଧାର କରି ନକଲି କାଗଜପତ୍ର ହାସଲ କରିଥିଲା। ଏହି ନକଲି ଦସ୍ତାବିଜ ସହ ଦୁହେଁ ଏକାଧିକବାର ବିଦେଶ ଗସ୍ତ କରିଥିଲେ।

# ଆଫଗାନରେ ଭୂକମ୍ପ; ୨୦ ମୃତ

କାବୁଲ୍, ୩।୧୧(ଏଜେନ୍ସି): ଆଫଗାନିସ୍ତାନରେ ଗତ ରାତିରେ ୬.୩ ତୀବ୍ରତାର ଭୂକମ୍ପର ଝଟ୍‌କା ଅନୁଭୁତ ହୋଇଥିଲା। ଉତ୍ତର ଆଫଗାନିସ୍ତାନର ମଜାରେ-ଇ-ଶରିଫ୍‌ରେ ଏହି ଭୂକମ୍ପ ଆସିବାରୁ ୨୦ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୨୦ ଜଣ ଆହତ ହୋଇଛନ୍ତି ବୋଲି ତାଲିବାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ମଜାରେ-ଇ- ସରିଫ୍‌ର ଖଲ୍‌ମ ସହରଠାରୁ ୨୩ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା ବୋଲି ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜି (ଏନସିଏସ୍) ତରଫରୁ ସୂଚନା ଦିଆଯାଇଛି। ରବିବାର ରାତି ୧ଟାରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା ବୋଲି ୟୁନାଇଟେଡ ଷ୍ଟେଟ୍‌ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) କହିଛି। ମାଜାରେ-ଇ- ସିରଫ୍‌ର ବ୍ଲୁ ମସଜିଦ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏହି ମସଜିଦ ଆଫଗାନିସ୍ତାନର ସବୁଠାରୁ ପବିତ୍ର ଧାର୍ମିକ ସ୍ଥଳି ବିବେଚିତ ହୋଇଥାଏ। ଏଠାରେ ମହାପୁରୁଷ ମହମ୍ମଦଙ୍କ ସମ୍ପର୍କୀୟ ଭାଇଙ୍କର ସମାଧି ରହିଛି ବୋଲି ବିଶ୍ୱାସ କରାଯାଏ। ଏହି ସହରରେ ୫, ୨୩, ୦୦୦ ଲୋକ ରହୁଛନ୍ତି। ୧୫୦୦ ଶତାବ୍ଦୀରେ ଏହି ମସ୍‌ଜିତ ନିର୍ମାଣ କରାଯାଇଥିଲା। ଭୂକମ୍ପର ବିଭିନ୍ନ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗତ ଅଗଷ୍ଟରେ ମଧ୍ୟ ଆଫଗାନିସ୍ତାନରେ ଏକାଧିକବାର ଭୂକମ୍ପ ଆସିଥିଲା ଓ ଏଥିରେ ୨, ୨୦୦ ଲୋକ ମୃତ୍ୟୁବରଣ କରିଥିଲେ। ଭୂକମ୍ପ ପୀଡିତଙ୍କୁ ଉଦ୍ଧାର କରିବାକୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ବିମାନବନ୍ଦର ନିକଟରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

କୋଏମ୍ବାଟୁର, ୩।୧୧(ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁର ବିମାନବନ୍ଦରରେ ରବିବାର ରାତିରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ଛାତ୍ରୀଙ୍କୁ ୩ ଜଣ ବ୍ୟକ୍ତି ଗଣଦୁଷ୍କର୍ମ କରିଛନ୍ତି। ପୀଡିତା ରାତି ୧୧ଟାରେ ନିଜର ଜଣେ ବନ୍ଧୁଙ୍କ ସହ କାର୍‌ରେ ବସିଥିବା ବେଳେ ୩ ଅଭିଯୁକ୍ତ ସେଠାରେ ପହଞ୍ଚିଥିଲେ। ବନ୍ଧୁଙ୍କୁ ଆକ୍ରମଣ କରିବା ପରେ ଛାତ୍ରୀଙ୍କୁ ଜୋର ଜବରଦସ୍ତି କାର୍ ବାହରକୁ ଆଣି ସେଠାରୁ ଶୂନସାନ ସ୍ଥାନକୁ ନେଇଯାଇ ଏହି କାଣ୍ଡ ଘଟାଇଥିଲେ। ଦୁଷ୍କର୍ମ କରିବା ପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ସେଠାରେ ଛାଡି ଦେଇ ଚାଲିଯାଇଥିଲେ। ଆହତ ହୋଇଥିବା ଛାତ୍ରୀଙ୍କ ବନ୍ଧୁ ପୁଲିସକୁ ଏ ନେଇ ସୂଚନା ଦେଇଥିଲେ। ପୁଲିସ ରାତିସାରା ଛାତ୍ରୀଙ୍କୁ ଖୋଜିବା ପରେ ତାଙ୍କୁ ବିମାନ ବନ୍ଦରଠାରୁ ଏକ କିମି ଦୂରରେ ଏକ ଘରୋଇ କଲେଜ ପାଖରେ ବେହୋଶ ଅବସ୍ଥାରେ ଉଦ୍ଧାର କରିଥିଲା। ଛାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ବନ୍ଧୁଙ୍କର କୋଏମ୍ବାଟୁର ମେଡିକାଲ କଲେଜରେ ଚିକିତ୍ସା କରାଯାଉଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ୭ଟି ଟିମ୍ ଗଠନ କରିଛି। ଏହି ୩ ଜଣ ଘଟଣା ଘଟାଇବା ପୂର୍ବରୁ ଏକ ବାଇକ୍ ଚୋରି କରିଥିଲେ ବୋଲି ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ଏବେ ଏହି ଘଟଣା ନେଇ ରାଜନୀତି ଆରମ୍ଭ ହୋଇଛି। ତାମିଲନାଡୁରେ ଏମ୍‌କେ ଷ୍ଟାଲିନ ସରକାରଙ୍କ ବିରୋଧରେ ଆଇନ ଶୃଙ୍ଖଳା ସ୍ଥିତି ଭୁଶୁଡି ପଡ଼ିବା ନେଇ ବିରୋଧୀ ଦଳ ଅଭିଯୋଗ ଆଣିଛନ୍ତି।

# ଦିଲ୍ଲୀ ପ୍ରଦୂଷଣ : ରିପୋର୍ଟ ମାଗିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଦିଲ୍ଲୀ- ଏନ୍‌ସିଆରରେ ଦିନକୁ ଦିନ ବୃଦ୍ଧି ପାଉଥିବା ପ୍ରଦୂଷଣ ନେଇ ସୁପ୍ରିମକୋର୍ଟରେ ସୋମବାର ଶୁଣାଣି ହୋଇଥିଲା। କୋର୍ଟ ଏ ନେଇ ସରକାରଙ୍କଠାରୁ ରିପୋର୍ଟ ମାଗିଛନ୍ତି। ଦୀପାବଳି ପରେ ପ୍ରଦୂଷଣ ବହୁ ଗୁଣରେ ବୃଦ୍ଧି ପାଇଛି। ବାୟୁଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍)କୁ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ବିଆର ଗଭାଇ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏମ୍‌ସି ମେହେଟା ମାମଲାର ଶୁଣାଣି କରୁଥିଲା। ବରିଷ୍ଠ ଓକିଲ ତଥା ନ୍ୟାୟମିତ୍ର ଅପରାଜିତା ସିଂ କୋର୍ଟଙ୍କୁ କହିଥିଲେ ଯେ, ଦୀପାବଳି ଦିନ ୩୭ରୁ କେବଳ ୯ଟି ଏୟାର କ୍ୱାଲିଟି ମନିଟରିଂ ଷ୍ଟେସନ ଲାଗତର କାର୍ଯ୍ୟ କରୁଥିଲା। ଯଦି ଏହା କାମ କରୁନାହିଁ, ତେବେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) କେତେବେଳେ ଲାଗୁ କରାଯିବ ତାହା କିପରି ଜାଣିବା ବୋଲି ସେ ପ୍ରଶ୍ନ କରିଛନ୍ତି। ଏପର୍ଯ୍ୟନ୍ତ ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ସବୁ ନିଆଯାଇଛି ସେ ନେଇ କୋର୍ଟ ସିଏକ୍ୟୁଏମ୍‌କୁ ପ୍ରଶ୍ନ ପଚାରିଛନ୍ତି। ପ୍ରଦୂଷଣ ଭୟଙ୍କର ସ୍ଥିତିରେ ପହଞ୍ଚିବା ପୂର୍ବରୁ ଆଗୁଆ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଥାଉ କି, ଦିପାବଳୀ ପରେ ଦିଲ୍ଲୀର ଅଧିକାଂଶ ସ୍ଥାନରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ପାର କରିଥିଲା ଓ ବାୟୁରେ ଛୋଟ ଛୋଟ ଧୂଳିକଣା (ପିଏମ୍ ୨.୫) ଗତ ୫ ବର୍ଷ ମଧ୍ୟରେ ସର୍ବାଧିକ ବୃଦ୍ଧି ପାଇଥିଲା।

# ଲୁଚାଛପାରେ ଚାଲିଛି ପରମାଣୁ ପରୀକ୍ଷା !

- ପାକିସ୍ତାନ, ଚୀନର ମୁଖା ଖୋଲିଲେ ଟ୍ରମ୍ପ
- ବିଶ୍ୱକୁ ୧୫୦ଥର ଧ୍ୱଂସ କରିବା ପାଇଁ ପରମାଣୁ ଅସ୍ତ୍ର ଆମ ପାଖରେ ରହିଛି



ୱାସିଂଟନ୍, ୩।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ସମସ୍ତଙ୍କୁ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ପରମାଣୁ ଅସ୍ତ୍ର ପରୀକ୍ଷଣ ନେଇ ସେ ଏଥର ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଛନ୍ତି। ପାକିସ୍ତାନ ପରମାଣୁ ଅସ୍ତ୍ର ପରୀକ୍ଷା କରୁଛି ବୋଲି ସେ କହିଛନ୍ତି। ରବିବାର ସିବିଏସ୍ ନ୍ୟୁଜକୁ ସାକ୍ଷାତ୍‌କାର ଦେବା ଅବସରରେ ସେ ଏହି କଥା କହିଛନ୍ତି। ପୁଣିଥରେ ଆମେରିକାକୁ ପରମାଣୁ ପରୀକ୍ଷଣ ଆରମ୍ଭ କରିବାର ଅବଶ୍ୟକତା ଅଛି ବୋଲି ସେ କହିଛନ୍ତି। ଆମେରିକା ପାଖରେ ପର୍ଯ୍ୟାପ୍ତ ପରିମାଣର ପରୁମାଣୁ ଅସ୍ତ୍ର ରହିଛି। ଏହି ଅସ୍ତ୍ରକୁ ବ୍ୟବହାର କରି ଆମେରିକା ବିଶ୍ୱକୁ ୧୫୦ଥର ଧ୍ୱଂସ କରିବାର କ୍ଷମତା ରଖୁଛି ବୋଲି ସେ ଦାବି କରିଛନ୍ତି। ଉତ୍ତର କୋରିଆକୁ ବାଦ୍ ଦେଲେ ଆଉ କୌଣସି ଦେଶ ପରମାଣୁ ପରୀକ୍ଷା କରୁନାହାନ୍ତି। ତେଣୁ ଆମେରିକା କାହିଁକି ପରୀକ୍ଷା କରିବ ବୋଲି ପ୍ରଶ୍ନ ହେବାରୁ ଟ୍ରମ୍ପ କହିଛନ୍ତି ଯେ, ପାକିସ୍ତାନ ଓ ଚୀନ୍ ଗୁପ୍ତ ଭାବେ ପରୀକ୍ଷା କରୁଛନ୍ତି। କିନ୍ତୁ ବିଶ୍ୱକୁ ଏ ନେଇ କୌଣସି ସୂଚନା ମିଳିନାହିଁ। ଟ୍ରମ୍ପ ପୂର୍ବରୁ ମଧ୍ୟ ପ୍ରତିରକ୍ଷା ମନ୍ତ୍ରଣାଳୟ (ପେଣ୍ଟାଗନ)କୁ ପରମାଣୁ ଅସ୍ତ୍ର ପରୀକ୍ଷା ଆରମ୍ଭ କରିବା ପାଇଁ ଆଦେଶ ଦେଇସାରିଛନ୍ତି। ସେ ପୁଣିଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ରୋକିବାରେ ବଡ଼ ଭୂମିକା ନିର୍ବାହ କରିଛନ୍ତି ବୋଲି କହିଛନ୍ତି। ଦକ୍ଷିଣ ଏସିଆର ଏହି ଦୁଇ ଦେଶ ମଧ୍ୟରେ ପରମାଣୁ ଯୁଦ୍ଧ ହେବାର ଅବକାସ ସୃଷ୍ଟି ହୋଇଥିଲା। ଯଦି ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ନ କରାଇଥାନ୍ତି, ତାହେଲେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁ ବରଣ କରିଥାନ୍ତେ ବୋଲି ସେ ଏହି ସାକ୍ଷାତକାରରେ କହିଛନ୍ତି। ମଧ୍ୟସ୍ଥତା କରିବା ପରେ ସ୍ଥିତି ଶାନ୍ତ ହୋଇଥିଲା ଓ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଆଗକୁ ବଢ଼ି ନଥିଲା। ପୂର୍ବରୁ ମଧ୍ୟ ଟ୍ରମ୍ପ ଏ ନେଇ ଏକାଧିକ ବାର ଦାବି କରିଆସିଛନ୍ତି। ସେ ମୋଟ ଉପରେ ୭୦ଥର ଏପରି ଦାବି କରିଛନ୍ତି। ଗତ ସପ୍ତାହରେ ଟ୍ରମ୍ପ ଦକ୍ଷିଣ କୋରିଆରେ ଏପରି ଦାବି କରିଥିଲେ। ଭାରତ ଓ ପାକିସ୍ତାନ ଉପରେ ୨୫୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ଧମକ ଦେବା ପରେ ଦୁଇ ଦେଶ ଫୋନ୍ କରି ଅସ୍ତ୍ରବିରତି ନେଇ ସହମିତ ପ୍ରକାଶ କରିଥିଲେ। ସେହିପରି ସେ ଚୀନ୍ ଓ ତାଇୱାନ ନେଇ ନିଜର ମତ ରଖିଥିଲେ। ଯଦି ତାଇୱାନ ଉପରେ ଚୀନ୍ ଆକ୍ରମଣ କରେ ତେବେ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ସେ କହିଥିଲେ। ସେ ମଧ୍ୟ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ପ୍ରଶଂସା କରିଥିଲେ। ଯଦି ଆମେରିକା ପରମାଣୁ ପରୀକ୍ଷା କରେ ତେବେ ୩ ଦଶନ୍ଧି ପରେ ଏପରି ହେବ। ଚୀନ୍ ଓ ରୁଷ୍ ଏପରି କରୁଥିବାର ଆମେରିକା ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷା କରିବା ଯଥାର୍ଥ ହେବ ବୋଲି ସେ କହିଥିଲେ।

# ତେଲଙ୍ଗାନାରେ ବସ୍-ଡମ୍ଫର ଧକ୍କା; ୧୯ ମୃତ

ରଙ୍ଗାରେଡ୍ଡୀ, ୩।୧୧(ଏଜେନ୍ସି): ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାରେ ସୋମବାର ସକାଳେ ହାଇଦରାବାଦ- ବିଜାପୁର ରାଜପଥରେ ଏକ ଭୟଙ୍କର ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ତେଲଙ୍ଗାନା ରୋଡ ଟ୍ରାନ୍ସପୋର୍ଟ କର୍ପୋରେସନ (ଟିଏସ୍ଆରଟିସି)ର ଏକ ବସ ଓ ଗୋଡି ତଥା କଂକ୍ରିଟ୍ ଭର୍ତ୍ତି ଏକ ଡମ୍ଫର ମଧ୍ୟରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୧୯ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୦ ମାସର ଏକ ଶିଶୁ ସହ ୧୦ ଜଣ ମହିଳା ଓ ଦୁଇ ଗାଡ଼ିର ଡ୍ରାଇଭର ସାମିଲ ଅଛନ୍ତି। ଆହତଙ୍କୁ ଭିନ୍ନ ଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ହାଇଦରାବାଦ୍‌ଠାରୁ ୬୦ କିମି ଦୂରରେ ଥିବା ଚେଭେଲା ଥାନା କ୍ଷେତ୍ରର ଖାନ୍‌ପୁର ଗେଟ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏହି ବସ୍ ବିକାରବାଦ ଜିଲ୍ଲାର ତନ୍ଦୁରରୁ ହାଇଦରାବାଦ ଯାଉଥିଲା। ଭୁଲ ଦିଗରୁ ଆସୁଥିବା ଏହି ଡମ୍ଫର ବସ୍‌କୁ ଏତେ ଜୋରରେ ଧକ୍କା ଦେଇଥିଲା ଯେ, ବସ୍ ପୁରାପୂରି କ୍ଷତିଗ୍ରସ୍ତ ହୋଇଥିଲା। ଡମ୍ଫରରେ ଥିବା ଗୋଡି ବସ୍‌ରେ ବସିଥିବା ଯାତ୍ରୀଙ୍କ ଉପରେ ପଡ଼ିଥିଲା। ଫଳରେ କେତେଜଣ ଯାତ୍ରୀ ଗୋଡି ଭିତରେ ଦବି ଯାଇଥିଲେ। ଏହି ଘଟଣାର ହୃଦୟ ବିଦାରକ ଦୃଶ୍ୟର ଭିଡିଓ ଏବେ ସାମ୍ନାକୁ ଆସିଛି। ଗୋଡି ତଳେ ଦବି ରହିଥିବା ଯାତ୍ରୀ ସାହାଯ୍ୟ ପାଇଁ ଚିତ୍କାର କରୁଥିବା ଦେଖାଯାଇଛି। ସୂଚନା ପାଇଁ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବାହାର କରୁଛନ୍ତି। ମୃତଦେହଗୁଡିକୁ ବାହର କରିବାକୁ ଉଦ୍ଧାରକାରୀ ଦଳକୁ ବସ୍‌କୁ କାଟିବାକୁ ପଡୁଛି। ଡ୍ରାଇଭର ଓ ତାଙ୍କ ସିଟ୍‌ର ପଛଭାଗ ଅଂଶ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ବସିଥିବା ଯାତ୍ରୀମାନେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ଦୁର୍ଘଟଣାକୁ ତେଲଙ୍ଗାନା ସରକରା ଗମ୍ଭୀରତା ସହ ଗ୍ରହଣ କରି ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଭୀଷଣ ଭିଡ଼ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିରେ ଦୁଃଖ ପ୍ରକାଶ କରିଛନ୍ତି।

# ଡିଜିଟାଲ ଆରେଷ୍ଟ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

- ୩ ହଜାର କୋଟିର ସାଇବର ଠକେଇ
- କଡ଼ା କାର୍ଯ୍ୟାନୁଷ୍ଠାନ ଜରୁରୀ



ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଦେଶବ୍ୟାପୀ ଡିଜିଟାଲ ଆରେଷ୍ଟ ଓ ସାଇବର ଠକେଇ ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ଜାହିର କରିଛନ୍ତି। ସରକାର ସାଇବର ଠକେଇ ସହ ଜଡିତ ତଥ୍ୟ ଦେଇଥିଲେ। ଦେଶବ୍ୟାପୀ ଏହି ଠକେଇରେ ପୀଡିତମାନଙ୍କଠାରୁ ପାଖାପାଖି ୩ ହଜାର କୋଟି ଟଙ୍କା ଲୁଟି ନିଆଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା। ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହି ମାମଲାକୁ କଠୋରତା ସହ ମୁକାବିଲା କରିବାକୁ ହେବ। ଦେଶର ୩ ହଜାର କୋଟି ଟଙ୍କାର ସାଇବର ଠକେଇ ହେବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ଓ ଚିନ୍ତାଜନକ ବୋଲି କୋର୍ଟ କହିଛନ୍ତି। ଏନେଇ ଖୁବ୍‌ଶୀଘ୍ର ଦିଶା ନିର୍ଦ୍ଦେଶ ଜାରି କରାଯିବ।

ପୂର୍ବରୁ ଅକ୍ଟୋବର ୨୭ରେ ହୋଇଥିବା ଶୁଣାଣିରେ ସବୁ ରାଜ୍ୟରେ ହୋଇଥିବା ଡିଜିଟାଲ ଆରେଷ୍ଟ ସମ୍ପର୍କିତ ଏଫ୍‌ଆଇଆରର ସମ୍ପର୍କରେ ସୂଚନା ମାଗିଥିଲେ। ଏଥିସହ ସିବିଆଇ ପାଖରେ ଏହି ମାମଲାଗୁଡିକର ଯାଞ୍ଚ ପାଇଁ ପର୍ଯ୍ୟାପ୍ତ ସଂଶାଧନ ଅଛି କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରଣାଳୟ ଓ ସିବିଆଇ ଏ ନେଇ କୋର୍ଟଙ୍କୁ ଏକ ଲଫାପାରେ ବନ୍ଦ ହୋଇଥିବା ରିପୋର୍ଟ ପ୍ରଦାନ କରିଥିଲେ। ଗୃହ ମନ୍ତ୍ରଣାଳୟ ଭିନ୍ନ ଭିନ୍ ବିଭାଗ ଏ ନେଇ କାର୍ଯ୍ୟ କରୁଛନ୍ତି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୦ରେ ହେବ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଥାଉ କି, ହରିୟାଣାର ଏକ ବୃଦ୍ଧ ଦମ୍ପତି ସେପ୍ଟେମ୍ବର ୩ରୁ ୧୬ ମଧ୍ୟରେ ୧.୦୫ କୋଟି ଟଙ୍କାର ସାଇବର ଠକେଇର ଶିକାର ହୋଇଥିଲେ। ଏ ନେଇ ଏହି ଦମ୍ପତି ସେପ୍ଟେମ୍ବର ୨୧ରେ ମୁଖ୍ୟ ବିଚାରପତି ଭିଆର ଗଭାଇଙ୍କୁ ଚିଠି ଲେଖି ଜଣାଇଥିଲେ। ଏହାପରେ କୋର୍ଟ ନିଜର ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

# ଅଶ୍ଳୀଳ ଭିଡିଓ ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ


ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଅଶ୍ଳୀଳ ତଥା ପର୍ଣ୍ଣ ଭିଡିଓକୁ ନିଷିଦ୍ଧ କରିବା ନେଇ ହୋଇଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଏହିକ୍ରମରେ କୋର୍ଟ ନୋପାଳରେ ହୋଇଥିବା ଜେନ- ଜେଡ ଆନ୍ଦୋଳନର ଉଦାହରଣ ଦେଇଛନ୍ତି। ନେପାଳରେ ସୋସିଆଲ ମିଡିଆକୁ ନିଷିଦ୍ଧ କରିବା ପରେ କ'ଣ ହେଲା, ତାହା ଦେଖନ୍ତୁ ବୋଲି କୋର୍ଟ କହିଛନ୍ତି। ତେବେ ମୁଖ୍ୟ ବିଚାରପତି ବିଆର ଗଭାଇଙ୍କ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ କହିଛନ୍ତି ଯେ, ପର୍ଣ୍ଣୋଗ୍ରାଫି ନେଇ ହୋଇଥିବା ଆବେଦନର ଶୁଣାଣି ୪ ସପ୍ତାହ ପରେ କରାଯିବ। ଉଲ୍ଲେଖ ଯୋଗ୍ୟ ଯେ, ନଭେମ୍ବରେ ୨୩ରେ ହେବାକୁ ଥିବା ଏହି ଶୁଣାଣି ପୂର୍ବରୁ ଗଭାଇ ନିଜ ପଦରୁ ଅବସର ନେଇ ସାରିଥିବେ। ଏହି ଆବେଦନରେ କେନ୍ଦ୍ର ସରକାର ଅଶ୍ଳୀଳ କଣ୍ଟେଟ୍ ଉପରେ ନିଷେଧାଦେଶ ଜାରି କରିବା ନେଇ ପଲିସି ଆଣିବାକୁ ଦାବି କରାଯାଇଥିଲା। ଏଥିସହ ଛୋଟପିଲାଙ୍କ ନିକଟରେ ଏହି କଣ୍ଟେଟ୍ ନ ପହଞ୍ଚିବ ଯେଭଳି ସେ ନେଇ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ପବ୍ଲିକ୍ ପ୍ଲାଟଫର୍ମରେ ଏହି ଭିଡିଓ ହଟାଇବାକୁ ଦାବି କରାଯାଇଛି।

# ଟ୍ରମ୍ପଙ୍କ ଲୋକପ୍ରିୟତା ୧୮ ପ୍ରତିଶତ କମିଛି

ୱାଶିଂଟନ, ୩।୧୧(ଏଜେନ୍ସି): ନଭେମ୍ବର ୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଗୋଟିଏ ବର୍ଷ ପୂରଣ କରିବ। କିନ୍ତୁ ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ନଭେମ୍ବର ୪ରେ ସେ ସବୁଠାରୁ ବଡ଼ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଏହି ଦିନ ଆମେରିକାର ନ୍ୟୁୟର୍କ ସିଟିର ମେୟର ନିର୍ବାଚନ ଆୟୋଜନ ହେବ। ଏଥିସହ ଭିର୍ଜିନିଆ ଓ ନ୍ୟୁଜର୍ସି ରାଜ୍ୟରେ ଗର୍ଭନର ଓ ବିଧାନସଭା ନିର୍ବାଚନ ହେବ। ଗତ ଗୋଟିଏ ବର୍ଷ ହେବ ଟ୍ରମ୍ପଙ୍କ ନେଟ୍ ଆପ୍ରୁଭାଲ ରେଟିଂ ଅର୍ଥାତ ଲୋକପ୍ରିୟତା ନଭେମ୍ବର ଆରମ୍ଭରେ ୧୮ ପତିଶତ ତଳକୁ ଖସିଛି।

ଏହା ପୂର୍ବତନ ରାଷ୍ଟ୍ରପତି ଓବାମା ଓ ଜୋ ବାଇଡେନଙ୍କ ପ୍ରଥମ ବର୍ଷ ତୁଳନାରେ ବହୁତ କମ୍ ସାବ୍ୟସ୍ତ ହୋଇଛି। ଓବାମା ପ୍ରଥମବର୍ଷ ଶେଷରେ ଏହା ୩ ପ୍ରତିଶତ ଓ ବାଇଡେନଙ୍କ ୭ ପ୍ରତିଶତ କମ୍ ହୋଇଥିଲା। ୱାସିଂଟନଠାରୁ ଆରମ୍ଭ କରି ଭିର୍ଜିନିଆ ଓ ନ୍ୟୁୟର୍କ ପର୍ଯ୍ୟନ୍ତ ସମସ୍ତଙ୍କ ନଜର ଏହି ନିର୍ବାଚନ ଉପରେ ରହିଛି। ଆମେରିକାର ଜନସାଧରଣ ଟ୍ରମ୍ପଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଅଛନ୍ତି କି ନା ତାହା ଏହି ନିର୍ବାଚନ ହିଁ ସ୍ପଷ୍ଟ କରିବ। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଏହାକୁ ନୀତିଗତ ଦୃଢ଼ତା ବିବେଚନା କରୁଥିବା ବେଳେ ବିରୋଧୀ ଡେମୋକ୍ରାଟ୍ସ ଏହାକୁ 'ମିନି ରେଫ୍ରେଣ୍ଡମ' ବା ଲଘୁ ଜନମତ ବୋଲି କହିଛି। ଉଲ୍ଲେଖଥାଉ କି, ନ୍ୟୁୟର୍କ ମେୟର ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ତଥା ଯୁବନେତା ଜୋହରାନ ମମଦାନୀ (୩୩) ଏବ ବଡ଼ ଚେହରା ଭାବେ ଉଦୟ ହୋଇଛନ୍ତି। ସେ ନ୍ୟୁୟର୍କ ଷ୍ଟେଟ ଆସେମ୍ବ୍ଲିର ସଦସ୍ୟ ଅଛନ୍ତି। ଜୋହରାନ ଆଫ୍ରିକାର ୟୁଗାଣ୍ଡାର ଲେଖକ ମହମୁଦ ମମ୍‌ଦାନୀ ଓ ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ। ମମଦାନୀ ଏବେ ୧୪ ପ୍ରତିଶତର ବଡ଼ ଅନ୍ତରରେ ଆଗରେ ରହିଛନ୍ତି। ନିର୍ବାଚନରେ ମମଦାନୀଙ୍କ ବିରୋଧରେ ୬୭ ବର୍ଷୀୟ ପୂର୍ବତନ ଗଭର୍ନର ଆଣ୍ଡ୍ରୁ କୁମୋ ଅବତୀର୍ଣ୍ଣ ହୋଇଛନ୍ତି। ଯଦି ମମ୍‌ଦାନୀ ମେୟର ଭାବେ ନିର୍ବାଚିତ ହେଉଛନ୍ତି ତେବେ, ନ୍ୟୁୟର୍କକୁ ସଂଘୀୟ ସହାୟତା ପାଣ୍ଠି ବନ୍ଦ କରିବାକୁ ଟ୍ରମ୍ପ ପୂର୍ବରୁ ଧମକ ଦେଇସାରିଛନ୍ତି।

# ଅନନ୍ତ ସିଂହଙ୍କ ପାଇଁ ଭୋଟ ମାଗିଲେ କେନ୍ଦ୍ରମନ୍ତ୍ରୀ



ପାଟନା, ୩।୧୧ (ଏଜେନ୍ସି): ଯାହା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ ତାହା ରାଜନୀତିରେ ଦେଖାଯାଇଥାଏ। ଏହାର ନିଛକ ଦୃଶ୍ୟ ବିହାରରୁ ସାମ୍‌ନାକୁ ଆସିଛି। ଗ୍ୟାଙ୍ଗଷ୍ଟାର ରାଜନୀତିକୁ ଆସି ନିର୍ବାଚନ ଲଢୁଛନ୍ତି। ଆଉ ଧଳା ପୋଷାକ ତଳେ ରହି ଲୋକେ କଳା ସାମ୍ରାଜ୍ୟ ଚଳାଉଛନ୍ତି। ଏଭଳି ଦୁଇ ନେତା ହେଉଛନ୍ତି ଦୁଲାରଚାନ୍ଦ ଯାଦବ ଏବଂ ବାହୁବଳୀ ଅନନ୍ତ ସିଂହ ଓରଫ ଛୋଟେ ସରକାର। ଗ୍ୟାଙ୍ଗଷ୍ଟାରରୁ ରାଜନେତା ପାଲଟି ଥିବା ଆରଜେଡି ନେତା ଦୁଲାରଚାନ୍ଦଙ୍କ ହତ୍ୟା ମାମଲାରେ ମୋକାମାର କ୍ଷମତାସୀନ ଜେଡିୟୁ ପ୍ରାର୍ଥୀ ତଥା ବାହୁବଳୀ ତଥା ଛୋଟେ ସରକାର ଅନନ୍ତ ସିଂହଙ୍କୁ ଗିରଫ କରାଯାଇଛି। ମାତ୍ର ଏହି କାର୍ଯ୍ୟାନୁଷ୍ଠାନର ଦିନକ ପରେ ଅନନ୍ତଙ୍କ ପାଇଁ ପ୍ରଚାର କରିବାକୁ ମୋକାମାରେ ଅନେକ ହେଭିୱେଟ ପହଞ୍ଚି ଯାଇଛନ୍ତି। ଏହି ଆସନର ପ୍ରଚାରପ୍ରସାର ଦାୟିତ୍ୱ କେନ୍ଦ୍ରମନ୍ତ୍ରୀ ତଥା ଜେଡିୟୁ ନେତା ଲଲନ ସିଂହ ନିଜ ହାତକୁ ନେଇଛନ୍ତି। ସେ ସୋମବାର ଅନନ୍ତ ସିଂହଙ୍କ ପାଇଁ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ଖାଲି ସେତିକି ନୁହେଁ, ଉପମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ସମ୍ରାଟ ଚୌଧୁରୀ ମଧ୍ୟ ଆଜି ମୋକାମାରେ ରୋଡ୍ ଶୋ' କରିଛନ୍ତି।

ଲଲନ ସିଂହ କହିଛନ୍ତି ଯେ ଅନନ୍ତ ଜେଲ୍ ଯିବା ପରେ ଦାୟିତ୍ୱ ବଢ଼ି ଯାଇଛି। ଜଣେ ଜଣେ ବ୍ୟକ୍ତିଙ୍କୁ ଅନନ୍ତ ସିଂହ ହୋଇ ନିର୍ବାଚନ ଲଢ଼ିବାକୁ ହେବ। ସେହିପରି ଅନନ୍ତଙ୍କୁ ଜେଲ୍ ପଠାଇବା ପାଇଁ ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ ଦାବି କରିଛନ୍ତି। ସେହିପରି ବିଜେପି ସାଂସଦ ବୃଜଭୂଷଣ ଶରଣ ସିଂହ ମଧ୍ୟ ଅନନ୍ତଙ୍କ ସପକ୍ଷରେ ବାହାରିଛନ୍ତି। ସେ ଏହି ବାହୁବଳୀଙ୍କୁ ନିର୍ଦ୍ଦୋଷ କହିଛନ୍ତି। ତାଙ୍କ ବିରୋଧରେ ମିଥ୍ୟା ଏତଲା ଦାଏର କରାଯାଇଥିବା କୁହାଯାଉଛି। ତେବେ ନିଜ ସରକାର ଥିବାବେଳେ ଛୋଟେ ସରକାରଙ୍କ ବିରୋଧରେ ମିଥ୍ୟା ଏତଲା କେମିତି ଦାଏର କରାଯାଇପାରିବ ବୋଲି ପ୍ରଶ୍ନ ଉଠୁଛି।

# ପରସ୍ପର ବିରୋଧରେ ମଇଦାନକୁ ଓହ୍ଲାଇଲେ ଦୁଇ ଭାଇ

ବିହାରର ସବୁଠାରୁ ହଟ୍ ସିଟ୍ ମହୁଆ ଏବଂ ରାଘୋପୁରରେ ଆରଜେଡି ମୁଖ୍ୟ ଲାଲୁ ଯାଦବଙ୍କ ଦୁଇ ପୁଅ ମୈଦାନକୁ ଓହ୍ଲାଇଛନ୍ତି। ଏହି ଦୁଇ ଆସନ ଦୁଇ ଭାଇଙ୍କ ମଧ୍ୟରେ ଲଢେଇର କ୍ଷେତ୍ର ପାଲଟି ଯାଇଛି। ପ୍ରେମ ବିବାହକୁ ନେଇ ବଡ଼ ପୁଅ ତେଜପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳରୁ ବାହାରି କରିଦେଇଥିବା ଲାଲୁଙ୍କ ନିମନ୍ତେ ସେ ହିଁ କଣ୍ଟା ପାଲଟି ଯାଇଛନ୍ତି। ଲାଲୁଙ୍କ ସାନ ପୁଅ ତେଜସ୍ୱୀ ହେଲିକପ୍ଟରରୁ ମହୁଆରେ ଓହ୍ଲାଇ ଭୋଟ ମାଗିବାରୁ ରାଜନୈତିକ ଚିତ୍ର ବଦଳି ଯାଇଛି। ମହୁଆରୁ ବଡ଼ ଭାଇ ତେଜପ୍ରତାପଙ୍କ ବିରୋଧରେ ତେଜସ୍ୱୀ ଭୋଟ ମାଗିଛନ୍ତି। ଏହାର ପ୍ରତି ବଦଳରେ ସାନ ଭାଇ ତେଜସ୍ୱୀଙ୍କ ନିର୍ବାଚନ କ୍ଷେତ୍ର ରାଘୋପୁରର ୨ଟି ସ୍ଥାନରେ ହେଲିକପ୍ଟର ଓହ୍ଲାଇ ଜବାବ ଦେବେ ବୋଲି ତେଜପ୍ରତାପ କହିଛନ୍ତି। ଦୁଇ ଭାଇଙ୍କ ବିବାଦ ଖୋଲାଖୋଲି ଭାବେ ସାମ୍‌ନାକୁ ଆସିଯାଇଛି।

ସୂଚନା ଅନୁଯାୟୀ ଘରୁ ଏବଂ ଦଳରୁ ବାହାର କରାଯିବା ପରେ ତେଜପ୍ରତାପ ଜନଶକ୍ତି ଜନତା ପାର୍ଟି ଗଢିଛନ୍ତି। ସେ ବୈଶାଳୀର ମହୁଆ ସିଟ୍‌ରୁ ଲଢୁଛନ୍ତି। ସେହିପରି ତେଜସ୍ୱୀ ବିରୋଧୀଙ୍କ ମହାମେଣ୍ଟ ଇଣ୍ଡିଆର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି। ସେ ମହୁଆରେ କହିଥିଲେ ଯେ ଦଳଠାରୁ ବଡ଼ କେହି ନୁହେଁ। ଦଳ ହିଁ ତାଙ୍କର ବାପାମାଆ। ଦଳ ଅଛି ତ ସବୁ ଅଛି; ଦଳ ନ ଥିଲେ କିଛି ନାହିଁ। ଏହାର ଜବାବରେ ତେଜପ୍ରତାପ କହିଛନ୍ତି ଯେ ଜନତାଙ୍କଠାରୁ ବଡ଼ କେହି ନୁହେଁ ବୋଲି ମୋର ବାଳୁତ ଭାଇ ବୁଝିବା ଦରକାର। ଜନତା ହିଁ ମାଲିକ। ଗଣତନ୍ତ୍ରରେ କୌଣସି ପାର୍ଟି କିମ୍ବା ପରିବାର ନୁହେଁ, ଜନତା ହିଁ ସବୁଠୁ ବଡ଼।





ଉପନିର୍ବାଚନ ପାଇଁ ସୋମବାର ନୂଆପଡ଼ାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ସଭା

# ତ୍ରିବିକ୍ରମ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୩।୧୧(ସମିସ): କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତଥା ପଞ୍ଚୁକର ଦ୍ୱିତୀୟ ଦିବସରେ ସୋମବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବା ଡାଳିକିଆ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ତ୍ରିବିକ୍ରମ ବେଶ କରାଯାଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ସୋଲ, କନା, ବେତ, ଜମ୍ମୁରା, କଇଁଥ ଅଠା ଇତ୍ୟାଦିରେ ନିର୍ମିତ ଦୁଇଟି ଚୂଳ ଲାଗି ହୋଇଥିଲା। ଏହି ଚୂଳରେ ସୋଲ, ଜରି ଓ ରଙ୍ଗ ଲଗାଯାଇ ପ୍ରସ୍ତୁତ ବହୁତ ଫୁଲ ଶ୍ରୀମସ୍ତକରେ ସଜା ଯାଇଥିଲା। ଏଥିରେ ସୁନାର କିଆ ମଧ ଖଞ୍ଜା ଯାଇଥିଲା। ଏଥିସହ ଅନେକ ସୁବର୍ଣ୍ଣ ଅଳଙ୍କାରରେ ଠାକୁରଙ୍କୁ ବିଭୂଷିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଶଙ୍ଖ, ଚକ୍ର ଏବଂ ଶ୍ରୀବଳଭଦ୍ର ହଳ, ମୂଷଳ ଧାରଣ କରିଥିଲେ। ଏହା ଅତ୍ୟନ୍ତ ମନୋମୁଗ୍ଧକର ବେଶ। ଏହି ବେଶକୁ ଶ୍ରଦ୍ଧାଳୁ ତ୍ରୟୋଦଶୀ ତିଥିରେ ଦର୍ଶନ କଲେ ଅପାର କରୁଣା ଲାଭ କରିବା ସହ ଅଶେଷ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ମଙ୍ଗଳବାର ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବ।

# ଶ୍ରୀମନ୍ଦିରରୁ ଡାଲ୍‌ଡା ଘିଅ ଜବତ

ପୁରୀ, ୩।୧୧(ସମିସ): ଶ୍ରୀମନ୍ଦିର ମଧ୍ୟରେ କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର ହେବ। ଅନ୍ୟ କୌଣସି ପ୍ରକାର ଘିଅ ବ୍ୟବହାର କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସ୍ଥିର କରିଥିଲା। ଏ ସଂକ୍ରାନ୍ତରେ ସୁଆର ମହାସୁଆର ସେବକଙ୍କୁ ନିର୍ଦ୍ଦେଶ ବି ଦିଆଯାଇଥିଲା। ହେଲେ



ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୋମବାର ଶ୍ରୀମନ୍ଦିର ଭିତରୁ ଡାଲଡା ଘିଅ ଜବତ କରାଯାଇଛି। ଜଣେ ମହାସୁଆର ସେବକ ଏହି ନିର୍ଦ୍ଦେଶର ଉଲ୍ଲଂଘନ କରିଥିବାରୁ ତାଙ୍କୁ ଶ୍ରୀମନ୍ଦିର

- କେବଳ ଓମ୍‌ଫେଡ ଘିଅ ବ୍ୟବହାର ଲାଗି ଥିଲା ନିର୍ଦ୍ଦେଶ
- ଉଲ୍ଲଂଘନକାରୀ ମହାସୁଆର ସେବକଙ୍କୁ କୈଫିୟତ ତଲବ

ପ୍ରଶାସନ କୈଫିୟତ ତଲବ କରିଛି। କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ମହାପ୍ରସାଦ ହେଉ କିମ୍ବା ଶୁଖିଲି ଭୋଗ; ସବୁଥିରେ କେବଳ ଓମଫେଡ୍ ଘିଅ ବ୍ୟବହାର କରାଯିବ। ପୂର୍ବରୁ ବିଭିନ୍ନ ପ୍ରକାର ନିମ୍ନମାନର ଘିଅ ବ୍ୟବହାର କରାଯାଉଥିବା ବାରମ୍ବାର ଅଭିଯୋଗ ଆସିବା ପରେ ପରିଚାଳନା କମିଟି ଏହି ନିଷ୍ପତ୍ତି ନେଇଥିଲା। ତେଣୁ ଏନେଇ ସହଯୋଗ କରିବାକୁ ଗତବର୍ଷ ଅକ୍ଟୋବର ୨୪ ତାରିଖରେ ଓମ୍‌ଫେଡକୁ ଅନୁରୋଧ କରିଥିଲେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ଶ୍ରୀମନ୍ଦିରର ଆବଶ୍ୟକତାକୁ ନଜରରେ ରଖି ମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ଡିପୋ ଖୋଲାଯିବା ନେଇ ଓମଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମଧକୁ ଓମଫେଡ୍ ବ୍ୟତୀତ ଯେପରି ଅନ୍ୟ କୌଣସି ଘିଅ ପ୍ରବେଶ ନ କରେ, ସେଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ପ୍ରଶାସକ। ତଦନୁସାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆର ମହାସୁଆର ନିଯୋଗକୁ ଜଣାଇ ଦିଆଯାଇଥିଲା। ବରିଷ୍ଠ ସୁପରଭାଇଜର ଏବଂ କମାଣ୍ଡର୍ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଥିଲା। ଏଥିରେ କୌଣସି ପ୍ରକାର ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ। ଅନ୍ୟ ଛାପ ଘିଅ ଶ୍ରୀମନ୍ଦିରକୁ ନେବାକୁ ଚେଷ୍ଟା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରି ଦିଆଯାଇଥିଲା। ଏହାସତ୍ତ୍ୱେ ସୋମବାର ପବିତ୍ର କାର୍ତ୍ତିକ ମାସ ପଞ୍ଚୁକରେ ଶ୍ରୀମନ୍ଦିର ଭିତରୁ ଡାଲ୍‌ଡା ଘିଅ ଜବତ ହୋଇଛି।

## ମନିସୁଖ ସିକ୍ୟୁରିଟି ସଂସ୍ଥା

# ଓଡ଼ିଶାରୁ ଠକିଛି ୫ଶହ କୋଟି

ଭୁବନେଶ୍ୱର,୩।୧୧(ସମିସ): ୨ ମାସରେ ମୂଳଧନ ଦୁଇଗୁଣା କରିଦେବାର ଲୋଭ ଦେଖାଇ 'ମନିସୁଖ ସିକ୍ୟୁରିଟି' ନାମକ ଏକ ସଂସ୍ଥା ଓଡ଼ିଶାରୁ ୫ଶହ କୋଟି ଠକିନେଇଛି। ଏନେଇ ଥାନାରେ ଅଭିଯୋଗ କଲେ ମଧ ପୁଲିସ ଶୁଣୁନି। ଅଭିଯୁକ୍ତମାନଙ୍କୁ ଧରିବା ତ ଦୂରର କଥା, ତଦନ୍ତ ବି କରୁନାହିଁ। ଏପରି ଅଭିଯୋଗ ଆଣି ଭଦ୍ରକ ଜିଲ୍ଲା ଚାରିଗାଁର ପ୍ରହ୍ଲାଦ ସେଠୀ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍ଆରସି)ର ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗତ ୨୦୨୪ ଜୁଲାଇ ୧୩ ତାରିଖରେ ସେ ଏ ସଂପର୍କରେ ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ତଦନ୍ତ କରିବା ପରିବର୍ତ୍ତେ ହାତ ବାନ୍ଧି ଚୁପ୍ ବସିଛି। ଏହାର ଫାଇଦା ନେଇ ଅଭିଯୁକ୍ତମାନେ ବାହାରେ ବସି ଜଣଙ୍କ ପରେ ଜଣଙ୍କୁ ଠକି ଚାଲିଛନ୍ତି। ଏହି ଘଟଣାରେ ଆୟୋଗ ଅସନ୍ତୋଷ ପ୍ରକାଶ କରିବା ସହ ଭଦ୍ରକ ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୧୫ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କହିଛନ୍ତି। ରିପୋର୍ଟ ନଦେଲେ ଆୟୋଗ ନିଜଆଡୁ ମାମଲାର ଅନ୍ତିମ ରାୟ ପ୍ରକାଶ କରିବେ ବୋଲି ଜଣାପଡ଼ିଛି।

'ମନିସୁଖ ସୁକ୍ୟୁରିଟି ଫାଇନାନ୍ସ ଲିମିଟେଡ୍'ର ଦିଲ୍ଲୀରେ ଅଫିସ୍ ରହିଛି। ସଂସ୍ଥା ଏଠାରେ ଲୋକଙ୍କୁ ଠକିବା ପାଇଁ ଯୋଜନା କରି ଲୋଭନୀୟ ଅଫର୍ ରଖିଥିଲା। ମନିସୁଖ ସିକ୍ୟୁରିଟ୍ ଆପ୍‌ରେ ଟଙ୍କା ଲଗାଇଲେ ତାହା ୨ ମାସରେ ଦୁଇଗୁଣା ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଲୋଭରେ ପଡ଼ି ଓଡ଼ିଶାର ଏକାଧିକ ଲୋକ ଏଥିରେ ନିବେଶ କରିଥିଲେ। ହେଲେ, ଲାଭ ଦୂର କଥା, ମୂଳ ବି ମିଳିଲାନି।

- ପୁଲିସ ଶୁଣିଲାନି, ଓଏଚ୍ଆରସିଙ୍କ ଦ୍ୱାରସ୍ଥ ହେଲେ ଯୁବକ
- ଭଦ୍ରକ ଏସ୍‌ପିଙ୍କୁ ଜବାବ ତଲବ; ୧୫ ସୁଦ୍ଧା ରିପୋର୍ଟ ଦେବେ
- ଦେଶରୁ ୧୦ ହଜାର କୋଟିର ଠକିଛି ସଂସ୍ଥା

ଶେଷରେ ଆପ୍‌ଟି ମଧ ବନ୍ଦ ହୋଇଯାଇଥିଲା। ଖାଲି ଓଡ଼ିଶା ନୁହେଁ, ଏହି ସଂସ୍ଥା ୧୦ ହଜାର କୋଟି ଟଙ୍କା ଠକେଇ କରିଛି।

ଭଦ୍ରକର ପ୍ରହ୍ଲାଦ ନାମକ ଜଣେ ଯୁବକ ମଧ ଏହି ସଂସ୍ଥା ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ସଂସ୍ଥା ତାଙ୍କଠାରୁ ୩୩ଲକ୍ଷ ୭୮ ହଜାର ଟଙ୍କା ଠକି ନେଇଛି। ପ୍ରହ୍ଲାଦଙ୍କ କହିବା କଥା, ତାଙ୍କ ହ୍ୱାଟ୍ସଆପ୍‌କୁ ପ୍ରଥମେ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ମନିସୁଖ ସିକ୍ୟୁରିଟି ସଂସ୍ଥା ଆପ୍‌ରେ ଟଙ୍କା ଲଗାଇଲେ, ଦୁଇଗୁଣା ଅର୍ଥ ମିଳିବ ବୋଲି ସେଥିରେ କୁହାଯାଇଥିଲା। ମେସେଜ୍ ଆସିଥିବା ଫୋନ୍ ନମ୍ବରକୁ କଲ୍ କରିବା ପରେ ଠକ ତାଙ୍କୁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଆଡ୍ କରିଥିଲେ। ଏହାପରେ ସେଠାରେ ତାଙ୍କୁ ମନିସୁଖ ସିକ୍ୟୁରିଟି ଆପ୍‌କୁ ଡାଉନ୍‌ଲୋଡ୍ କରି ଟଙ୍କା ବିନିଯୋଗ କରିବାକୁ କୁହାଯାଇଥିଲା। ଆଗପଛ ବିଚାର ନ କରି ସେ ୩୩ଲକ୍ଷ ୭୮ହଜାର ଟଙ୍କା ବିନିଯୋଗ କରିଥିଲେ। ବଦଳରେ ସଂସ୍ଥା ତାଙ୍କୁ ୧କୋଟି ୧୪ଲକ୍ଷ ଟଙ୍କା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଦୁଇ ମାସ ପରେ ସେ ଆପ୍‌ରୁ ଆଉ ଟଙ୍କା ଉଠାଇ ପାରିନଥିଲେ। ପ୍ରହ୍ଲାଦ ଠକାମିର ଶିକାର ହୋଇଥିବା ଜାଣିବା ପରେ ୨୦୨୪ରେ ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ବହୁ ଦିନ ବିତିଯାଇଥିଲେ ମଧ ପୁଲିସର ତଦନ୍ତ କିଛି ଆଗକୁ ବଢ଼ି ନଥିବାରୁ ସେ ରାଜ୍ୟ ମାନବାଧିକାର କମିସନ୍‌ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ହାତୀ ଶିକାରୀ ଗିରଫ, ୩ ଦେଶୀ ବନ୍ଧୁକ ସହ ଗୁଳି ଜବତ

ଭଞ୍ଜନଗର, ୩।୧୧(ସମିସ): ବାଇବାଲି ଜଙ୍ଗଲର ଭାଗ ନମ୍ବର-୬ର ବାଣିଆପଲ୍ଲୀ ଗାଁ ପାଖ ଜଙ୍ଗଲରେ ୧୫ ବର୍ଷୀୟ ଦନ୍ତା ହାତୀକୁ ଗୁଳି କରି ମାରିବା ଘଟଣାରେ ବନ କର୍ମଚାରୀମାନେ ଉମାକାନ୍ତ ପ୍ରଧାନ ଓରଫ ନଣ୍ଡା (୫୦)କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ ୩ଟି ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ଦେଶୀ ବୁଲେଟ୍ ଓ ଗୁଳିରେ ମିଶାଉଥିବା ବିଷାକ୍ତ ବିସ୍ଫୋରକ ଜବତ କରାଯାଇଛି। ଏ ସମ୍ପର୍କରେ ମୁଜାଗଡ଼ ରେଞ୍ଜ କାର୍ଯ୍ୟାଳୟରେ ସୋମବାର ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଓ ଏସିଏଫ୍ ବିବେକ ଦାଶ, ବିମଳ ପ୍ରଧାନ ଓ ରେଞ୍ଜର ବିମ୍ବାଧର ସାହୁ ଏକ ପ୍ରେସ୍ ମିଟ୍‌ରେ ସୂଚନା ଦେଇଛନ୍ତି। ମୁଜାଗଡ଼ ରେଞ୍ଜ କେଶ୍ ନମ୍ବର ଓଆର- ୪୩୨/୨୦୨୫-୨୬ ପ୍ରକାରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ଡିଏଫ୍‌ଓ ଶ୍ରୀ ମହାନ୍ତି କହିଛନ୍ତି।



ଅଭିଯୁକ୍ତ ଉମାକାନ୍ତ ଗତ ଗୁରୁବାର ରାତିରେ ନିଜ ଧାନ ଜମିକୁ ଜଗିବାକୁ ଗୋଟିଏ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ ଧରି ଯାଇଥିଲା। ଏହି ସମୟରେ ୨୪ ଟିକିଆ ହାତୀ ପଲ ମଧ୍ୟରୁ ୨ଟି ହାତୀ ତା'ର ଧାନ ଜମିରେ ପଶିଥିଲେ। ହାତୀକୁ ଦେଖି ସେ ପ୍ରଥମେ ୨ଟି ବାଣ ଫୁଟାଇଥିଲା। କିନ୍ତୁ ହାତୀ ଜମିରୁ ନଯିବା ଓ ତା' ଆଖି ଆଗରେ ଧାନ ଫସଲ ଖାଇବା ଦେଖି ହାତରେ ଧରିଥିବା ବନ୍ଧୁକରୁ ଗୁଳି ଫୁଟାଇଥିଲା। ପରେ ସେ ଘଟଣାସ୍ଥଳରୁ ଖସି ଆସି ନିଜ ଜମି ପାଖରେ ଏକ ବୁଦା ମୂଳେ ପାଲ ଘୋଡ଼ାଇ ବନ୍ଧୁକ ରଖି ଘରକୁ ଚାଲିଯାଇଥିଲା। ଅପରପକ୍ଷରେ ହାତୀଟି ମରିଥିବା ନେଇ ବନ କର୍ମଚାରୀମାନେ ଶନିବାର ଜାଣିବାକୁ ପାଇଥିଲେ। ଶବ ବ୍ୟବଚ୍ଛେଦ ବେଳେ ହାତୀର ଆଗ ପଟର ଡାହାଣ ଗୋଡ଼ ସନ୍ଧିରେ ଗୁଳିମାଡ଼ ହେବା ପରେ ହାତୀଟି ଘଟଣାସ୍ଥଳରୁ ପାଖାପାଖି ୪ ଶହ ମିଟର ଯାଇ ପଡ଼ିଯାଇଥିଲା ଓ ସେଠାରେ ହିଁ ମୃତ୍ୟୁବରଣ କରିଥିଲା ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ରବିବାର ରାତିରେ ବାଣିଆପଲ୍ଲୀ ଗାଁରେ ବନ ବିଭାଗ ପକ୍ଷରୁ ଫରେଷ୍ଟର ଟୁନା ମଲିକ, ବବୁଲ କୁମାର ସେଠୀ, ଅନୁପ କୁମାର ବିଷୋୟୀ ଓ ରାଜେନ୍ଦ୍ର ଦଳେଇଙ୍କ ସମେତ ବହୁ ଗଜସାଥୀ ଚଢ଼ଉ କରି ଅଭିଯୁକ୍ତଙ୍କୁ ଧରିଥିଲେ।

# ଆଜିଠୁ କମିବ ତାପମାତ୍ରା

ଭୁବନେଶ୍ୱର, ୩।୧୧(ସମିସ): ଆସନ୍ତା ଦୁଇ ଦିନ ଭିତରେ ରାଜ୍ୟର ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ଫଳରେ ଥଣ୍ଡା ବଢ଼ିବ। ବିଶେଷକରି, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ଥଣ୍ଡାର ପ୍ରଭାବ ଅଧିକ ରହିବ। ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ ରାତି ତାପମାତ୍ରା ହାରାହାରି ୨୦ ଡିଗ୍ରୀ ମଧ୍ୟରେ ରହୁଛି। ଗତ ୨୪ ଘଣ୍ଟାରେ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୬ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୮ ଡିଗ୍ରୀ, ଫୁଲବାଣୀରେ ୧୮ ଡିଗ୍ରୀ, ଅନୁଗୁଳ ଓ ଭଦ୍ରକରେ ତାପମାତ୍ରା ୧୯ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଛି। ଅନ୍ୟପଟେ ମ୍ୟାଁମାର ଉପକୂଳରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟକୁ ଉତ୍ତରା ଶୁଷ୍କ ପବନ ଆସିବାରେ ମଧ ସ୍ଥିତି ସହାୟକ ହେଉଛି। ତେଣୁ, ରାଜ୍ୟକୁ ଉତ୍ତରା-ପଶ୍ଚିମ ଶୁଷ୍କ ଥଣ୍ଡା ବାୟୁ ପଶିବା ଯୋଗୁଁ ରାତିର ତାପମାତ୍ରା ହ୍ରାସ ହେବାରେ ଲାଗିଛି। ମ୍ୟାଁମାର୍ ଉପକୂଳରେ ଥିବା ଏହି ଲଘୁଚାପର କୌଣସି ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ଏହା ବାଂଲାଦେଶ ମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ରାଜ୍ୟରେ ଆସନ୍ତା ୭ଦିନ ମଧ୍ୟରେ କାଁ ଭାଁ ଅଞ୍ଚଳକୁ ଛାଡ଼ିଦେଲେ ବାକି ସବୁ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବାର ସମ୍ଭାବନା ରହିଛି।

## ଯନ୍ତ୍ରୀଙ୍କ ନାଁରେ ସଂଗିନ୍ ଅଭିଯୋଗ

# ଅନ୍ତେବାସୀଙ୍କ ସହ ଅପ୍ରାକୃତିକ ଯୌନ ସଂପର୍କ

ବାରିପଦା, ୩।୧୧(ସମିସ): ବାରିପଦା ସଦର ଥାନା ଅଧୀନ ହରିଶ୍ଚନ୍ଦ୍ରପୁରସ୍ଥିତ ଭଞ୍ଜଭୂମି ସଂସ୍କୃତ ବିଦ୍ୟାଳୟର ଆଦିବାସୀ ଛାତ୍ରାବାସର ଅନ୍ତେବାସୀଙ୍କ ସହ ଜଣେ ଯନ୍ତ୍ରୀ ଅପ୍ରାକୃତିକ ଯୌନ ସଂପର୍କ ରଖିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ସଂପର୍କରେ ପ୍ରଧାନ ପଣ୍ଡିତ ସେବତୀ ମହାନ୍ତ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଶ୍ୟାମାଖୁଣ୍ଟା ବ୍ଲକର ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନାମରେ ଏହି ସଂଗିନ୍ ଅଭିଯୋଗ ଆସିଛି।

ସୂଚନାଯୋଗ୍ୟ ଯେ, ଭଞ୍ଜଭୂମି ସଂସ୍କୃତ ବିଦ୍ୟାଳୟରେ ଏକ ଶୌଚାଳୟ ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ଯନ୍ତ୍ରୀଜଣକ ରବିବାର ଆସି ଅନ୍ତେବାସୀଙ୍କୁ ନାନା ଧମକଚମକ ଦେଇଥିଲେ। ସେହିଦିନ ସନ୍ଧ୍ୟା ସାଢ଼େ ୭ଟାରେ ପୁଣି ଯନ୍ତ୍ରୀଜଣକ ଛାତ୍ରାବାସକୁ ଆସି ଅନ୍ତେବାସୀଙ୍କ ସହ ମିଶି ଯାଇଥିଲେ। ପରେ କଥାବାର୍ତ୍ତା କରି ୯ ଜଣ ନାବାଳକଙ୍କୁ ଅଫିସ କୋଠରୀକୁ ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ସ୍କୁଲ ବନ୍ଦ କରିଦେବା ସହ ଜୀବନରୁ ମାରିଦେବାର ଧମକଚମକ ଦେଇଥିଲେ। ଏପରିକି, ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ନାଲି ଆଖି ଦେଖାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାର ବିଧିବଦ୍ଧ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ଦର୍ଶାଯାଇଛି। ଏ ସମ୍ପର୍କରେ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନଥିବା ବେଳେ ଏଭଳି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଆଦିବାସୀ ଛାତ୍ରଙ୍କ ପ୍ରତି ଯନ୍ତ୍ରୀଙ୍କ ଏଭଳି ଆଚରଣକୁ ନେଇ ଅଭିଭାବକମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ, ଅଭିଯୋଗ କରିଥିବା ପ୍ରଧାନ ପଣ୍ଡିତ, ଛାତ୍ର, ବିଡିଓ ଓ ସଂପୃକ୍ତ ଯନ୍ତ୍ରୀଙ୍କୁ ପଚରାଉଚରା କରାଯିବା ସହ ସହ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ପାଟଣା ରେଞ୍ଜରେ ବୁଲୁଛି ବାଘ

କେନ୍ଦୁଝର/ତୁରୁମୁଙ୍ଗା, ୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ବିଟ୍ ଅନ୍ତର୍ଗତ କେନ୍ଦୁଝର-ମୟୂରଭଞ୍ଜ ସୀମାର ଗୋପୀନାଥପୁରଠାରେ ଏକ ବାଘର ପାଦଚିହ୍ନ ଠାବ ହୋଇଛି। ଦୁଇ ଦିନ ତଳେ ୧୨ ସେଣ୍ଟିମିଟର୍ ବିଶିଷ୍ଟ ଏକ ବାଘ ପାଦଚିହ୍ନ ଠାବ ହେବା ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏପରିକି, କିଛି ସ୍ଥାନୀୟ

- ପାଦଚିହ୍ନ ଠାବ ପରେ ଆତଙ୍କ
- ବନ ବିଭାଗ ଲଗାଇଲା ୩୫ ଟ୍ରାପ୍ କ୍ୟାମେରା



ଲୋକ ବାଘକୁ ଦେଖିଥିବା ମଧ କହିଛନ୍ତି। ଫଳରେ ସନ୍ଧ୍ୟା ହେଲେ ତାଟିକବାଟ ପଡ଼ିଯାଉଛି। ଏପରି ସ୍ଥିତିରେ ବାଘକୁ ଧରିବା ପାଇଁ ବନ ବିଭାଗ ତନାଘନା ଆରମ୍ଭ କରିଦେଇଛି। ଅଟେଇ ସଂରକ୍ଷିତ ଜଙ୍ଗଲରେ ୩୫ଟି ଟ୍ରାପ୍ କ୍ୟାମେରା ଲଗାଯାଇଥିବା କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି ଧନରାଜ ସୂଚନା ଦେଇଛନ୍ତି। ତେବେ ୨ଦିନ ମଧ୍ୟରେ ଏଯାଏଁ ଏଠାରେ ବାଘ ଦେଖାଯାଇ ନଥିବା ମଧ ସେ କହିଛନ୍ତି।

ଏହି ଅଞ୍ଚଳ ଏକ ବ୍ୟାଘ୍ର କରିଡର୍ ହୋଇଥିବାରୁ ସମୟ ସମୟରେ ଶିମିଳିପାଳରୁ ଅଟେଇ ଜଙ୍ଗଲକୁ ବାଘ ଆସି ପୁନର୍ବାର ଫେରି ଯାଇଥାନ୍ତି। ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବାଘ ପାଇଁ ଅଧିକ ତୃଣଭୋଜି ବନ୍ୟପ୍ରାଣୀ ରହିଥିବାରୁ ବାଘ ଏଠାକୁ ଆସିଥା'ନ୍ତି। ୨୦-୨୨ ମାସର ଏକ ବାଘ ଶିମିଳିପାଳରୁ ବାହାରି ବ୍ୟାଘ୍ର କରିଡର୍ ମଧ୍ୟରେ ଚଳପ୍ରଚଳ କରୁଥିବା ବନଖଣ୍ଡ ଅଧିକାରୀ କହିଛନ୍ତି। ବ୍ୟାଘ୍ର କରିଡର୍ ଶିମିଳିପାଳରୁ ଆରମ୍ଭ ହୋଇ ଠାକୁରମୁଣ୍ଡା, ଆନନ୍ଦପୁର, ସନ୍ତୋଷପୁର ସଂରକ୍ଷିତ ଜଙ୍ଗଲ, ଅଟେଇ ସଂରକ୍ଷିତ ଜଙ୍ଗଲ ଦେଇ ରେବଣା ଓ ସାତକୋଶିଆ ଯାଏ ଲମ୍ବିଛି। ସମୟ ବ୍ୟବଧାନରେ ଏହି କରିଡର୍ ଦେଇ ଅଟେଇ ଜଙ୍ଗଲକୁ ବାଘ ଆସି ପୁନର୍ବାର ଫେରି ଯାଉଥିବା ସେ କହିଛନ୍ତି। କେନ୍ଦୁଝର ଜିଲ୍ଲାର ଘଞ୍ଚ ଅଟେଇ ଜଙ୍ଗଲକୁ ବାଘ ଆସିବା ଏକ ଶୁଭ ସଙ୍କେତ ବୋଲି କହିବା ସହ ଏଥିପାଇଁ ବନବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଡିଏଫଓ ଧନରାଜ କହିଛନ୍ତି।

ଅପରପକ୍ଷେ, ଲୋକଙ୍କ ଧନଜୀବନ ପ୍ରତି ବିପଦ ଥିବାରୁ ଆଖପାଖ ଅଞ୍ଚଳରେ ବନ ବିଭାଗ ଲୋକଙ୍କୁ ସତର୍କ କରାଇଛି। ଜଙ୍ଗଲ ଭିତରକୁ ନିଜେ ନ ଯିବା ସହ ଗୃହପାଳିତ ପଶୁଙ୍କୁ ମଧ ନ ଛାଡ଼ିବାକୁ ଗାଁ ଗାଁରେ ସଚେତନ କରାଯାଉଛି।

## ସିଜିଏଲ୍ ଷ୍ଟାଟିଷ୍ଟିକାଲ୍ ଅଫିସର୍ ନିଯୁକ୍ତିରେ ବିଳମ୍ବ

# ଓଏସ୍ଏସ୍‌ସି କାର୍ଯ୍ୟାଳୟ ଘେରିଲେ ଆଶାୟୀ

ଭୁବନେଶ୍ୱର, ୩।୧୧(ସମିସ): ସିଜିଏଲ୍ ଷ୍ଟାଟିଷ୍ଟିକାଲ୍ ଅଫିସର୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ବର୍ଷେ ପୂରିବ। ଏହାରି ମଧ୍ୟରେ ପ୍ରିଲିମିନାରୀ ପରୀକ୍ଷା ପାଇଁ ୩ଥର ବିଜ୍ଞପ୍ତି ବାହାରିଲାଣି। ପ୍ରତିଥର ପରୀକ୍ଷାର୍ଥୀଙ୍କୁ ଆଡମିଟ୍ କାର୍ଡ ମଧ ଦିଆଯାଇଛି। ହେଲେ ପରୀକ୍ଷାର ଠିକ୍ ପୂର୍ବରୁ ଏହାକୁ ବାତିଲ୍ କରି ଦିଆଯାଉଛି। ଦୀର୍ଘ ବର୍ଷେ ପରେ ମଧ ପରୀକ୍ଷା ନେଇ କୌଣସି ସ୍ୱଷ୍ଟତା ଆସୁ ନଥିବାରୁ ସୋମବାର ଓଡ଼ିଶା କର୍ମଚାର ପ୍ରବରଣ ଆୟୋଗ (ଓଏସ୍ଏସ୍‌ସି) କାର୍ଯ୍ୟାଳୟକୁ ଯାଇ ଆଶାୟୀମାନେ ଜବାବ୍ ମାଗିଛନ୍ତି। କେବେ ସୁଦ୍ଧା ପରୀକ୍ଷା କରିବେ ବୋଲି ପ୍ରଶ୍ନ କରିବା ସହ ତ୍ୱରିତ ପରୀକ୍ଷା କରିବାକୁ ମଧ ନିବେଦନ କରିଛନ୍ତି।

ସୂଚନାଅନୁଯାୟୀ, ୨୦୨୪ ମସିହା ନଭେମ୍ବର ୧୮ ତାରିଖରେ ଷ୍ଟାଟିଷ୍ଟିକାଲ୍ ଅଫିସର୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ୍ ୧୭୪ଟି ଗ୍ରୁପ୍-ବି' ପଦରେ ନିଯୁକ୍ତି ପାଇଁ ଏପ୍ରିଲ୍ ୬ ରେ ପ୍ରିଲିମିନାରୀ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷାର୍ଥୀଙ୍କୁ ଆଡମିଟ୍ କାର୍ଡ ମଧ ପ୍ରଦାନ କରଯାଇଥିଲା। ହେଲେ ପରୀକ୍ଷାର ମାତ୍ର ଦୁଇଦିନ ପୂର୍ବରୁ ଅର୍ଥାତ୍ ୪ ତାରିଖରେ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ମାତ୍ର ସପ୍ତାହେ ପରେ ଅର୍ଥାତ୍ ୧୩ ତାରିଖରେ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା। ନୂତନ ଆଡମିଟ୍ କାର୍ଡ ମଧ ପ୍ରଦାନ କରାଗଲା। ହେଲେ ପୁଣିଥରେ ପରୀକ୍ଷାର ମାତ୍ର ଦୁଇଦିନ ପୂର୍ବରୁ ଅର୍ଥାତ୍ ୧୧ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଥିଲା। ଏହା ଏକ ଗାଣିତିକ ପଦ ହୋଇଥିବାରୁ ତତ୍‌ସମ୍ବନ୍ଧୀୟ ଯୋଗ୍ୟତା ଥିବା



ପିଲାଙ୍କ ଆବେଦନ ହିଁ ରଖିବାକୁ ସର୍ଟ୍‌ଲିଷ୍ଟ କରିବେ ବୋଲି କାରଣ ଦର୍ଶାଗଲା। ଫଳରେ ପ୍ରାୟ ୮୦ ହଜାର ପିଲା ଆବେଦନକାରୀଙ୍କ ମଧ୍ୟରୁ ପାଖାପାଖି ୫୫ ହଜାର ପିଲା ବାଦ୍ ପଡ଼ିଥିଲେ। ବିଜ୍ଞପ୍ତି ପ୍ରକାଶ କରିବା ସମୟରେ ଶିକ୍ଷାଗତ ଯୋଗ୍ୟତା କଣ ରହିବ ବୋଲି କର୍ତ୍ତୃପକ୍ଷ କିପରି ଜାଣି ପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାପରେ ମାତ୍ର ୨୫ହଜାର ପିଲାଙ୍କୁ ନେଇ ପ୍ରିଲିମିନାରୀ ପରୀକ୍ଷା କରିବା ପାଇଁ ଓଏସ୍ଏସ୍‌ସି ପକ୍ଷରୁ ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଲା। ସେପ୍ଟେମ୍ବର ୨୧ ତାରିଖରେ ପରୀକ୍ଷା କରିବା ପାଇଁ ଧାର୍ଯ୍ୟ କରିଥିବାବେଳେ ପୂର୍ବପରି ପରୀକ୍ଷାର ମାତ୍ର ଦୁଇଦିନ ଆଗରୁ ଅର୍ଥାତ୍ ୧୯ ତାରିଖରେ ବାତିଲ୍ କରିଦିଆଗଲା। ତୃତୀୟ ଥର ପାଇଁ ପରୀକ୍ଷା ବାତିଲ୍ ହେବାରୁ ବର୍ଷାଧିକ ସମୟ ପ୍ରସ୍ତୁତି କରୁଥିବା ଆଶାୟୀମାନେ ନିରାଶ ହୋଇଥିଲେ।

ଅପରପକ୍ଷରେ ଏହି ପଦ ପାଇଁ ପ୍ରକାଶିତ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ଯୋଗୁଁ କିଛି ଆଶାୟୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଅକ୍ଟୋବର ୧୩ ତାରିଖରେ ଶୁଣାଣୀ ପାଇଁ ଧାର୍ଯ୍ୟ ହୋଇଥିଲେ ମଧ ଆଗକୁ ଆଉ ତାରିଖ ପଡୁନାହିଁ। ଫଳରେ ମାମଲାର ଅନ୍ତ କେବେ ଘଟିବ ସେନେଇ ସମସ୍ତଙ୍କ ମନରେ ସଂଶୟ ଲାଗି ରହିଛି। ଖୁବଶୀଘ୍ର ମାମାଲାର ଶୁଣାଣୀ ପାଇଁ ଓଏସ୍ଏସ୍‌ସି ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ଆଶାୟୀମାନେ ଆନ୍ଦୋଳନରୁ ଓହରିଛନ୍ତି।

ସାମଗ୍ରିକ ଭାବେ ପରୀକ୍ଷା ବିଳମ୍ବର କାରଣ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ହୋଇଥିଲେ ମଧ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ସରକାର କୌଣସି

- ପରୀକ୍ଷାର ୨ ଦିନ ପୂର୍ବରୁ ୩ ଥର ଘୁଞ୍ଚିଲାଣି ପରୀକ୍ଷା
- ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ କୋର୍ଟକୁ ଯାଇଛି ମାମଲା
- ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍

କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଫଳରେ ରାଜ୍ୟରେ ହେଉଥିବା ଅନ୍ୟ ନିଯୁକ୍ତି ପରୀକ୍ଷାରେ ମଧ ସମାନ ଧରଣର ତ୍ରୁଟି ପରିଲକ୍ଷିତ ହେଉଛି। ବାରମ୍ବାର ପରୀକ୍ଷା ପରିଚାଳନାରେ ତ୍ରୁଟି ଓ ବିଭ୍ରାଟ ପରୀକ୍ଷାର୍ଥୀଙ୍କ ମନୋବଳକୁ ଦୁର୍ବଳ କରୁଥିବାବେଳେ ପରୀକ୍ଷା ଦେଇ ନପାରି ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

● ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ

# କୋର୍ଟ ମାଲଖାନାରୁ ବିପୁଳ ସାମଗ୍ରୀ ଚୋରି

ସୋର, ୩।୧୧(ସମିସ): ଜିଲ୍ଲା ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇ ଚୋରମାନେ ସୋର କୋର୍ଟ ପରିସରରେ ଥିବା ସେସନସ କୋର୍ଟ ମାଲଖାନାରୁ ଚୋରି କରି ନେଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ସୋର କୋର୍ଟ ଉପରେ ସିମୁଳିଆ, ଖଇରା, ସୋର, ଔପଦା ଥାନା ନିର୍ଭରଶୀଳ ହେଉଥିବା ବେଳେ ଉକ୍ତ ମାଲଖାନାରେ ପୁଲିସ ପକ୍ଷରୁ ବିଭିନ୍ନ ସମୟରେ ଜବତ କରାଯାଇଥିବା ସୁନା, ରୁପା ଅଳଙ୍କାର ସମେତ ବନ୍ଧୁକ, ବ୍ରାଉନ ସୁଗାର ଆଦି ନିଶା ଦ୍ରବ୍ୟ ମଧ୍ୟ ରଖାଯାଇଥିଲା । ଗତକାଲି ବିଳମ୍ବିତ ରାତିରେ କୋର୍ଟ ପାଚେରିକୁ ଲାଗି ପଛପଟେ ଥିବା ସ୍କୁଲ ଦିଗରୁ କିଛି ଦୁର୍ବୃତ୍ତ ଗ୍ରୀଲ କାଟି କୋର୍ଟ ଭିତରକୁ ପ୍ରବେଶ କରିଥିଲେ । ପରେ କୋର୍ଟରେ ଲାଗିଥିବା ୧୨ଟି ସିସି କ୍ୟାମେରାକୁ ଭାଙ୍ଗିବା ସହିତ ସୁନା, ରୁପା ଅଳଙ୍କାର, ବ୍ରାଉନ ସୁଗର ଓ ବନ୍ଧୁକ ଚୋରି କରି ଫେରାର ହୋଇ ଯାଇଥିଲେ । ଆଜି ସକାଳେ କୋର୍ଟ ଖୋଲିବା ସମୟରେ ଏ ବାବଦରେ ଜାଣିବା ପରେ ଜିଲ୍ଲା ରେଜିଷ୍ଟ୍ରାର, ଜିଲ୍ଲା ଅତିରିକ୍ତ ଜଜଙ୍କ ସମେତ ସୋର କୋର୍ଟର ଜଜ୍, ଓକିଲ ଓ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପରେ ସାଇଣ୍ଟିଫିକ ଟିମ ସନ୍ଧାନି କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିବା ଜଣାପଡ଼ିଛି । ତେବେ ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ଜଜ ସତ୍ୟନାରାୟଣ ମିଶ୍ର କୋର୍ଟରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି ।

## ଛଅ ମାସ ବିତିଲା; ରାସ୍ତାକଡ଼ରେ ପଡ଼ିଲାନି ମୋରମ

# ଉଠିଗଲାଣି ପିଚୁ, ବାଲିବସ୍ତା ପକାଇ ଲୁଚାଇବାକୁ ଉଦ୍ୟମ

ବାଲିଆପାଳ, ୩।୧୧ (ସମିସ)



ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ଠାରୁ କାଳରୁହି ପର୍ଯ୍ୟନ୍ତ ୫ କି.ମି ରାସ୍ତାରୁ ୨ କି.ମି ରାସ୍ତା ଜଳସେଚନ ବିଭାଗ ପକ୍ଷରୁ ଛଅ ମାସ ତଳୁ କାମ ସରିଛି । ମାତ୍ର ଏଯାବତ ଦୁଇ ପାଶ୍ୱର୍ରେ ମୋରମ ପଡ଼ି ପାରିନାହିଁ । ଦୁଇ ପାଶ୍ୱର୍ରେ ଖାଲଖମାର ଭର୍ତ୍ତି । ଜାମକୁଣ୍ଡା ପଞ୍ଚାୟତର ପ୍ରାୟ ଦଶହଜାର ଲୋକ ଏବଂ ପନ୍ତେଇ ଘାଟରୁ ନଦୀ ପାର ହୋଇ ବାଲିଆପାଳକୁ ଭୋଗରାଇ ବ୍ଲକରୁ ଶହଶହ ଲୋକଙ୍କ ଯିବା ଆସିବା କରିବାର ଏହି ରାସ୍ତା ଏକମାତ୍ର ମାଧ୍ୟମ । ସ୍କୁଲ, ଏବଂ କଲେଜ ପିଲାମାନେ ମଧ୍ୟ ଏହି ରାସ୍ତାରେ ଯାବାଆସିବା କରନ୍ତି । ରାସ୍ତାକଡ଼ରେ ମୋରମ ନ ପଡିବା ଯୋଗୁଁ ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ବହୁ ଦୁର୍ଘଟଣାର ଶିକାର ହେଉଥିବାର ଅଭିଯୋଗ ହୋଇଆସୁଥିଲା । ଏପରିକି ଏହି ରାସ୍ତା ବନ୍ଧ ଉପର ହୋଇଥିବାରୁ ଦୁର୍ଘଟଣା ଘଟିଲେ ୯/୧୦ ଫୁଟ ତଳକୁ ପଡିଥିବାର ସମ୍ଭାବନା ରହିଛି । ଏତେ ନିମ୍ନମାନର କାର୍ଯ୍ୟ ହୋଇଛି ଯାହାକି ପିଚୁ ଉଠି ଗଲାଣି । ଅଧିକା ପିଚୁ ଉଠିବା ସମ୍ଭାବନା ଥିବାରୁ ବିଭାଗ ଏବଂ ଠିକାଦାରଙ୍କ ସଲାସୁତ୍ରରାରେ ରାତି ଅଧରେ ବାଲି ବସ୍ତା ପକାଯାଇ ଲୁଚାଇବାକୁ ଉଦ୍ୟମ କରାଯାଇଛି ବୋଲି ଅସିତ୍ ସାମଲ, ହରି ନାରାୟଣ ସାହୁ, ଅଜୟ ସାମଲ,ଅସିତ ସାମଲ, ରାଧାଶ୍ୟାମ ବେହେରା, ପ୍ରଶାନ୍ତ ସାହୁ, ତାପସ ଜେନା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଆଗରୁ ରାସ୍ତା ନିର୍ମାଣ ହେଉଥିବା ସମୟରେ ନିମ୍ନ ମାନର କାର୍ଯ୍ୟ ହେଉଥିବା ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀମାନଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ଜଳସେଚନ ବିଭାଗର ଜେଇ ନନିଗୋପାଳ ସେନ କହିଛନ୍ତି ବର୍ଷା ପରେ ମୋରମ ପକାଯିବ । ଏଠାରେ ପ୍ରଶ୍ନ ଉଠୁଛି ସରକାର ଲୋକଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଏବଂ ଠିକାଦାରଙ୍କ ଅଧିକ ଲାଭ ପାଇ ରାସ୍ତା କାମକୁ ଅଧାପନ୍ତରିଆ କରୁଛନ୍ତି, ଯାହାକି ସରକାରଙ୍କ ଅର୍ଥ ଲୋକଙ୍କ ହିତରେ ନ ଆସି ବାଟମାରଣା ହେଉଛି ।

# ହିନ୍ଦୁ ସୁରକ୍ଷା ମଞ୍ଚର ଜନସଚେତନତା ସଭା




ଭୋଗରାଇ, ୩।୧୧ (ସମିସ): ଭୋଗରାଇ ବ୍ଲକ ଉପାନ୍ତ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁର ଗାଁର ଗ୍ରାମଚଣ୍ଡୀ ପୀଠରେ ହିନ୍ଦୁ ସୁରକ୍ଷା ମଞ୍ଚର ଏକ ଜନ ସଚେତନତା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଦିନକୁ ଦିନ ଭିନ୍ନ ସମ୍ପ୍ରଦାୟର ବ୍ୟକ୍ତି ମାନେ ବିଭିନ୍ନ ବେଶ ଭୁଷା ଧରି ତଥା ଫେରିବାଲା ସାଜି ଗ୍ରାମାଞ୍ଚଳରେ ହିନ୍ଦୁ ସମାଜ, ହିନ୍ଦୁ ଧର୍ମ, ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କ ହୃଦୟ ଏବଂ ସମ୍ମାନରେ କୁଠାରଘାତ କରିବା ସହିତ ଗୋ ଚାଲାଣ, ହିନ୍ଦୁ ମାତୃଜାତି ପ୍ରତି ବିଭିନ୍ନ ଷଡଯନ୍ତ୍ର ରଚି ଲଭ ଜିହାଦ ଭଳି ଏକ ଭୟଙ୍କର ଓ ମରଣାନ୍ତକ ଯୋଜନା କରି ଚାଲିଛନ୍ତି । ଏଣୁ ଗ୍ରାମାଞ୍ଚଳକୁ ଆସୁଥିବା ଉକ୍ତ ବେଧର୍ମୀମାନଙ୍କ ବିରୁଦ୍ଧରେ ଯଥାଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନକୁ ଅବଗତ କରିବା ସହିତ ସେମାନଙ୍କ ପରିଚୟ ପତ୍ର ଯାଞ୍ଚ କରିବାକୁ ବୈଠକରେ ଉପସ୍ଥିତ ଶତାଧିକ ମହିଳାମାନଙ୍କୁ ସଚେତନ କରାଯାଇଛି । ଏଥିସହ ଗୋ ଚାଲାଣ ଓ ପ୍ରତ୍ୟେକ ଅନୁପ୍ରବେଶ କାରୀ ଫେରିବାଲାଙ୍କ ଉପରେ କଡ଼ା ନଜର ରଖି ହିନ୍ଦୁ ସୁରକ୍ଷା ମଞ୍ଚ ତଥା ନିକଟସ୍ଥ ଥାନାକୁ ଅବଗତ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି । ଏଥିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଭୋଗରାଇ ଖଣ୍ଡ ଶାରୀରିକ ପ୍ରମୁଖ ପ୍ରଦୀପ ଗିରି ଓ ବିଶ୍ୱ ସନାତନ କଲ୍ୟାଣ ସଂଘର ରାଜ୍ୟ ସଭାପତି ମନୋରଞ୍ଜନ ମହାନ୍ତି, ଜିଲ୍ଲା ସଭାପତି ପ୍ରଦୀପ ଗିରି, ଜିଲ୍ଲା ସଂଯୋଜକ ଭଗବାନ ଚନ୍ଦ୍ର ବେହେରା, ସଦସ୍ୟ ରାମକୃଷ୍ଣ ପରିଡ଼ା, ଜଳେନ୍ଦ୍ର ବେହେରା, ନିର୍ମଳ ପଟ୍ଟାୟତ, ସନ୍ତୋଷ ପଟ୍ଟାୟତ ପ୍ରମୁଖଙ୍କ ସମେତ ହିନ୍ଦୁ ଜାଗରଣ ମଞ୍ଚର ବହୁ ସଦସ୍ୟ ଓ ହିନ୍ଦୁ ଧର୍ମାବଲମ୍ବୀ ଉପସ୍ଥିତ ଥିଲେ ।

# ବିଦ୍ୟୁତ ସମସ୍ୟା ନେଇ ଅଭିଯୋଗ




ରାଜଘାଟ, ୩।୧୧ (ସମିସ): ବସ୍ତା ଉପଭୋକ୍ତା ମଞ୍ଚ ପକ୍ଷରୁ ବିଦ୍ୟୁତ ବିଭାଗର ଅବହେଳା, କର୍ମଚାରୀଙ୍କ ଦୁର୍ବ୍ୟବହାର ଏବଂ ଅଘୋଷିତ ବିଦ୍ୟୁତ କାଟକୁ ନେଇ ବିଦ୍ୟୁତ ବିଭାଗୀୟ ବିଭିନ୍ନ ଅବହେଳା ନେଇ ବିଭାଗୀୟ ଏସ୍‌ଡିଓଙ୍କ ଜରିଆରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଲିଖିତ ଅଭିଯୋଗ ହୋଇଛି । ସୋମବାର ବସ୍ତା ବିଦ୍ୟୁତ ଉପଭୋକ୍ତା ମଞ୍ଚ ସଭାପତି ଚନ୍ଦନ କୁମାର ପାତ୍ରଙ୍କ ନେତୃତ୍ୱରେ ମଞ୍ଚର ସଦସ୍ୟ/ସଦସ୍ୟା ବାହାର୍ଦ୍ଧାସ୍ଥିତ ଏସଡିଓ କାର୍ଯ୍ୟାଳୟରେ ପହଁଚି ଉପଭୋକ୍ତା ମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର, ବିନା କାରଣରେ ବିଦ୍ୟୁତ କାଟ କରିବା, ଉପଭୋକ୍ତା ମାନଙ୍କ ବିଦ୍ୟୁତ ସମ୍ବନ୍ଧୀୟ କୌଣସି ସମସ୍ୟା ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଫୋନ କଲେ ଫୋନ ରିସିଭ ନକରିବା, ଫୋନ ରିସିଭ କଲେ ବିଭିନ୍ନ ଆଳ ଦେଖାଇବା ସହ ଦୁର୍ବ୍ୟବହାର କରୁଥିବା ନେଇ ଲିଖିତ ଅଭିଯୋଗ ବିଭାଗୀୟ ଏସଡିଓଙ୍କ ଜରିଆରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଉପଭୋକ୍ତା କହିବା ଅନୁଯାୟୀ ବିଦ୍ୟୁତ ସଂଯୋଗୀ କାରଣ ପାଇଁ ମିଟର ଓ କେବୁଲ ତାର ଟଙ୍କା ପୈଠ କରାଯାଇଥିବା ପରେ ବି ତାର ଓ ମିଟର ପୈଠ କରିବାକୁ ବିଲ୍‌ରେ ଆସୁଛି । ଏପରି ଅନେକ ସମସ୍ୟାର ଉପଭୋକ୍ତା ସମ୍ମୁଖିନ ହେଉଥିବାର ନେଇ ଆଜି ଉପଭୋକ୍ତା ମଞ୍ଚ ପକ୍ଷରୁ ଲିଖିତ ଅଭିଯୋଗ କରିଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଉପଭୋକ୍ତାଙ୍କ ସ୍ୱାର୍ଥ (ସମସ୍ୟା) କୁ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଉପଭୋକ୍ତା ମଞ୍ଚ ସଦସ୍ୟ/ସଦସ୍ୟାମାନେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି କଡା ଚେତାବନୀ ଦେଇଛନ୍ତି । ଦାବି ପ୍ରଦାନ ବେଳେ ଉପଭୋକ୍ତା ମଞ୍ଚର ସଦସ୍ୟା ପ୍ରମିଳା ସୁର, ଅର୍ପିତା ରାଉଳ, ସଦସ୍ୟ ସୀତାକାନ୍ତ ଦାସ, ଅନ୍ତର୍ଯ୍ୟାମୀ ରାଉଳ, ଶ୍ରୀମାନ ଶଙ୍କର ଜେନା, ସତ୍ୟ ଶଙ୍କର ଦାସ ମହାପାତ୍ର, ନରେନ୍ଦ୍ର ପରିଡ଼ା, କାଳିପଦ ଆଗୁଆଣ, ତପନ ଜେନା, ସନାତନ ଦାସ, ସୁଦାମ ଚରଣ ଗାଣ, ଉମେଶ ବେହେରା, ଶିଶିର ରଥ, କୁମୁଦ ରଞ୍ଜନ ଗିରି, ଟୁନା ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ ଯବାନଙ୍କୁ ଜନ୍ମମାଟିରେ ଭବ୍ୟ ସମ୍ବର୍ଦ୍ଧନା

ବାଲିଆପାଳ/କାଳିପଦା, ୩।୧୧ (ସମିସ): ସେନା ବାହିନୀରେ ଦୀର୍ଘ ୩୦ ବର୍ଷ କାଳ ଚାକିରି କଲା ପରେ ଏବେ ଅବସର ଗ୍ରହଣ କରିଛନ୍ତି ବାଲିଆପାଳ ବ୍ଲକ ଘଣ୍ଟୁଆ ଗ୍ରାମର ମେଜର ସୁବେଦାର ବିଭାସ ରଞ୍ଜନ ଦାସ । ସେ ଉତ୍ତରାଖଣ୍ଡ ରୋର୍ଡକି ସେକ୍ଟରରୁ ଚାକିରୀ ଜୀବନ ଶେଷ କରି ଆଜି ଗାଁ ଫେରୁଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିରେ ବାଲିଆପାଳ ପୂର୍ବତନ ସୈନିକ ସଂଗଠନର ସଭାପତି କମଳ ଲୋଚନ ପିଳା, ଉପସଭାପତି ମନୋଜ କୁମାର ସି, ସମ୍ପାଦକ ରାଧାନାଥ ରାଉତ, ପଦ୍ମ ଲୋଚନ ଚକ୍ରବର୍ତ୍ତୀ, ଚୈତନ୍ୟ କୁମାର ପ୍ରଧାନ, ଜଗନ କୁମାର ପ୍ରଧାନ, ବିଜୟ କୁମାର ବେହେରା, ରାମ ଚନ୍ଦ୍ର ଜେନା, ସୁଶାନ୍ତ କୁମାର ରାଉତ, ଜୟୀରାମ ପାତ୍ର, ମୁକୁନ୍ଦ ଟୁଡୁ, ପୂର୍ବତନ ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ



ଶଶଧର ପ୍ରଧାନ, ନରହରି ଜେନା, ଅଧ୍ୟାପକ ଶାନ୍ତିମୟୀ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ । ଏଥିପାଇଁ ଦେଭୋଗ ଛକରୁ ବିଭିନ୍ନ ବର୍ଗ ଲୋକଙ୍କ ଏକ ଶୋଭାଯାତ୍ରା ବାହାରି ମେଜର ସୁବେଦାର ଦାସଙ୍କୁ ତାଙ୍କ ପୈତୃକ ଘର ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା । ସନ୍ଧ୍ୟାକୁ ଗାଁ ରେ ମଧ୍ୟ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା ।


# ଧର୍ମପରାୟଣା ମହିଳାଙ୍କ ପରଲୋକ

କମର୍ଦ୍ଦା, ୩।୧୧(ସମିସ) : ଭୋଗରାଇ ବ୍ଲକ ଦୁଡ଼ପଲ ପଞ୍ଚାୟତ ଅଧୀନ ନିଜାମପୁର ଗ୍ରାମର ରବୀନ୍ଦ୍ର ରାଉତଙ୍କ ଧର୍ମ ପତ୍ନୀ ବାସନ୍ତୀ ରାଉତଙ୍କ ୭୨ ବର୍ଷ ବୟସରେ ନିଜ ବାସଭବନରେ ଆଜି ବିୟୋଗ ଘଟିଛି । ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ । ସେ ଜଣେ ସରଳ, ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ । ତାଙ୍କ ମୃତ୍ୟୁରେ କମର୍ଦ୍ଦାର ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପାତ୍ର, ପ୍ରମଥ କୁମାର ଦାସ, ବିଶିଷ୍ଟ ସାମ୍ବାଦିକ ଓ ସମାଜସେବୀ ସତ୍ୟଶିବ ଦାସ, କବି ସୁକୁମାର ଦାସ, ରାଜେନ୍ଦ୍ର ରାଉତ, ବିଷ୍ଣୁପଦ ପାଲ, ଅକ୍ଷୟ କୁମାର ଜେନା, ହରନାରାୟଣ ରାଉତ, ଡା. ରବିନାରାୟଣ ଦାସ, ସୁଜିତ କୁମାର ପାତ୍ର, ମାନସ କୁମାର ରାଉତ ସହିତ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି । ଗାଁ ଶ୍ମଶାନ ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ପୁତ୍ର ଚନ୍ଦନ ମୁଖାଗ୍ନି ଦେଇଥିଲେ ।

## ବସ୍ତା ବ୍ଲକ କାର୍ଯ୍ୟାଳୟ

# ଲାଗିଲା ବାୟୋମେଟ୍ରିକ ମେସିନ; କର୍ମଚାରୀ ଛାନିଆ


ବସ୍ତା ବ୍ଲକ, ୩।୧୧ (ସମିସ)




ଗତ କିଛି ବର୍ଷ ଧରି ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ମନମାନି ସାଧାରଣ ଲୋକଙ୍କୁ ବ୍ୟଥିତ କରିଛି । ସରକାର ସରକାରୀ ଅଫିସକୁ କର୍ମଚାରୀ ଆସିବାର ସମୟ ଧାର୍ଯ୍ୟ କରିଥିବାବେଳେ ସରକାରୀ ବାବୁ ମାନେ ଏହାକୁ ମାନୁ ନ ଥିବା ଦେଖିବାକୁ ମିଳିଛି । ଦିନ ୧୨ଟାରେ ବି ସରକାରୀ କାର୍ଯ୍ୟାଳୟକୁ ଗଲେ ଚେୟାର ଫାଙ୍କା । ପଚାରିଲେ ଗୋଟିଏ କଥା ବାବୁ ମାନେ ଫିଲ୍ଡରେ ଅଛନ୍ତି । କିଏ କହେ ମିଟିଂ ତ କିଏ କହେ ହେଡ ଅଫିସ୍‌କୁ କାମରେ ଆସିଛି । ନିଜ ନିଜ କାମ ପାଇଁ ଖର୍ଚ୍ଚାନ୍ତ ହୋଇ ସରକାରୀ କାର୍ଯ୍ୟାଳୟକୁ ଆସି ଅପେକ୍ଷା କରି କରି ଶେଷରେ ନିରାଶ ହୋଇ ଲୋକେ ଫେରୁଛନ୍ତି । ବିନା ଛୁଟି ନେଇ ନିଜ କାମ କରୁଛନ୍ତି ସରକାରୀ ବାବୁମାନେ । ବଡ଼ ଠାରୁ ସାନ କର୍ମଚାରୀଙ୍କ ସଲାସୁତ୍ରରାରେ ସବୁ ଚାଲିଛି । ଅଧିକାରୀମାନେ ନିଜେ ତ ଭୁଲ କରୁଛନ୍ତି ଅନ୍ୟକୁ କହିବେ କେମିତି । ଯିଏ ସ୍ୱର ଉଠାଇଲା ଜାଣି ଶୁଣି ତାକୁ ହଇରାଣ କରୁଛନ୍ତି ସରକାରୀ ବାବୁ । ସରକାରୀ କ୍ୱାର୍ଟରେ ଥାଇବି ଟ୍ରେନରେ ଯିବା ଆସିବା କରୁଛନ୍ତି । ସମୟ ପୂର୍ବରୁ କାମ ଅଛି କହି ପଳାଇ ଯାଉଛନ୍ତି । ସ୍କୁଲ, ଡାକ୍ତରଖାନା, ବ୍ଲକ, ତହସିଲଠାରୁ ଆରମ୍ଭ କରି ସବୁ ସରକାରୀ ଦପ୍ତରର ସ୍ଥିତି ସମାନ । ଛୁଟି ଦରଖାସ୍ତ ଲେଖି ବିନା ତାରିଖରେ ଅଫିସରେ ରଖି ପଳାଇ ଯାଉଛନ୍ତି । ଯଦି ବିରୋଧ ହେଲା ବା ଉପରୁ କେହି ହଠାତ୍ ଆସିଲେ ତାରିଖ ପକାଇ ସେ କର୍ମଚାରୀ ଛୁଟିରେ ଥିବା କହି ବର୍ତ୍ତି ଯାଉଛନ୍ତି । ସମସ୍ତ ସରକାରୀ କାର୍ଯ୍ୟାଳୟରେ ବାୟୋ ମେଟ୍ରିକ୍ ଲଗାଇବା ପାଇଁ ସରକାର ନିର୍ଦ୍ଦେଶ ଥିବା ବେଳେ ଏହାକୁ ଖୋଲାଖୋଲି ମାନୁନାହାନ୍ତି ଅଧିକାରୀ । ବସ୍ତା ବ୍ଲକ କାର୍ଯ୍ୟାଳୟରେ ୧ ତାରିଖରୁ ଲାଗିଛି ବାୟୋମେଟ୍ରିକ । ଯାହାକୁ ନେଇ କର୍ମଚାରୀଙ୍କ ମନରେ ଛନକା ପଶିଛି । ସେହିପରି ବ୍ଲକର ସମସ୍ତ ବିଭାଗରେ ବାୟୋମେଟ୍ରିକ ଲଗାଇବାକୁ ସବୁ ମହଲରେ ଦାବି ହୋଇଛି । ସେହିପରି ସବୁ ସରକାରୀ କାର୍ଯ୍ୟାଳୟରେ ବାୟୋ ମେଟ୍ରିକ୍ ଲଗାଇ ବାକୁ ବୁଦ୍ଧିଜୀବୀ ଦାବି କରିଥିବାବେଳେ ସରକାରଙ୍କ ଏହି ନିୟମକୁ କଡାକଡି ପାଳନ କରିବାକୁ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେବା ସହିତ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ସୋର, ୩।୧୧(ସମିସ): ସୋର ତହସିଲ ଓ ପୌରପାଳିକା ପକ୍ଷରୁ ବଡଖୁରୀ ଛକରୁ ଇଶ୍ୱରପୁର ପର୍ଯ୍ୟନ୍ତ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି । ସୋର ବଡଖୁରୀ ଛକରୁ ଇଶ୍ୱରପୁର ମଧ୍ୟରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ଏହି ରାସ୍ତା ନିର୍ମାଣରେ ରାସ୍ତାର ଉଭୟ ପାଶ୍ୱର୍ରେ ହୋଇଥିବା ଜବରଦଖଲ ବାଧକ ସାଜିବାରୁ ଜବରଦଖଲ ହଟାଇବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ଅଭିଯୋଗ କରାଯାଇଥିଲା । ଫଳରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ଲୋକମାନଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଅବଗତ କରାଯାଇଥିଲା । ଫଳରେ ଆଜି ପୂର୍ବାହ୍ନରେ ସୋର ତହସିଲଦାର ଦୈତାରି ମଲ୍ଲିକ, ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ, ସୋର ପୁଲିସ ସହଯୋଗରେ ଏହି ରାସ୍ତାର ଉଭୟ ପାଶ୍ୱର୍ରେ ଦେଢ କିମି ପର୍ଯ୍ୟନ୍ତ ହୋଇଥିବା ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଏହି ଜବରଦଖଲ ଉଚ୍ଛେଦ ସମୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା ।




# ଜଗଦୀଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା

ଜଳେଶ୍ୱର ବ୍ଲକ, ୩।୧୧ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାକିଡ଼ିଆ ପଞ୍ଚାୟତ କୁଆଁରପୁର ଜଗଦୀଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳିପଦ ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସମସ୍ତ ଶିକ୍ଷକଙ୍କ ସହଯୋଗରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ପିଲାମାନେ ବିଜ୍ଞାନ ଶିକ୍ଷକ ଗୋପାଳ କୃଷ୍ଣ ଘୋଷଙ୍କ ସହଯୋଗରେ ୨୮ଟି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ । ସମସ୍ତ ପ୍ରକଳ୍ପକୁ ବିଚାରକ ମଣ୍ଡଳୀ ଦ୍ୱାରା ନିରୀକ୍ଷଣ କରାଯାଇଥିଲା । ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିଥି ଓ ବିଚାରକ ଭାବେ ଓଲମରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗଳ ମାରାଣ୍ଡି, ପ୍ରଧାନ ଶିକ୍ଷକ କାଳିପଦ ଖୁଣ୍ଟିଆ, ବିଜ୍ଞାନ ଶିକ୍ଷକ ବିଶେଶ୍ୱର ଘଡେଇ, ବଂଶୀଧର ପାଳ, ଗଜେନ୍ଦ୍ର କୁମାର ବେହେରା, ସମରେନ୍ଦ୍ର ସାହାଣୀ, ସାମ୍ବାଦିକ ଆଲୋକ ଚନ୍ଦ୍ର ଘଡେଇ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗୋପାଳ କୃଷ୍ଣ ଘୋଷ ମଞ୍ଚ ପରିଚାଳନା କରିଥିଲେ ଏବଂ ଶେଷରେ ଖେଳ ଶିକ୍ଷକ ଅତୁଲ ସାମଲ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଜୁନିୟର ବିଭାଗରେ ପ୍ରଥମ ହୋଇଥିବା ଶୁଭଙ୍କର ସାମଲ ଏବଂ ସିନିୟର୍ ବିଭାଗରେ ଅଂଶୁମାନ ଘୋଷଙ୍କୁ ପୁରସ୍କୃତ କରିବା ସହ ସମସ୍ତ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ ଦୁଇ ଜଣ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାରେ ଯୋଗ ଦେବାର ସୁଯୋଗ ପାଇବେ । ବିଦ୍ୟାଳୟର ଶିକ୍ଷକ ଶ୍ୟାମଶଙ୍କର କୁଇଲା, ନନି ଗୋପାଳ ମିଶ୍ର ଓ ଶିକ୍ଷା କର୍ମଚାରୀ କାର୍ତ୍ତିକ ଚନ୍ଦ୍ର ପାତ୍ର, ଗଣେଶ ଚନ୍ଦ୍ର ପାତ୍ର, ସର୍ବେଶ୍ୱର ସାମଲ ପ୍ରମୁଖ ସହଯୋଗ କରିଥିଲେ ।




# ବିଦ୍ୟାଳୟରୁ ଚୋରି ଅଭିଯୋଗ

ସୋର, ୩।୧୧(ସମିସ): ସୋର ବ୍ଲକ ମୂଳିସିଂ ପଞ୍ଚାୟତ ଥାଳା ସାମପୁର ଗ୍ରାମରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟରୁ ଏକ ସମର ସିବଲ ମଟର ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି । ଏହି ଗ୍ରାମରେ ଥିବା ଭଜହରୀ ଉଚ୍ଚ ବିଦ୍ୟାଳୟରେ ଲାଗିଥିବା ଏକ ସମର ସିବଲ ମଟର, କେବୁଲ ତାର ଏବଂ ପାଇପକୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଯାଇଛି । ଆଜି ସକାଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ପହଞ୍ଚିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏ ବାବଦରେ ସନ୍ଧ୍ୟାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କର ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

### ଜିଲ୍ଲା ମୁଖ୍ୟାଳୟରେ ମିଳିତ ଜନଶୁଣାଣି

# ୨୨୪ ଅଭିଯୋଗରୁ ୩୫ଟିର ତତ୍କାଳ ଫଇସଲା

ବାଲେଶ୍ୱର,୩।୧୧(ସମିସ)



ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୨୨୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୮୮ଟି ମାମଲା ବ୍ୟକ୍ତିଗତ ରହିଥିବା ବେଳେ ୯ଟି ସାମୁହିକ ସମସ୍ୟା ଉପରେ ରହିଥିଲା। ଏହାବ୍ୟତିତ ୨୭ଟି ମାମଲା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ଆବେଦନ ହୋଇଥିଲା। ଶିବିରରେ ୩୫ଟି ମାମଲାକୁ ତତ୍କ୍ଷଣାତ ଫଇସଲା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା, ଉପଜିଲ୍ଲାପାଳ ଶିବ ମାଳବୀୟ ପ୍ରମୁଖ ଉପସ୍ଥିତ ଥିଲେ।

**ଚିକିତ୍ସା ସହାୟତା ନିବେଦନ:** ସଦର ବ୍ଲକ ଅର୍ନ୍ତଗତ ଆଳୁମଦା ଗ୍ରାମର ଗୌରହରି ବାରିକ ମସ୍ତିଷ୍କ ରୋଗରେ ପୀଡିତ। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ। ଏପରିକି ଔଷଧ କିଣି ଖାଇବାକୁ ପାଖରେ ଟଙ୍କାଟିଏ ନାହିଁ। ଅଧିକ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ସେ ଜିଲ୍ଲାପାଳଙ୍କଠାରେ ନିବେଦନ କରିଛନ୍ତି।

**ଦିବ୍ୟାଙ୍ଗ ଭତ୍ତା ବୃଦ୍ଧି ଦାବି :** ବାଲେଶ୍ୱର ପୌରପାଳିକା ଅର୍ନ୍ତଗତ ଏକ ନମ୍ବର ୱାର୍ଡର ସନ୍ତୋଷ ମାଝୀଙ୍କୁ ମଧୁବାବୁ ପେନସନ ଯୋଜନାରେ ମିଳୁଥିବା ଦିବ୍ୟାଙ୍ଗ ଭତ୍ତା ବୃଦ୍ଧି କରିବା ପାଇଁ ଜିଲ୍ଲାପାଳଙ୍କଠାରେ ନିବେଦନ କରିଛନ୍ତି। ସେ ୮୦ପ୍ରତିଶତ ବିକଳାଙ୍ଗ ବୋଲି ଚିହ୍ନଟ ହୋଇଛନ୍ତି। ହେଲେ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ମାସକୁ ୧୨ଶହ ଟଙ୍କା ପାଉଛନ୍ତି। କିନ୍ତୁ ସରକାରଙ୍କ ନିୟମ ଅନୁସାରେ ୮୦ପ୍ରତିଶତରୁ ଅଧିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ୩୫ଶହ ଟଙ୍କା ମିଳିବା କଥା ହେଲେ ସେ ପାଉନାହାନ୍ତି। ଏଣୁ ବର୍ଦ୍ଧିତ ଭତ୍ତା ଯୋଗାଇଦେବାକୁ ସେ ଦାବି କରିଛନ୍ତି।

**ସରକାରୀ ସହାୟତା ମିଳୁ:** ସଦର ବ୍ଲକ ହଳଦୀପଦା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା ପାରାଲିସିସ ରୋଗରେ ଆକ୍ରାନ୍ତ। ଏପରିକି ତାଙ୍କ ପତ୍ନୀଙ୍କର ବୟସ ୬୦ବର୍ଷରୁ ଅଧିକ। ଏକମାତ୍ର ପୁଅ ଶିବସୁନ୍ଦର ବେହେରାଙ୍କ ଗତ ଅଗଷ୍ଟ ମାସରେ ମୃତ୍ୟୁ ହୋଇଯାଇଛି। ଏଣୁ ତାଙ୍କ ପରିବାର ଚଳିବା ସହ ତାଙ୍କର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ତାଙ୍କୁ ସରକାରଙ୍କ ବର୍ଦ୍ଧିତ ଭତ୍ତା ୩୫ଶହ ଏବଂ ତାଙ୍କ ପତ୍ନୀଙ୍କର ୬୦ବର୍ଷର ଭତ୍ତା କରାଇଦେବାକୁ ସେ ଜିଲ୍ଲାପାଳଙ୍କଠାରେ ଗୁହାରି କରିଛନ୍ତି।

### ● ବାଲେଶ୍ୱର ପୁଲିସର ସ୍ୱତନ୍ତ୍ର ଡ୍ରାଇଭ

## ଏକାଧିକ ଘରୁ ବନ୍ଧୁକ ଜବତ

ବାଲେଶ୍ୱର,୩।୧୧(ସମିସ): ବାଲେଶ୍ୱରରେ ଏବେ ଅପରାଧ ବହୁମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଯାହାଫଳରେ ପୁଲିସ ଏବେ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିଛି। ପୁଲିସ ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏହି ଚଢ଼ାଉ ବେଳେ ରେମୁଣା ଓ ସହରର ଏକାଧିକ ଘରୁ ବନ୍ଧୁକ ଜବତ ହୋଇଛି। ପୁଲିସ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ରେମୁଣା ଓ ସହରର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଡ୍ରାଇଭ ଯୋଗେ ଚଢ଼ାଉ କରାଯାଇଥିଲା। ରେମୁଣା ମନ୍ଦିର ନିକଟ ଜଣଙ୍କ ଘର ଉପରେ ପୁଲିସ ଅତର୍କିତ ଭାବେ ଚଢ଼ାଉ କରିଥିବା ବେଳେ ସେଠାରୁ ଏକାଧିକ ବନ୍ଧୁକ ଜବତ ହୋଇଥିଲା। ପାଖାପାଖି୧୦ରୁ ଅଧିକ ବନ୍ଧୁକ ଜବତ ହୋଇଥିବା ଅନୁମାନ କରାଯାଇଥିବା ବେଳେ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ୟପଟେ ବନ୍ଧୁକ ଚୋରା ଚାଲାଣ ହେଉଥିବା ନେଇ ଅନୁମାନ କରାଯାଉଥିବା ବେଳେ ଦୁଇ ଜଣଙ୍କୁ ପୁଲିସ ଅଟକ ମଧ୍ୟ ରଖିଛି। ହେଲେ ଏହି ଘଟଣା ନେଇ ପୁଲିସ କୌଣସି ତଥ୍ୟ ଦେଉ ନାହିଁ। ଅନ୍ୟପଟେ ଏସପି ପ୍ରତ୍ୟୁଷ ଦିବାକର କହିଛନ୍ତି ଯେ, ଏବେ ଏକ ସ୍ୱତନ୍ତ୍ର ଡ୍ରାଇଭ ଚାଲିଛି। ଆଉ ଗୋଟିଏ ଦୁଇଦିନ ଲାଗିବ। ଚଢ଼ଉ ସମାପ୍ତ ହେବା ପରେ ସମସ୍ତ ଘଟଣା ଜଣାଯିବ।

## କଲାମ ଟ୍ରଷ୍ଟ ପକ୍ଷରୁ ନିରୋଗ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର, ୩।୧୧(ସମିସ): କଲାମ ମେମୋରିଆଲ ଚେରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଓ ବିଶ୍ୱ ରେକର୍ଡ ଅଧିକାରୀ ଡ. ପଙ୍କଜ କୁମାର ଜେନାଙ୍କ ଅନୁରୋଧ ରକ୍ଷା କରି ବିନା ଔଷଧରେ ଡାଇବେଟିସ, ଗ୍ୟାସ, ଲିଭର୍, କିଡନୀ ଭଳି ରୋଗକୁ ଭଲ କରି ପାରୁଥିବା ଡାକ୍ତର ମାଧବ ନାୟକ ଆଜି ବାଲେଶ୍ୱର ଆସିଥିଲେ। ଟ୍ରଷ୍ଟର ସଭାପତି ଆଇଟିଆର ଚାନ୍ଦିପୁରର ଅତିରିକ୍ତ ନିର୍ଦ୍ଦେଶକ ଡ. ନିଳାଦ୍ରୀ ରାୟଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଡଃ ନାୟକ ଖାଦ୍ୟ ପାନୀୟ ଦ୍ୱାରା ଆମେ କେମିତି ସୁସ୍ଥ ରହିବା ବୁଝାଇ ଥିଲେ। ଏଥିରେ ଭାଗ ନେଇ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏକ ତିନିଦିନିଆ ଶିବିର ଆୟୋଜନ କରିବାକୁ ଡ. ନାୟକଙ୍କୁ ଅନୁରୋଧ କରିଥିଲେ। ଡ. ନାୟକ ସମ୍ମତି ପ୍ରଦାନ କରି ଆସନ୍ତା ଜାନୁୟାରୀ ମାସରେ ଆୟୋଜନ କରିବାକୁ ଡ. ପଙ୍କଜ କୁମାର ଜେନାଙ୍କୁ କହିଥିଲେ। କାର୍ଯ୍ୟକ୍ରମକୁ ହରିପଦ ଭୂୟାଁ, ସଂଗ୍ରାମ କୁମାର ରାଉତ, ସୁଚିତ୍ରା ଜେନା, ଶୁଭଶ୍ରୀ ମିଶ୍ର, ବିଚିତ୍ରା ପ୍ରଧାନ, ଇନ୍ଦ୍ରଜିତ ପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ସିମୁଳିଆରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ସିମୁଳିଆ, ୩।୧୧ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବିଜୁ ଜନତା ଦଳ ତରଫରୁ ବିଶାଳ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ବିଜେଡି କର୍ମୀ ମାନେ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଭବନରେ ପହଂଚିବା ପରେ ଏକ ବିଶାଳ ବାଇକ ରାଲି ବାହାରି ବଜାର ପରିକ୍ରମା କରି ବରୀରେ ପହଞ୍ଚି ଥିଲେ। ସେଠାରୁ ପଦଯାତ୍ରାରେ ବାହାରି କହ୍ନେଇବିନ୍ଧାରେ ପହଞ୍ଚି ଥିଲେ। କହ୍ନେଇବିନ୍ଧା ପଂଚାୟତ ମାଆ ଦଶଭୁଜି ନିକଟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ ଥିବା ଅତିଥିମାନେ ଅପାରଗ ଓ ଦୁର୍ନୀତିଗ୍ରସ୍ତ ବିଜେପି ସରକାର ବିରୋଧରେ ଗର୍ଜନ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଓ ବିଜେଡ଼ିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲାପରିଷଦ ଉମାକାନ୍ତ ମହାରଣା ସହିତ ସିମୁଳିଆ ବ୍ଲକର ୨୨ଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

## ମିତ୍ରପୁର ଲାୟନ୍ସ କ୍ଲବ ଓ ଉମଙ୍ଗ ପକ୍ଷରୁ ରିଲିଫ୍ ବଣ୍ଟନ




ବାଲେଶ୍ୱର, ୩।୧୧(ସମିସ): ମିତ୍ରପୁର ଲାୟନ୍ସ କ୍ଲବ ଓ ଉମଙ୍ଗ ପକ୍ଷରୁ ରିଲିଫ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରମ୍ବାର ଲଘୁଚାପ ଜନିତ ବର୍ଷା ଯୋଗୁଁ ଅନେକ ତଳିଆ ଅଞ୍ଚଳର ଅତ୍ୟନ୍ତ ଗରିବ, ଅସହାୟ, ବାପ ମା ଛେଉଣ୍ଡ, ଦିବ୍ୟାଙ୍ଗ, ବିଧବା, ବୃଦ୍ଧ ବୃଦ୍ଧା ଜଳ ଘେର ମଧ୍ୟରେ ରହିଛନ୍ତି। ଫଳରେ ଖାଦ୍ୟପେୟ କିମ୍ବା ଆବଶ୍ୟକ ସାମଗ୍ରୀ ଅଭାବରୁ ଅସୁବିଧା ଭୋଗୁଥିବା ସୂଚନା ପାଇ ଅନ୍ତର୍ଜାତୀୟ ଲାୟନ୍ସ ଫଣ୍ଡ ଦ୍ୱାରା ୧୨୫ ପରିବାର ପାଇଁ ରିଲିଫ ସାମଗ୍ରୀ କିଟ ବ୍ୟବସ୍ଥା କରାଯାଇ ମିତ୍ରପୁର ସନ୍ନିକଟ ମହିସପଟା ଗ୍ରାମରେ ଚିହ୍ନଟ ପରିବାରଙ୍କୁ ମିତ୍ରପୁର ଲାୟନ୍ସ କ୍ଲବ ଓ ଲାୟନ୍ସ କ୍ଲବ ଉମଙ୍ଗ ମାଧ୍ୟମରେ ବଣ୍ଟନ କରାଯାଇଛି। ଉକ୍ତ କିଟ୍ ମଧ୍ୟରେ ଅଟା, ଡାଲି, ବେଡ଼ସିଟ, ଦାନ୍ତ ଘସା ପେଷ୍ଟ, ବ୍ରସ, ସାବୁନ, ଡେଟଲ, ତେଜରାତି ସାମଗ୍ରୀ, ଶୁଖିଲା ଖାଦ୍ୟ ମୁଢ଼ି, ଅମୃତାଞ୍ଜନ, ଦିଆସିଲି ଇତ୍ୟାଦି ପ୍ରାୟ ସାତ ଦିନର ଆବଶ୍ୟକ ସାମଗ୍ରୀ ରହିଛି। ଏହି କାର୍ଯ୍ୟକ୍ରମରେ ଉଭୟ କ୍ଲବ ସଭାପତି ଜ୍ୟୋତି ରଞ୍ଜନ ପ୍ରଧାନ, ଦୀପ୍ତି ଦାସଙ୍କ ସମେତ ରଞ୍ଜନ ବେହେରା, କବିତା ବେହେରା, ପ୍ରକାଶ କୁମାର ମହାପାତ୍ର, ସନ୍ଧ୍ୟାରାଣୀ ମହାପାତ୍ର, ଭାଗବତ ଦାସ, ଶର୍ମିଷ୍ଠା ଦାଶ, ଗିରିଜା ମିଶ୍ର, ସୁମିତା ଚାନ୍ଦ, ଦମୟନ୍ତୀ ପତି, ସଂଘମିତ୍ରା ମିଶ୍ର, ଜୟନ୍ତୀ ରାଉତଙ୍କ ସହ ରିଜିଓନ୍ ଚେୟାରପର୍ସନ ବନ୍ଦନା ରାୟ, ଜୟନ୍ତୀ ମହାପାତ୍ର, ରମେନ୍ଦ୍ର ଦାସ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ସୋର/ଔପଦା, ୩।୧୧(ସମିସ): ଔପଦା ଥାନା ବଡ଼ପୋଖରୀ ନିକଟରେ ଟ୍ରାକ୍ଟର ଧକ୍କାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ବଧି ଗ୍ରାମର ବିଶ୍ୱରଂଜନ ଜେନା (୧୬) ନିକଟସ୍ଥ ବଡ଼ପୋଖରୀ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢ଼ନ୍ତି। ଆଜି ସକାଳେ ଏକ ସ୍କୁଟି ଯୋଗେ ବିଶ୍ୱରଂଜନ ଓ ସେହି ଗ୍ରାମର ଭରତ କୁମାର ଦାସ (୨୦) ବଡପୋଖରୀ ବଜାରକୁ ଜେରକ୍ସ କରିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଏକ ଟ୍ରାକ୍ଟର ତାଙ୍କ ସ୍କୁଟିକୁ ପଛରୁ ଧକ୍କା ଦେବା ସହିତ ବିଶ୍ୱରଂଜନଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା। ଫଳରେ ଘଟଣା ସ୍ଥଳରେ ବିଶ୍ୱରଂଜନର ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଭରତକୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ଔପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ସୋର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ଆଣିଥିଲେ। ଏହି ଘଟଣା ପରେ ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ଟ୍ରାକ୍ଟରକୁ ଭଙ୍ଗାରୁଜା କରିବା ସହିତ ରାସ୍ତା ଅବରୋଧ କରିଥିଲେ। ଔପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଟ୍ରାକ୍ଟର ଏବଂ ସ୍କୁଟିକୁ ଜବତ କରି ଥାନାକୁ ନେବା ସହିତ ପରିବାର ଲୋକଙ୍କ ଅଭିଯୋଗ ମୂଳେ ଏକ ମାମଲା ରୁଜୁ କରି ସୋର ମେଡିକାଲରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଡାକ୍ତର ପ୍ରତାପଚନ୍ଦ୍ର ସାମଲଙ୍କ ଦେହାନ୍ତ

ବାଲେଶ୍ୱର, ୩।୧୧(ସମିସ): ସଦର ବ୍ଲକ ଅର୍ନ୍ତଗତ ରାଇସୁଆଁ ପଂଚାୟତ ଅଧିନ ରାଇସୁଆଁ ଗ୍ରାମର ଡାକ୍ତର ପ୍ରତାପ ଚନ୍ଦ୍ର ସାମଲଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ବର୍ଷ ହୋଇଥିଲା। ସେ ଜଣେ ସମାଜସେବୀ ହୋଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ, ମହୋତ୍ସବ ଏବଂ କମିଟିରେ ରହି ନିଷ୍ଠାପର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଦେହାନ୍ତ ଖବର ପାଇ ଆଖାପାଖ ଅଞ୍ଚଳରୁ ବହୁ ବ୍ୟକ୍ତି ଆସି ଶେଷଦର୍ଶନ କରିଥିଲେ।

## ରୋଟାରୀ ଇନର୍ ହୁଇଲ୍ କ୍ଲବ୍ ଡିଷ୍ଟ୍ରିକ୍ ଚେୟାରମ୍ୟାନଙ୍କ ବାଲେଶ୍ୱର ଗସ୍ତ



ବାଲେଶ୍ୱର, ୩।୧୧(ସମିସ): ରୋଟାରୀ ଇନର୍ ହ୍ୱିଲ୍ କ୍ଲବ୍ ର ଡିଷ୍ଟ୍ରିକ୍ ଚେୟାରମେନ୍ ମଧୁସ୍ମିତା ତ୍ରିପାଠୀ ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ବାଲେଶ୍ୱରରେ ପହଂଚିବା ପରେ ପ୍ରଥମେ କ୍ଲବ୍ ର ସଦସ୍ୟା ମାନେ ତାଙ୍କୁ ସ୍ୱାଗତ ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ ଆୟୋଜିତ ସଭାରେ ଡିଷ୍ଟ୍ରିକ୍ ଚେୟାରମେନ୍ ମଧୁସ୍ମିତା ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କ୍ଲବ୍‌ର ଉପସଭାପତି ସୁମିତା ଚାନ୍ଦ୍ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସଭାପତି ବୀଣାଦୋଷୀ, ଇଂଟନ୍ୟାସନ୍ୟାଲ୍ ସର୍ଭିସ୍ ଅର୍ଗାନାଇଜର୍ ଦୀପିକା ପରମାର, କୋଷାଧ୍ୟକ୍ଷା ସିନ୍ଧୁ ଉଦୟ କୁମାର, ପୂର୍ବତନ ସଭାପତି ଡ.କଳ୍ପନା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତାମତ ପ୍ରଦାନ କରିଥିଲେ। ସମ୍ପାଦିକା ଦର୍ଶନା ସାଙ୍ଗଭି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା



ବାଲେଶ୍ୱର/ସୋର,୩।୧୧(ସମିସ): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଟଳ ବିହାରୀ ଦାସଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥି ନିମନ୍ତେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା। ଶ୍ରୀନିବାସ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରେନ୍ଦ୍ର କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଷ୍ଟାଫ ଆସୋସିଏସନ ସମ୍ପାଦକ ଡ. ପୁଣ୍ୟବ୍ରତ ମହାନ୍ତି ଏବଂ ଷ୍ଟାଫ କାଉନସିଲର ସମ୍ପାଦକ ଡ. ପଙ୍କଜ କୁମାର ଜେନା ଅଭିଭାଷଣରେ ଶ୍ରୀ ଦାସଙ୍କୁ ଜଣେ ଦାୟିତ୍ୱବାନ ଓ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ବୋଲି ବର୍ଣ୍ଣନା କରିଥିଲେ। ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ରଞ୍ଜିତାବାଳା ମହାପାତ୍ର, ସନ୍ଧ୍ୟାରାଣୀ ଜେନା, ଅଧ୍ୟାପକ ମୁକ୍ତିକାନ୍ତ ବାରିକ, ଗ୍ରନ୍ଥଗାରିକ ବିରଞ୍ଚି ନାରାୟଣ ଦାସ, କୈଳାସ ଚନ୍ଦ୍ର ବାରିକ ଓ ମାର୍କଣ୍ଡ ଚରଣ ଖଣ୍ଡା ଆଲୋକପାତ କରିଥିଲେ। ଅଧ୍ୟାପିକା ପାଢ଼ୀ ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ଜେନା, ସୁଜିତ୍ ଗୋଛାୟତ, କସ୍ତୁରୀ ପଲତା, ଶାନ୍ତନୁ ପାତ୍ର, ସୁଦେଷ୍ଣା ଦାଶ ମହାପାତ୍ର, ମନୋଜ ସବର, ଇତିଶ୍ରୀ ମହଲା, ଗଜେନ୍ଦ୍ର କବି, ସୁଶାନ୍ତ ରାଉଳ, ଅଣାକର ନାୟକ, ନବକିଶୋର ଦାସ, ପୂର୍ଣ୍ଣ ଚନ୍ଦ୍ର ରାଉତ, ପ୍ରଦ୍ୟୁମ୍ନ ସାହୁ ଓ ଭରତ ଚନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ସାପ୍ତାହିକ କବିତା ପାଠୋତ୍ସବ



ବାଲେଶ୍ୱର, ୩।୧୧(ସମିସ): ଚଳିତ ସପ୍ତାହରେ ଫକୀରମୋହନ ସାହିତ୍ୟ ପରିଷଦ, ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱରରେ ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ସଭାପତିତ୍ୱରେ ସାପ୍ତାହିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପାଠୋତ୍ସବରେ ସଂଯୋଜିକା ଭାବେ ସୁନାମଣି ଜେନା ଥିବାବେଳେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ତିରିଶ ଜଣ କବି/କବୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜୁମର ନାଥ ପାତ୍ର, ତପନ ମାଝୀ, ଗଗନ ସେଠୀ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହି, ପଦ୍ମ ଲୋଚନ ପ୍ରଧାନ, ବିନିତା ସାହୁ, ପୁଷ୍ପଲତା ଚକ୍ରବର୍ତ୍ତୀ, କୃଷ୍ଣା ପ୍ରଧାନ, ଦୀପ୍ତି ଲତା ଦାସ, ସୃପ୍ତି ସାହୁ, ଅବନ୍ତୀ ପ୍ରଧାନ, କବିତା ଜେନା, ରିତେଶ ଦାସ, ତ୍ରିନାଥ ନନ୍ଦୀ, ଭାଗ୍ୟଶ୍ରୀ ବାରିକ୍, ଅଲିଭା ସେଠୀ, ପ୍ରଭାସ ମଲ୍ଲିକ, ଜୟନ୍ତ ହଂସରାଜ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ସ୍ୱରଚିତ କବିତା ପାଠ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଆଜିର ପ୍ରଥମ ପୁସ୍ତକ ବିଜେତା ଜୁମର ନାଥ ପାତ୍ର ଏବଂ ଦ୍ୱିତୀୟ ପୁସ୍ତକ ବିଜେତା ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ହୋଇଥିଲେ।

## ଦୁର୍ଘଟଣାରେ ଆହତ ଷଣ୍ଢର ଚିକିତ୍ସା କଲେ ସମାଜସେବୀ

ଜଳେଶ୍ୱର, ୩।୧୧(ସମିସ): ରବିବାର ରାତିରେ ବୁଲୁଥିବା ଷଣ୍ଢକୁ ଏକ ଗାଡ଼ି ଧକ୍କା ଦେବାରୁ ଆହତ ହୋଇ ଜଳେଶ୍ୱର ବାସନ୍ତୀ ପଡ଼ିଆ ନିକଟରେ ଷଣ୍ଢଟି ଛଟପଟ ହେଉଥିଲା। ଖବର ପାଇ କୋଟସାହି ପଞ୍ଚାୟତର ଯୁବ ସମାଜସେବୀ ଅଶୋକ କୁମାର ମହାନ୍ତି ଷଣ୍ଢଟିର ଚିକିତ୍ସା କରିବା ପାଇଁ ପ୍ରୟାସ କରିଥିଲେ।



ସ୍ଥାନୀୟ ବାସିନ୍ଦା ଅନନ୍ତ ସାହୁ, ରାମକୃଷ୍ଣ ମହାପାତ୍ର, ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାରର ପ୍ରତିଷ୍ଠାତା ହରିଶଙ୍କର ପଣ୍ଡା, ୬ ନମ୍ବର ୱାର୍ଡର କାଉନସିଲର ଚନ୍ଦନ ଦାସଙ୍କ ସହଯୋଗରେ ଷଣ୍ଢକୁ ପଶୁ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ।

## ଚନ୍ଦ୍ରଭାଗୋତ୍ସବ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୩।୧୧(ସମିସ): ପ୍ରତିବର୍ଷପରି ଏବର୍ଷ ମଧ୍ୟ ଜାତୀୟସ୍ତରୀୟ ଚିତ୍ରକଳା, ବହୁଭାଷୀ ସଂଗୀତ,ନାଟକ କଥା କବିତା ତଥା ବହିମେଳାର ଆୟୋଜନ ଚନ୍ଦ୍ରଭାଗା ଅନୁଷ୍ଠାନର ଜନ୍ମଦିନ ବର୍ଷଶେଷ ଏବଂ ବର୍ଷଆରମ୍ଭ ଅବକାଶରେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ପରିସରରେ ଆସନ୍ତା ଡିସେମ୍ବର ମାସ ୨୮ ତାରିଖରୁ ଜାନୁଆରି ୩ ପର୍ଯ୍ୟନ୍ତ ୭ଦିନବ୍ୟାପୀ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନର ଉପଦେଷ୍ଟା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ପୌରୋହିତ୍ୟ ଏବଂ ବରିଷ୍ଠ ସଦସ୍ୟ ଅଧ୍ୟାପକ ଡ. ଶଶିକାନ୍ତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସଚିବ କବି ଶ୍ରୀଦେବ, ଚିତ୍ରଶିଳ୍ପୀ ଅନୁଷ୍ଠାନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ୧୮୦ରୁ ଅଧିକ ଜାତୀୟସ୍ତରରେ ବହୁଭାଷୀ କ୍ଷୁଦ୍ରନାଟକ, ଜାତୀୟସ୍ତରରେ ହେଉଥିବା ବିଭିନ୍ନ ଚିତ୍ରକଳାର ଆୟୋଜିତ କର୍ମଶାଳା, ବହୁଭାଷୀ କଥା କବିତା ଓ ସମୃଦ୍ଧ ବିତର୍କର ସୃଜନସ୍ରଷ୍ଟାଙ୍କ ସମାବେଶ ସମ୍ପର୍କରେ ଆଲୋକପାତ କରିବା ସହ ସମକାଳର ଉତ୍କୃଷ୍ଟ 'ସୃଜନାକ୍ଷର' ଏବଂ ସ୍ରଷ୍ଟା ତିଆରିର ନିରବଚ୍ଛିନ୍ନ ଉତ୍କର୍ଷାରେ 'ଚନ୍ଦ୍ରଭାଗା' ଅନୁଷ୍ଠାନର ଜନ୍ମଦିନଠୁ ଅଦ୍ୟାବଧି ତରୁଣ ବୟସ ପର୍ଯ୍ୟନ୍ତ ଲକ୍ଷ୍ୟଚ୍ୟୁତ ହୋଇନଥିବାର ପ୍ରକାଶ କରିଥିଲେ। ଏହି ବୈଠକରେ ପ୍ରଦୀପ୍ତ ପଣ୍ଡା, ସରକାରୀ ଓକିଲ ଅଶୋକ ସେନାପତି, କବି ସିତାଂଶୁ ଲେଙ୍କା, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ସ୍ରଷ୍ଟା ଲକ୍ଷ୍ମୀଧର ମହାନ୍ତି, ରାଜ୍ୟର ସିଟିଜେନ ଏୱାଡର୍ରୀ ଚିତ୍ରଶିଳ୍ପୀ କେଶୁଦାସ, ମରୁତ ରାଉତ, ପ୍ରାକ୍ତନ ଅଧ୍ୟକ୍ଷ ଓ 'ବାର୍ତ୍ତାଉର୍ମି'ର ସଂଯୋଜକ ରାମଚନ୍ଦ୍ର ସାହୁ ବିଶିଷ୍ଟ ନାଟ୍ୟକାର ଅଭିନେତା ନିର୍ଦ୍ଦେଶକ ଆଶିଷ ଚକ୍ରବର୍ତ୍ତୀ, କାବ୍ୟସାହିତ୍ୟର ଗବେଷକ ଡ ଦିଲ୍ଲୀପ ରଥ, ଯାଦବେଶ ମିଶ୍ର, ରାଜ୍ୟ ସାଂସ୍କୃତିକ ସ୍ୱର ସୃଷ୍ଟିକାରୀ 'ନାଚ'ର ପ୍ରତିଷ୍ଠାତା ଅରୁଣାଂଶୁ ପାଣିଗ୍ରାହୀ, ରୋନାଲିସା ପାଣିଗ୍ରାହୀ, ଆଇନଜୀବୀ ପର୍ଶୁରାମ ପ୍ରଧାନ, ତୁଷାରକାନ୍ତ ମହାପାତ୍ର, ଗଜେନ୍ଦ୍ର ପ୍ରସାଦ ମହାନ୍ତି ଏବଂ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କୃତ ତରୁଣ ଗାଳ୍ପିକ ସଞ୍ଜୟ ପଣ୍ଡା,'ଚନ୍ଦ୍ରଭାଗା'ର ଆଜୀବନ ସଦସ୍ୟ ସନ୍ତୋଷ ପଣ୍ଡା, ଜଗବନ୍ଧୁ ପୃଷ୍ଟି ଏବଂ ଅନୁଷ୍ଠାନର ସଦସ୍ୟ ଅବନୀ ଜେନା, ଜ୍ୟୋତିର୍ମୟୀ ଶତପଥୀ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ।

## ପଞ୍ଚାୟତରେ ହେଉନି ବିକାଶ ମୂଳକ କାର୍ଯ୍ୟ

ବାଲେଶ୍ୱର, ୩।୧୧(ସମିସ)



**ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ**

ସରକାର ବଦଳିବା ପରେ ପଞ୍ଚାୟତରେ ବିକାଶ ମୂଳକ କାର୍ଯ୍ୟ ଠପ ହୋଇଯାଇଛି। ସଦରବ୍ଲକଅର୍ନ୍ତଗତରସୁଲପୁରଗ୍ରାମପଞ୍ଚାୟତ ଅଧିନ ଓଲାଡି ଗ୍ରାମରେ ସୋଲାର ଲାଇଟ କିମ୍ବା ଅନ୍ୟାନ୍ୟ କିଛି ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ। ଏ ନେଇ ଆଜି ସରପଂଚ ଏବଂ ଗ୍ରାମବାସୀ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବା ସହ ଆସନ୍ତା ୧୧ତାରିଖ ମଧ୍ୟରେ ଏହି କାର୍ଯ୍ୟ ନ ହେଲେ ସମୂହ ଗ୍ରାମବାସୀ ସଦର ବ୍ଲକ ସମ୍ମୁଖରେ ଗଣଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ରସୁଲପୁର ଗ୍ରାମପଞ୍ଚାୟତ ଅଧିନ ଓଲାଡି ଗ୍ରାମଟି ଆଦର୍ଶ ଗ୍ରାମ ଯୋଜନାରେ ଅର୍ନ୍ତଭୁକ୍ତ ହୋଇଛି। ସରକାରଙ୍କ ଗାଇଡ ଲାଇନ ଅନୁସାରେ ପଲ୍ଲୀସଭା କରାଯାଇ ଗ୍ରାମାଂଚଳ ଉନ୍ନତି ପାଇଁ ପ୍ଲାନ ଅନୁମୋଦନ ହୋଇ ଏକ ନଳକୂପ ଖନନ କରାଯାଇଛି। ଗତ ମାସ ୮ତାରିଖରେ ଗ୍ରାମର ୧୭ଟି ସୋଲାର ଲାଇଟ ଲଗାଯିବାକୁ ସ୍ଥିର ହୋଇଥିବା ବେଳେ ଗ୍ରାମର ୱାର୍ଡ ମେମ୍ବର ଗୁରୁବାରୀ ଦଳେଇ ଓ ତାଙ୍କ ସ୍ୱାମୀ ଭାଗବତ ଦଳେଇଙ୍କ ସହ ଶାସକ ଦଳର କିଛି ବ୍ୟକ୍ତି ସେମାନଙ୍କୁ ଏହି ଲାଇଟ ଲଗାଇବାକୁ ଦେଉ ନାହାନ୍ତି। ଏ ବାବଦରେ ଜିଲ୍ଲାପାଳ, ବିଡିଓ, ଜିଲ୍ଲାପରିଷଦ କାର୍ଯ୍ୟାଳୟକୁ ମଧ୍ୟ ଜଣାଯାଇଛି। ହେଲେ ଏପର୍ଯ୍ୟନ୍ତ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏପରିକି ସେଠାରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ କୌଣସି କାମ ମଧ୍ୟ କରାଯାଉ ନାହିଁ। ଏଣୁ ଯଦି ଜିଲ୍ଲାପାଳ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବେ ତେବେ ଆସନ୍ତା ୧୧ତାରିଖ ଦିନ ସଦର ବ୍ଲକ ପରିସରରେ ସେମାନେ ଗଣଧାରଣ ଦେବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ରସୁଲପୁର ସରପଞ୍ଚ ଭାରତୀ ତରାଇଙ୍କ ସମେତ ଗ୍ରାମବାସୀ ବିନୋଦ କୁମାର ମହାନ୍ତି, ରଣଜିତ ନାୟକ, ଦୟାନିଧି ମହାନ୍ତି, ମମତା ମନ୍ତ୍ରୀ, ରଶ୍ମିତା ମହାନ୍ତି, ଶ୍ରୀତମ ନାୟକ, ପ୍ରଫୁଲ୍ଲ ମହାନ୍ତି, ହରିହର ମହାନ୍ତି, ପ୍ରଦୀପ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ

ପୃଥିବୀରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ପାଇଁ କେବଳ ରୁଟି ହିଁ ଭଗବାନ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ବିଶ୍ୱ ବିଜୟିନୀ

ଅନୁଭବ ଓ ଅଭିଜ୍ଞତା ଦୃଷ୍ଟିରୁ ହରମନପ୍ରୀତଙ୍କ ଦଳ ଅଧିକ ପରିପକ୍ୱ ଓ ଶାଣିତ, ବିଶେଷକରି ସ୍ୱଦେଶ ମାଟିରେ ସହାନୁଭୂତି ଓ ସମର୍ଥନ ବିଶ୍ୱକପ ହାସଲରେ ସହାୟକ ହୋଇଛି। ପୂର୍ବ ଏହିଭଳି ଦୁଇଥର ଫାଇନାଲ ଖେଳି ରନର୍ସଅପ ମଧ୍ୟ ହୋଇଛି। ତେଣୁ ଭାଷ୍ୟକାରମାନେ ଏହି ବିଜୟକୁ ୧୯୮୩ରେ କପିଳଦେବଙ୍କ ନେତୃତ୍ୱରେ ଭାରତର ବିଶ୍ୱକପ ହାସଲ ସହ କରୁଥିବା ତୁଳନା ଆଦୌ ସମୀଚୀନ ନୁହେଁ। ଫାଇନାଲରେ ଅପରାଜିତ ହୋଇଥିବା ଦୁଇଦଳ ଦକ୍ଷିଣ ଆଫ୍ରିକା ଓ ଭାରତ ସେମିଫାଇନାଲରେ ଯଥାକ୍ରମେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆକୁ ପରାଜିତ କରିବାରେ ଯେଉଁ ଚମକ ଦେଖାଇଥିଲେ ତାହା ସେମାନଙ୍କ ଯୋଗ୍ୟତା ଓ ପରାକାଷ୍ଠାର ନିଦର୍ଶନ ବୋଲି କୁହାଯାଇପାରେ। କାରଣ ପରାଜିତ ଦୁଇଦଳ ହିଁ ଥିଲେ ଅଧିକରେ ବିଶ୍ୱକପ ଦାବିଦାର। ଅଷ୍ଟ୍ରେଲିଆର ୩୩୯ ଲକ୍ଷ୍ୟର ଅନୁଧାବନ କରି ମ୍ୟାଚ ଜିତିବା ଭାରତ ପାଇଁ ଏତେ ସହଜ ନଥିଲା। ଅଧିନାୟକ ହରମନପ୍ରୀତଙ୍କ ଉପଯୋଗୀ ୮୯ ରନ ସାଙ୍ଗକୁ ଜେମିମାଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ୧୨୭ରନ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ସହାୟକ ହୋଇଥିଲା। ଏହାଥିଲା ଏକଦିବସୀୟ ମହିଳା କ୍ରିକେଟ ଇତିହାସରେ ରେକର୍ଡ ଅନୁଧାବନ। ସେହିଭଳି ଦକ୍ଷିଣ ଆଫ୍ରିକା ମଧ୍ୟ ପ୍ରଥମେ ବ୍ୟାଟିଂ କରି ୩୧୯ ରନ କରିଥିଲା। ଇଂଲଣ୍ଡ ତାହାର ପିଛା କରି ମାତ୍ର ୧୯୪ରନ କରିବାକୁ ସମର୍ଥ ହୋଇଥିଲା।

ଫାଇନାଲରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଲୌରା ଉଲଭାର୍ଡ଼ଟ ପଶ୍ଚାଦଧାବନ କରିବାକୁ ଉଚିତ ମଣି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ। ମ୍ୟାଚର ଗତି ଓ ପ୍ରକୃତି ଯାହା ସେଥିରେ ୩୦୦ରୁ ଉର୍ଦ୍ଧ୍ୱ ରନ ଲକ୍ଷ୍ୟ ଧାର୍ଯ୍ୟ ନକଲେ ଜିତିବା ସେମାନଙ୍କ ଦଳ ପକ୍ଷରେ ଏତେ ସହଜ ହେବ ନାହିଁ। ତେବେ ଓପନିଂ ବ୍ୟାଟର ଶେଫାଳି ଦଳ ପକ୍ଷରୁ ସର୍ବାଧିକ ୮୭ରନ ଓ ଦୀପ୍ତିଙ୍କ ଉପଯୋଗୀ ୫୮ରନ ଭାରତକୁ ୨୯୮ ପହଞ୍ଚାଇବାରେ ସହାୟକ ହୋଇଥିଲା। ଏହି ଲକ୍ଷ୍ୟର ପିଛା କରୁ କରୁ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଅଧିନାୟକ ଲୌରା ଉଲଭାର୍ଡଙ୍କ ଚମକପ୍ରଦ ଶତକ ସତ୍ତ୍ୱେ ଦଳକୁ ସଫଳତା ମିଳିନଥିଲା। ଦଳ ପ୍ରଥମ ଥର ଫାଇନାଲକୁ ଉନ୍ନୀତ ହୋଇଥିବାରୁ ରନର୍ସଅପରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଲା। ଭାରତର ଏହି ବିଜୟ ପଛରେ ଶେଫାଳିଙ୍କ ୮୭ ରନ ଓ ଦୁଇଟି ଉଇକେଟ ହାସଲ ଦୃଷ୍ଟିରୁ ତାଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ସମ୍ମାନିତ କରାଯାଇଥିଲା। ଏହାସହ ଦୀପ୍ତିଙ୍କ ୫୮ ରନ ସାଙ୍ଗକୁ ୫ ଉଇକେଟ ହାସଲ କମ ଗୁରୁତ୍ୱପୂର୍ଣ୍ଣ ନୁହେଁ। ସର୍ବାଧିକ ୨୨ଉଇକେଟ ହାସଲ ସହ ୨୧୫ରନ ସଂଗ୍ରହ ସକାଶେ ସେ ଚଳିତ ବିଶ୍ୱକପର ଶ୍ରେଷ୍ଠ ଖେଳାଳିର ମର୍ଯ୍ୟାଦା ହାସଲ କରିଛନ୍ତି। ଯାହାହେଉ ଭାରତୀୟ ଦଳ ୫୨ରନରେ ଦକ୍ଷିଣ ଆଫ୍ରିକାକୁ ପରାଜିତ କରି ବିଶ୍ୱକପ ଚମ୍ପିୟନ ହେବା କମ ଗୌରବର କଥା ନୁହେଁ।

ବିସିସିଆଇର ଘୋଷଣା ଅନୁଯାୟୀ ଭାରତୀୟ ମହିଳା କ୍ରିକେଟ ଦଳ ୧୨୫ କୋଟିଟଙ୍କା ପାଇବ। ଏହି ପୁରସ୍କାର ରାଶିରେ ଏତେ ବଡ଼କଥା ନୁହେଁ ବଡ଼କଥା ହେଲା ଆମ ଦେଶର ମହିଳା ଯେ ବିଶ୍ୱବିଜୟିନୀ ହୋଇପାରିବେ ତାହା ଏହି ବିଶ୍ୱକପ ଟୁର୍ଣ୍ଣାମେଣ୍ଟରେ ପ୍ରମାଣିତ ହୋଇଛି। ଆଗାମୀ ଦିନରେ ମହିଳା କ୍ରିକେଟ ପ୍ରତି ଆମ ଦେଶରେ ଆଗ୍ରହ ଓ ଆକର୍ଷଣ ବଢ଼ିବ। ଉନ୍ନତମାନର ମହିଳା କ୍ରିକେଟ ପାଇଁ କ୍ଷେତ୍ର ପ୍ରସ୍ତୁତିର ସୁଯୋଗ ଆହୁରି ବ୍ୟାପକ ହେବ ବୋଲି ଆଶା କରିବା।

## ଆଣ୍ଡ୍ରୁଙ୍କ ପରେ କିଏ?

ଜେଫ୍ରି ଏପିଷ୍ଟିନ୍ଙ୍କ ଯୌନ କେଲେଙ୍କାରୀ ସମଗ୍ର ବିଶ୍ୱର ହଟଚମଟ ସୃଷ୍ଟି କରିଥିଲା। ବିତ୍ତୀୟ ସହାୟତା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ପ୍ରତିଷ୍ଠା ଓ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏପିଷ୍ଟିନ୍ ଉଭୟ ରାଜନୈତିକ ଓ କର୍ପୋରେଟ୍ ଜଗତରେ ବିଶ୍ୱରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବେ ଲୋକସଂପର୍କ ବଢ଼ାଇଥିଲେ। ବୈଭବ ପ୍ରାଚୁର୍ଯ୍ୟ ମଧ୍ୟରେ ଥିବା ଏପିଷ୍ଟିନ୍ ଯୌନ ଲାଳସାକୁ ଚରିତାର୍ଥ କରିବା ପାଇଁ ବ୍ୟଭିଚାରର ସମସ୍ତ ସୀମା ଅତିକ୍ରମ କରିଥିଲେ। ନିଜର ପ୍ରଭାବ ଓ ପ୍ରତିଷ୍ଠାର ଆଢ଼ୁଆଳରେ ତଥାକଥିତ ବନ୍ଧୁମାନଙ୍କ ସନ୍ତୁଷ୍ଟି ପାଇଁ ବିପୁଳ ବ୍ୟୟରେ ନାବାଳିକାଙ୍କୁ ସଂଗ୍ରହ କରି ଗୋପନ ଅଭିସାରର ପଥ ପରିଷ୍କାର କରିଥିଲେ। କିଛି ନିକଟତମ ସହଯୋଗୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ହୋଇଥିବାରୁ ଏହି ଘଟଣାକ୍ରମର ଭିଡିଓ ସୁଟିଙ୍ଗ ମଧ୍ୟ କରାଇଥିଲେ।

ତେବେ ଏପ୍ରକାର ଯୌନ ଶୋଷଣ ସବୁଦିନ ଲୁଚି ରହିପାରିବ ନାହିଁ। ନିର୍ଯାତନା ଓ ଶୋଷଣର ସମ୍ମୁଖୀନ ହୋଇଥିବା ଯୁବତୀ ଦିନେ ନା ଦିନେ ମୁହଁ ଖୋଲିବେ। ତାହା ହିଁ ଶେଷରେ ଘଟିଲା। ଏଫବିଆଇ ପକ୍ଷରୁ ତଦନ୍ତ ହେଲା। ପ୍ରବଳ ଚାପ ସତ୍ତ୍ୱେ ସେ ଦୋଷୀ ସାବ୍ୟସ୍ତ ହେଲେ ଏବଂ ତାଙ୍କୁ ୧୯ ମାସ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିଲା। ଶେଷରେ ସେ ଆତ୍ମହତ୍ୟା କଲେ ବୋଲି କୁହାଯାଇଥିଲେ ମଧ୍ୟ ତାହା ସନ୍ଦେହରୁ ଊର୍ଦ୍ଧ୍ୱରେ ଆସିପାରୁନାହିଁ। ଆମେରିକା ଦୁଇ ପରସ୍ପର ବିରୋଧୀ ଦଳର ନେତା ଏହି ଯୌନ ଶୋଷଣରେ ସଂପୃକ୍ତ ଥିବାରୁ ଏପିଷ୍ଟିନ୍ଙ୍କ କଳାକାରନାମାର ସବିଶେଷ ତଥ୍ୟ ପଦାକୁ ଆସିପାରିନାହିଁ। ଏ ସଂକ୍ରାନ୍ତରେ ଭିଡିଓ ରେକର୍ଡିଂ କେଉଁଠି ନା କେଉଁଠି ଲୁକ୍କାୟିତ ହୋଇ ରହିଛି। ତେଣୁ ନେତାଙ୍କ ମୁଣ୍ଡରୁ ବିବାଦ ହଟିନି। ବ୍ରିଟେନର ଯୁବରାଜ ଆଣ୍ଡ୍ରୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଏହି ଯୌନ କେଲେଙ୍କାରୀ ପୁଣି ଥରେ ପଦାକୁ ଆସିଛି। ଆମେରିକୀୟ ଯୁବତୀ ଭର୍ଜିନିଆ ଜେଫ୍ରି ମୁହଁ ଖୋଲିବାରୁ ଯୁବରାଜ ଆଣ୍ଡ୍ରୁ ବ୍ରିଟେନ ରାଜପରିବାର ପଦମର୍ଯ୍ୟାଦା ସମ୍ମାନରୁ ବଞ୍ଚିତ ହୋଇଛନ୍ତି। କିଛିଦିନ ତଳେ କିଙ୍ଗ ଚାର୍ଲସ୍ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଏହି ପ୍ରସଙ୍ଗକୁ କେନ୍ଦ୍ର କରି କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ। ତେଣୁ ପ୍ରବଳ ଚାପର ବଶବର୍ତ୍ତୀ ହୋଇ ତୁରନ୍ତ ଆଣ୍ଡ୍ରୁଙ୍କ ଉପାଧି ପ୍ରତ୍ୟାହାର କରାଯିବା ସହ ୱିଣ୍ଡସର କାସଲ ବାସଗୃହରୁ ବିଦାୟ ନେବାକୁ କୁହାଯାଇଛି। ତାଙ୍କଠାରୁ ରାଜ ପରିବାରର ଉପାଧି ଓ ସମ୍ମାନ ପ୍ରତ୍ୟାହାର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ଜେଫ୍ରିଙ୍କ ଭଳି ବହୁ ନାବାଳିକା ଏପିଷ୍ଟିନ୍ଙ୍କ ଯୌନ କେଲେଙ୍କାରୀର ଶିକାର ହୋଇଛନ୍ତି। ଆଗକୁ ଆଉ ଯେ କିଏ ମୁହଁ ଖୋଲିବ ତାହାର ସମ୍ଭାବନା ଊଣା। ତେବେ ଭିଡିଓ ରେକର୍ଡିଂକୁ ଯେ ନଷ୍ଟ କରାଯାଉଛି ଏକଥା ନୁହେଁ। ଏହା ବେଶୀବର୍ଷ ତଳର ଘଟଣା ନୁହେଁ। ଟ୍ରମ୍ପଙ୍କୁ ନେଇ ବାରମ୍ବାର କଥା ଉଠୁଥିଲେ ମଧ୍ୟ କ୍ଷମତାର ଚାପ ଓ ସାଲିସ ଉଭୟ ଏକ୍ଷେତ୍ରରେ କାମ କରୁଛି। ଗାଜା ବ୍ୟାପାରରେ ଟ୍ରମ୍ପଙ୍କ ଭୂମିକାକୁ ଲକ୍ଷ୍ୟ କଲେ ମୋସାଡର ଭୂମିକା ଆପେ ଆପେ ସନ୍ଦେହ ପରିସରକୁ ଆସି ଯାଉଛି।

# ସୃଜନାତ୍ମକ ବିନାଶ ବନାମ ସୃଜନାତ୍ମକ ସଂରକ୍ଷଣ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ପୁଞ୍ଜିବାଦୀ ଅର୍ଥନୀତି ତଥା ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଗତି ପଛରେ ସୃଜନଶୀଳ ବା ସୃଜନାତ୍ମକ ବିନାଶ (କ୍ରିଏଟିଭ୍ ଡେଷ୍ଟ୍ରକସନ୍)ର ନିର୍ଣ୍ଣାୟକ ଭୂମିକା ଅବିସମ୍ବାଦିତ ବୋଲି ପ୍ରତିପାଦିତ କରି ୨୦୨୫ର ନୋବେଲ ପୁରସ୍କାରରେ ସମ୍ମାନିତ ହେଲେ ପ୍ରସିଦ୍ଧ ତିନି ଅର୍ଥନୀତିଜ୍ଞ ଜୋଏଲ୍ ମୋକିର୍, ଫିଲିପ୍ ଆଘିଅନ୍ ଓ ପିଟର୍ ହାଓଇଟ୍। ଏହି 'ସୃଜନାତ୍ମକ ବିନାଶ'ର ତତ୍ତ୍ୱଟି ପ୍ରଥମେ ଆମକୁ ଜଣାଇଥିଲେ 'ଜୋସେଫ୍ ସୁମ୍ପିଟର୍'। ଏ ବର୍ଷର ଏହି ଚର୍ଚ୍ଚିତ ନୋବେଲ୍ ବିଜେତାମାନେ ଏହି ନିଷ୍କର୍ଷଟିର ସତ୍ୟତା ତଥା ପ୍ରାମାଣିକତା ଗବେଷଣାଲବ୍ଧ ତଥ୍ୟନିଷ୍ଠ ଯୁକ୍ତି ଆଧାରରେ ଦୃଢ଼ତାର ସହ ସାବ୍ୟସ୍ତ କଲେ। ତେଣୁ ଏବେ ଆମ ବୁଦ୍ଧିଜୀବୀଙ୍କ ତୁଣ୍ଡରେ 'ସୃଜନାତ୍ମକ ବିନାଶ' ରୂପକ ଆପାତତଃ ବିପରୀତାଭାସ ତତ୍ତ୍ୱଟି ଏକ ଘୋଷାପଦ ପାଲଟି ସାରିଲାଣି। ଅନେକ ବି ମାତ୍ରାତିରିକ୍ତ ଉତ୍ସାହ ଦେଖାଇ କହିବାକୁ ଆରମ୍ଭ କଲେଣି ଯେ ପ୍ରତ୍ୟେକ ପ୍ରକାରର ସମୃଦ୍ଧି ବା ବିକାଶ, ତାହା ପ୍ରାକୃତିକ ହେଉ କି ମାନବଜୀବନକୈନ୍ଦ୍ରିକ ହେଉ, ର ଏହା ହେଉଛି ଏକମାତ୍ର ଉତ୍ପ୍ରେରକ।

ଏଥିରେ ବିସ୍ମିତ ହେବାର କାରଣ ଅବଶ୍ୟ ଥାଇ ନପାରେ। କାରଣ ଆମେ ପ୍ରତ୍ୟେକ ଜାଣିଛେ ଯେ ଘଞ୍ଚ ଅରଣ୍ୟଟିଏ ଅଗ୍ନିଦଗ୍ଧ ହେଲା ପରେ ନୂତନ ସବୁଜିମାର ସୃଷ୍ଟି ହୁଏ; ପୁରାତନ ସଂସ୍କୃତି ଓ ପରମ୍ପରା, ପୁରାତନ ଜ୍ଞାନରାଜିରୁ ବେଶ୍ କିଛିକୁ ନେପଥ୍ୟକୁ ହଟାଇ ଦେଇ ନୂତନ ସଂସ୍କୃତି, ପରମ୍ପରା ବା ଜ୍ଞାନରାଜିର ଅଭ୍ୟୁଦୟ ହୁଏ ଏବଂ ପୁରାତନ ପ୍ରବିଧି ବା ପ୍ରାବିଧିକ କୌଶଳର ସ୍ଥାନରେ ନୂତନ ପ୍ରବିଧି, ପ୍ରାବିଧିକ କୌଶଳର ଆବିଷ୍କାର ବା ଉଦ୍ଭାବନ ହୁଏ। କିନ୍ତୁ ଦୁର୍ଭାଗ୍ୟଜନକ କଥାଟି ହେଉଛି ଯେ ବର୍ତ୍ତମାନର ଏହି ଲଗାମହୀନ କାଳଖଣ୍ଡରେ ସଂକୀର୍ଣ୍ଣ, ବିଦ୍ୱେଷପୂର୍ଣ୍ଣ ମତାଦର୍ଶର ପ୍ରବକ୍ତା ଓ ଅନ୍ଧଭକ୍ତମାନେ ଆମ ଧର୍ମ, ସଂସ୍କୃତି ତଥା ଜ୍ଞାନପରମ୍ପରାରେ ଥିବା ସକଳ ପ୍ରକାରର ମୁକ୍ତ, ଉଦାର ଚିନ୍ତନ ଓ ସାର୍ବଜନୀନ ବିଚାରଧାରା ସର୍ବାଦୌ ପରିତ୍ୟଜ୍ୟ ବୋଲି ଆମମାନଙ୍କୁ କହୁଛନ୍ତି। ଦେଶପ୍ରେମ, ଜାତିପ୍ରେମ ବା ସଂପ୍ରଦାୟପ୍ରେମର ଦ୍ୱାହି ଦେଇ ଚିରନ୍ତନୀ ମାନବୀୟ ଆଦର୍ଶ ବା ମୂଲ୍ୟବୋଧ ସବୁର ସ୍ଥାନରେ ଘୃଣା, ଅସୂୟା, ଅସହିଷ୍ଣୁତା, ଧର୍ମୀୟ ବିଭେଦର ବୀଜ ରୋପଣ କରିବାରେ ବିକୃତ ଉତ୍ସାହ ଦେଖାଇ ଚାଲିଛନ୍ତି। ଦୟା, କ୍ଷମା, ସମଭାବାପନ୍ନ, ବିଶ୍ୱପ୍ରେମ ଓ ସର୍ବଧର୍ମସମନ୍ୱୟୀ ଭାବଭାବନାଗୁଡ଼ିକୁ ଖର୍ବ, ମଳିନ, ନିଷ୍ପ୍ରଭ କିମ୍ବା ମୂଳପୋଛ କରିଦେବା ପାଇଁ ହୀନ ମସୁଧା ଚାଲିଛି ସର୍ବତ୍ର।

ଏମିତି ଭ୍ରଷ୍ଟ, ଭ୍ରାନ୍ତ ବିଚାରଧାରାର ତଥାକଥିତ ରାଷ୍ଟ୍ରପ୍ରେମୀ ବା ଧର୍ମପ୍ରେମୀମାନଙ୍କ ସହିତ ଆମ ବୁଦ୍ଧିଜୀବୀ, ଆମ ଜନବିଦ୍ୱାନମାନେ, ଏପରିକି ବିଜ୍ଞାନୀ ଓ ପ୍ରଯୁକ୍ତିବିଦ୍ୟା ବିଶାରଦମାନେ, ସ୍ୱର ମିଳାଇଥିବାର ଭୁରିଭୁରି ଦୃଷ୍ଟାନ୍ତ ଆମ ପାଖରେ। ଏପରି ଏକ ବିଷାକ୍ତ, ବିମର୍ଷକର ବାତାବରଣରେ ବିଚରା ସାଧାରଣ ଜନତା ଅତି ସହଜରେ ପ୍ରତାରିତ ହେବା ଆଦୌ ବିଚିତ୍ର ନୁହେଁ। ମାନବୀୟ ମୂଲ୍ୟବୋଧ, ଗଣତାନ୍ତ୍ରିକ ଆଦର୍ଶ ଓ ଧର୍ମନିରପେକ୍ଷ ବିଚାରଧାରା ସବୁକୁ ପୁରୁଣା, ଘଷରା, ଯୁଗଅନୁପଯୋଗୀ ବୋଲି କହି ଉଗ୍ର, ହିଂସ୍ର, ସାଂପ୍ରଦାୟିକ ମତାଦର୍ଶ ସବୁର ପରିପ୍ରସାର ପାଇଁ ନିରନ୍ତର ପ୍ରୟାସ କରୁଥିବା ନ୍ୟସ୍ତସ୍ୱାର୍ଥଗୋଷ୍ଠୀ ସୃଜନାତ୍ମକ ବିନାଶ ତତ୍ତ୍ୱଟିର ଅପପ୍ରୟୋଗ କରିବାର ସହସ୍ର ସମ୍ଭାବନା ଥିବା ପରି ସ୍ପଷ୍ଟ ବୋଧ ହୁଏ। ତେଣୁ ଏ ସନ୍ଦର୍ଭରେ ଏକ ବିକଳ୍ପ ଚିନ୍ତନର ଆବଶ୍ୟକତା ଅଛି, କାରଣ ପ୍ରତ୍ୟେକ କ୍ଷେତ୍ରରେ ସଂଘଟିତ ହେଉଥିବା ବିକାଶ, ପରିବର୍ଦ୍ଧନ ବା ନବପ୍ରବର୍ତ୍ତନ ପଛରେ ସୃଜନାତ୍ମକ ଧ୍ୱଂସ କି ବିନାଶ ଏକ ଅବଧାରିତ ପ୍ରକ୍ରିୟା ନୁହେଁ।

ଏ ଜୀବନ ଓ ଜଗତରେ ଏମିତି ଅନେକ କ୍ଷେତ୍ର ଅଛି, ଯେଉଁଠି ସୃଜନାତ୍ମକ ବିନାଶ ନୁହେଁ, ବରଂ ସୃଜନାତ୍ମକ ସଂରକ୍ଷଣ ମାଧ୍ୟମରେ ନୂତନକୁ ଆବାହନ ଓ ସ୍ୱାଗତ କରାଯାଇଥାଏ, ଯେଉଁଠି ବିକାଶ, ବିବର୍ତ୍ତନ କି ନବନବ ଉନ୍ମେଷମାନ ଅନବରତ ଘଟିଚାଲିଥାଏ ଧ୍ୱଂସ ବା ବିନାଶର ବିନା ସଂରଚନାରେ। ନୂତନର ଆବାହନ, ନୂତନର ଧରାବତରଣ ପାଇଁ ଯାହାକିଛି ପ୍ରାଚୀନ, ଯାହାକିଛି ପୂର୍ବସୃଷ୍ଟ ବା ପୂର୍ବପ୍ରତିଷ୍ଠିତ ସେ ସବୁକୁ ସଂପୂର୍ଣ୍ଣ ବିନାଶ କରିବା ବା ନେପଥ୍ୟକୁ ଠେଲିଦେବା ସର୍ବଦା ଏକ ଅବଧାରିତ ସତ୍ୟ ନୁହେଁ। ଆଗକୁ ପାଦ ପକାଇ ଚାଲିବା ପାଇଁ ସର୍ବଦା ପଛର ସବୁ ପଦଚିହ୍ନକୁ ଲିଭାଇଦେବା ଆବଶ୍ୟକ ହୋଇନଥାଏ। ପ୍ରେମ, ମମତା, ଅନୁରାଗ ପରି ଆଦିମତମ ତଥା ସହଜାତ ମାନବୀୟ ପ୍ରବୃତ୍ତି ସବୁର କ୍ରମପ୍ରସ୍ଫୁଟନ ପାଇଁ ଲୋଡ଼ା ହେଉଛି ସୃଜନାତ୍ମକ ସଂରକ୍ଷଣ। ଅର୍ଥାତ୍ ଏହି ମାନବୀୟ ଭାବାବେଗ କ୍ରମଶଃ ଗଭୀରରୁ ଗଭୀରତର ହୋଇଥା'ନ୍ତି ପୂର୍ବର ସକଳ ସ୍ମୃତି, ସକଳ ଆବେଗକୁ ଅତୁଟ ରଖି। ପ୍ରଥମ ପ୍ରେମାନୁଭୂତିର ମଧୁଆବେଶକୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରି ପ୍ରେମ ତା'ର ସାର୍ଥକତା ସାଉଁଟି ନଥାଏ, ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥାଏ। ମା'ର ବାତ୍ସଲ୍ୟ ପ୍ରେମ ସର୍ବଦା ହିଁ ରହିଥାଏ ଜାଜ୍ୱଲ୍ୟମାନ। ବୟସ୍କ ସନ୍ତାନ ପ୍ରତି ମା'ର ପ୍ରେମ ହେଉଛି ସ୍ମୃତି ଓ ଅଭିଜ୍ଞତାର ଆଧାରରେ ବିବର୍ତ୍ତିତ, ପରିପକ୍ୱ ହୋଇଥିବା ସେହି ବାତ୍ସଲ୍ୟ ପ୍ରେମ ମାତ୍ର। ବାତ୍ସଲ୍ୟ ପ୍ରେମ ଅନୁରୂପ ବି ଘନ ଆବେଗଦୀପ୍ତ ରୋମାଣ୍ଟିକ୍ ପ୍ରେମ, ଯା'ର ପ୍ରବାହ ଅବିଚ୍ଛିନ୍ନ ରହିଥାଏ ଅତୀତରୁ ବର୍ତ୍ତମାନ ଏବଂ ଯା'ର ଦୀପ୍ତି ସଂଚରିତ ହୋଇଚାଲିଥାଏ ପାହାନ୍ତା ପ୍ରହରର କୋମଳ ସୂର୍ଯ୍ୟାଲୋକର ଅବିଚ୍ଛିନ୍ନ କ୍ରମସଂଚରଣ ପରି। ପ୍ରେମ, ମମତା ଓ ଅନୁରାଗର ଅଙ୍ଗନ ହେଉଛି ହୃଦୟ ଏବଂ ହୃଦୟ ଜାଣେ ନାହିଁ 'ସୃଜନାତ୍ମକ ବିନାଶ'ର ଭାଷା। ହୃଦୟ କେବଳ ଜାଣେ 'ସୃଜନାତ୍ମକ ସଂରକ୍ଷଣ'ର ଭାଷା। ଏହା କେବଳ ବିଶ୍ୱାସ କରେ 'ସୃଜନାତ୍ମକ ବିକାଶ', 'ବିବର୍ତ୍ତନ' ଓ 'ସୃଜନାତ୍ମକ ପରିବର୍ଦ୍ଧନ'ରେ। ଫିନିକ୍ସ ପକ୍ଷୀ ପରି ପୁନର୍ଜନ୍ମ ନେବାକୁ, ପୁନଃ ସତେଜ ବା ଜୀବନ୍ତ ହେବାକୁ ମାନବୀୟ ପ୍ରେମ, ମମତା ଓ ଅନୁରାଗ କେବେହେଲେ ଲୋଡ଼ି ନ ଥା'ନ୍ତି ଆପଣା ଆପଣାର ଭସ୍ମ ପାଉଁଶ। ଏକ ଗୂଢ଼, ଗଭୀର ଦୃଷ୍ଟିରୁ ବିଚାର କଲେ ଆମେ ନିଶ୍ଚୟ ଉପଲବ୍ଧି କରିପାରିବା ଯେ ଆମ ଜୀବନର ମହାର୍ଘ ଭାବକ୍ଷେତ୍ର ପାଇଁ ସୃଜନଶୀଳ ବା ସୃଜନାତ୍ମକ ବିକାଶର ତତ୍ତ୍ୱଟି ପୂରାପୂରି ନିରାଧାର।

ଖାଲି ପ୍ରେମ ବା ମମତାର କ୍ଷେତ୍ର ନୁହେଁ, ମୈତ୍ରୀ, କରୁଣା, ସମ୍ବେଦନା ଓ ନୈତିକତା ପରି ଶ୍ରେଷ୍ଠତମ ମାନବୀୟ ମୂଲ୍ୟବୋଧ ସବୁର ବିକାଶ ବା ଯୁଗୋପଯୋଗୀ ରୂପାନ୍ତରଣ ପାଇଁ ଆବଶ୍ୟକ ହୋଇନଥାଏ କୌଣସି ପ୍ରକାର ବିନାଶର ପ୍ରକ୍ରିୟା। ଏ ସମସ୍ତ ମୂଲ୍ୟବୋଧର ଉତ୍ସ ହେଉଛି ମାନବର ଅନ୍ତର୍ମନ ବା ଚେତନା। ମାନବୀୟ ଚେତନାର କ୍ରମବିକାଶ ସହ ତାଳ ଦେଇ ବିବର୍ତ୍ତିତ ବା ବିକଶିତ ହୋଇଥାଏ ମୂଲ୍ୟବୋଧଭିତ୍ତିକ ମାନବଜୀବନ। ପ୍ରସ୍ତର ଯୁଗର ଅନ୍ଧାରି ବଳୟରୁ ଧୀରେ ଧୀରେ ସଚେତନତାର ଆଲୋକକୁ ଆସୁଥିବା ମଣିଷ ପ୍ରଥମେ କେବଳ ଆପଣାର ସୁରକ୍ଷା, ନିରାପତ୍ତା ନିଶ୍ଚିତ କରିବା ପାଇଁ କେତୋଟି ନୀତି, ନିୟମ ମାନିବାକୁ ଚାହିଁଥିବ ଏବଂ ପରେ ସେ ସବୁର ଉପଯୋଗିତା ତା' ପାଖରେ ସ୍ପଷ୍ଟ ହୋଇଯିବା ପରେ ସେ ବୁଝିଯାଇଥିବ ଯେ ସେ ନୀତି, ନିୟମ ବା ଲକ୍ଷ୍ମଣରେଖାମାନଙ୍କର ଉଲ୍ଲଙ୍ଘନ ତା'ର ଅସ୍ତିତ୍ୱ ପାଇଁ ବିପଜ୍ଜନକ। ମଣିଷ ତା'ର ସଭ୍ୟତାର ବ୍ରାହ୍ମ ମୁହୂର୍ତ୍ତରୁ ଏ ପର୍ଯ୍ୟନ୍ତ ମୈତ୍ରୀ, ପ୍ରୀତି, କରୁଣା ଓ ନୈତିକତା ଆଦି ମହନୀୟ ମାନବୀୟ ଭାବ, ନୀତି ବା ଆଦର୍ଶର ପରିପୁଷ୍ଟି କରିଆସିଛି ବିନା ସୃଜନାତ୍ମକ ବିନାଶ ତତ୍ତ୍ୱର ସଚେତନ ପ୍ରୟୋଗରେ। ପୁରାତନ ଆତ୍ମିକ ଭାବସଂପଦ, ପୁରାତନ ମୂଲ୍ୟବୋଧର ଧ୍ୱଂସସାଧନ ନୁହେଁ, ସଚେତନ ଅଙ୍ଗୀକାର ସଚେତନ ସଂରକ୍ଷଣ ମାଧ୍ୟମରେ ସେ ସବୁର ଦୃଢ଼ୀକରଣ ଓ ପରିବର୍ଦ୍ଧନ ହୋଇଥାଏ। ନ୍ୟାୟପ୍ରଦାନର ଦାୟରେ ଦୟା, କ୍ଷମା ବା କରୁଣାର ବିନାଶ କାମ୍ୟ ନୁହେଁ, ସାହସ ପ୍ରଦର୍ଶନ ପାଇଁ ନମ୍ରତା ବା ସଂବେଦନାର ବିନାଶ କାମ୍ୟ ନୁହେଁ କି ନିରପେକ୍ଷ ସତ୍ୟର ପ୍ରତିଷ୍ଠା ପାଇଁ ପ୍ରେମଭାବର ବିନାଶ କାମ୍ୟ ନୁହେଁ।

ଉତ୍ତରୋତ୍ତର ଭୌତିକ ତଥା ଅର୍ଥନୈତିକ ପ୍ରଗତିର ଧାରାରେ ସୃଜନାତ୍ମକ ଧ୍ୱଂସ ବା ବିନାଶ (କ୍ରିଏଟିଭ ଡେଷ୍ଟ୍ରକସନ୍)ର ପ୍ରାସଙ୍ଗିକତା ଅବଶ୍ୟ ଅନସ୍ୱୀକାର୍ଯ୍ୟ। ଅତ୍ୟାଧୁନିକ ପ୍ରଯୁକ୍ତିର ପ୍ରୟୋଗ, ଅତ୍ୟାଧୁନିକ ପ୍ରବିଧିମାନଙ୍କ ନିର୍ମାଣ, ବିନିର୍ମାଣ କ୍ରମରେ ଲିପ୍ତ ବିଶାରଦ, ବିଶେଷଜ୍ଞମାନେ ସୃଜନାତ୍ମକ ବିନାଶର ମନ୍ତ୍ରଟି ଉଚ୍ଚାରଣ କରି ପୁରୁଣାର ଯଜ୍ଞାନଳରେ ଆହୂତି ପ୍ରଦାନ କରୁଥା'ନ୍ତୁ। ନୂଆର ଧରାବତରଣ କରାଇ ଚାଲିଥା'ନ୍ତୁ, ନବପ୍ରବର୍ତ୍ତନ ମାଧ୍ୟମରେ। କିନ୍ତୁ ସକଳ ପ୍ରକାରର ବିକାଶ, ପରିବର୍ତ୍ତନ ବା ପରିବର୍ଦ୍ଧନ ପାଇଁ ପୁରାତନର ସମୂଳ ଉତ୍ପାଟନ, ସମୂଳ ବିସର୍ଜନ ଯେ ଅପରିହାର୍ଯ୍ୟ-ଏହା ଆଦୌ ଏକ ନିର୍ବିବାଦୀୟ ସତ୍ୟ ନୁହେଁ। ଆମେ ଯଦି ଏପରି ଭାବିବସିବା ଆମେ ମତାନ୍ଧ ହୋଇଯିବା, ଏକପ୍ରକାର ରୂଢ଼ିବାଦୀ ଧାରଣାର ଅନ୍ଧଭକ୍ତ ହୋଇଯିବା ଏବଂ ଜୀବନ ଓ ଜଗତ ପାଇଁ ଅତି ଶ୍ରେୟସ୍କର ଅନେକ ମହାର୍ଘ ଭାବସଂପଦ, ଅନେକ ମହାର୍ଘ ଗୁଣରାଜିର ବିନାଶପର୍ବର ପୁରୋଧା ହୋଇଯିବା, ଯେମିତି ହୋଇଚାଲିଛେ ଏବେ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ

ଡ. ଅଭିମନ୍ୟୁ ବରାଳ

ଆମ ଜନ୍ମଭୂମି ଭାରତବର୍ଷ ପ୍ରାଚୀନ ସଂସ୍କୃତିସମ୍ପନ୍ନ ସଭ୍ୟ ଦେଶ। ଏ ଦେଶର ବେଦ, ବେଦାନ୍ତ, ଉପନିଷଦ, ପୁରାଣ, ଜ୍ୟୋତିଷ, ସାହିତ୍ୟ, ବ୍ୟାକରଣ, ନ୍ୟାୟ, ମୀମାଂସା, ଅର୍ଥନୀତି ଓ ରାଜନୀତି ଆଦି ଥିଲା ଉନ୍ନତତର। ନାଳନ୍ଦା, ତକ୍ଷଶିଳା, ପୁଷ୍ପଗିରି ପ୍ରଭୃତି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଦେଶବିଦେଶରୁ ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରୁଥିଲେ। ଇଂରେଜମାନେ ଭାରତବର୍ଷକୁ ଅଧିକାର କରିବା ପରେ ଦେଖିଲେ ଯେ ଏ ଦେଶର ଶିକ୍ଷାଦାନ ପଦ୍ଧତି ଅତ୍ୟନ୍ତ ଉନ୍ନତ। ବେଦ, ବେଦାନ୍ତ ଓ ସଂସ୍କୃତ ଭାଷା ଏ ଜାତିକୁ ଉନ୍ନତ କରି ରଖିଛି। ତେଣୁ ଏ ଶିକ୍ଷା ବ୍ୟବସ୍ଥାକୁ ଯଦି ବିଭ୍ରାଟ କରିଦିଆଯାଏ ତେବେ ଭାରତୀୟମାନେ ଆମର ପଦାଙ୍କ ଅନୁସରଣ କରିବେ। ବେଶପୋଷାକ, ଚାଲିଚଳଣି ସବୁ ପରିବର୍ତ୍ତନ ହୋଇଯିବ। ଏମାନେ ସଂସ୍କୃତ ନ ପଢ଼ି ଇଂରାଜୀ ପଢ଼ିବେ। ବେଦ ବେଦାନ୍ତ ନ ପଢ଼ି ଇଂରାଜୀ ଉପନ୍ୟାସ (ନଭେଲ) ଓ ଗଳ୍ପାଦିକୁ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ।

ତେଣୁ ଇଂରେଜମାନେ ଯେଉଁ ଶିକ୍ଷାର ପ୍ରବର୍ତ୍ତନ କଲେ ସେଥିରେ ନଥିଲା ନୈତିକତାର ଲେଶମାତ୍ର ସୂଚନା। ତାହା ଥିଲା କେବଳ ଚାକିରି କୈନ୍ଦ୍ରିକ ବିଦ୍ୟା। ନାଳନ୍ଦା, ତକ୍ଷଶିଳା ପ୍ରଭୃତି ବିଶ୍ୱବିଦ୍ୟାଳୟରେ ଯେଉଁ ଶିକ୍ଷା ଦିଆଯାଉଥିଲା, ତାହା ନୈତିକତା ତଥା ବୌଦ୍ଧିକ ବିକାଶର ଶିକ୍ଷା। ଚୀନ ପରିବ୍ରାଜକ ହୁଏନ୍ ସାଂ ସ୍ୱୀୟ ବିବରଣୀରେ ଆମ ଶିକ୍ଷା ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଛନ୍ତି। ତେଣୁ ସ୍ୱାର୍ଥପର ଇଂରେଜମାନେ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ବିଶ୍ୱବିଦ୍ୟାଳୟକୁ ପ୍ରାୟ ଅଚଳ କରିଦେଲେ। ସେଥିରେ ଥିବା ବିଶାଳ ପାଠାଗାରକୁ ଅନଳ ଲଗାଇ ଭସ୍ମୀଭୂତ କରିଦେଲେ। ଶୁଣାଯାଏ ଉକ୍ତ ପାଠାଗାର ଦୀର୍ଘ ୬ ମାସ ପର୍ଯ୍ୟନ୍ତ ଜଳିଲା। ଫଳରେ ଅନେକ ଦୁଷ୍ପ୍ରାପ୍ୟ ଗ୍ରନ୍ଥ, ତାଳପତ୍ର ପୋଥି ଜଳିପୋଡ଼ି ପାଉଁଶ ହୋଇଗଲା। ଭାରତର ଶିକ୍ଷାଗତ ମେରୁଦଣ୍ଡକୁ ଭାଙ୍ଗିଦେବାରେ ଏହା ଥିଲା ଇଂରେଜମାନଙ୍କର ପ୍ରଥମ ଅଭିନବ କୌଶଳ। ଫଳରେ ଭାରତୀୟମାନେ ପାଶ୍ଚାତ୍ୟାଭିମୁଖୀ ତଥା ପରମୁଖାପେକ୍ଷୀ ହୋଇଗଲେ। ସେମାନଙ୍କର ସ୍ୱାଧୀନ ଚିନ୍ତା ଓ ଚେତନା ବିଲୁପ୍ତ ହୋଇଗଲା। ତେଣୁ ଇଂରେଜମାନେ ଦୀର୍ଘଦିନ ଧରି ଏ ଦେଶକୁ ଶାସନ କରିବାର ସୁଯୋଗ ପାଇଗଲେ। ବ୍ୟାସକବି ଫକୀରମୋହନ ଯଥାର୍ଥରେ କହିଛନ୍ତି,

'ହିଷ୍ଟ୍ରି, ଫିଲୋସୋଫି, ବଟାନୀ ବିଦେଶୁ ହୋଇଛି ଏ ଆମଦାନୀ / ପିଲାଏ ଖାଆନ୍ତି ଏ ସବୁ ଫଳ ପାପ ଟଙ୍କା ଗଣିଦିଏ କେବଳ / ଏ ସବୁ ଫଳର ଗୁଣ ଓଲଟା ହୁଏ ଦେହ ସରୁ ବୁଦ୍ଧିଟା ମୋଟା / ମାତ୍ରକ ହଜମ ଯେପରି ଜାଣି ଜଗତ ଜିଣେ ସେ ଆପଣା ଜ୍ଞାନେ।'(ମୁଁ ହାଟ ବାହୁଡ଼ା)

ପ୍ରାଚୀନ ଭାରତରେ ଋଷିମୁନିମାନେ ଗୁରୁକୁଳ ଆଶ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଥିଲେ। ସେମାନେ ଶିଷ୍ୟମାନଙ୍କୁ ପୁତ୍ରବତ୍ ଜ୍ଞାନ ପ୍ରଦାନ କରୁଥିଲେ। ଶିକ୍ଷାଦାନର ପଦ୍ଧତି ଭିନ୍ନ ଥିଲା। ଶିକ୍ଷା ଶେଷରେ ଏକ ଆଦର୍ଶ ମଣିଷ ଭାବରେ ଛାତ୍ରଟି ସମାଜର ମୁଖ୍ୟ ସ୍ରୋତରେ ମିଶି ନିଜ ଜୀବନଯାତ୍ରା ପଥରେ ଅଗ୍ରସର ହେଉଥିଲା। ସେଠାରେ ବେଦ ବେଦାନ୍ତଠାରୁ ଆରମ୍ଭ କରି କୃଷି ଏବଂ ବ୍ରହ୍ମଚର୍ଯ୍ୟ ପାଳନର ଶିକ୍ଷା ଦିଆଯାଉଥିଲା। ଏଥିପାଇଁ ଶିଷ୍ୟକୁ କୌଣସି ମୂଲ୍ୟ ଦେବାକୁ ପଡୁ ନ ଥିଲା। ଶିକ୍ଷା ସମାପ୍ତି ପରେ ଗୁରୁ ନିଜ ଇଚ୍ଛାରେ ଗୋଟିଏ ଦକ୍ଷିଣା ମାଗୁଥିଲେ। ଠିକ୍ ସେହିପରି ଥିଲା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ବକୁଳ ଛୁରିଅନା କୁଞ୍ଜର ବନ ବିଦ୍ୟାଳୟ। ବକୁଳ, ତମାଳ ତରୁ ବ୍ରତତୀର ସ୍ନିଗ୍ଧ ଛାୟାରେ ବସି ଛାତ୍ରମାନେ ଗୁରୁଙ୍କ ମୁଖରୁ ଶିକ୍ଷା ଗ୍ରହଣ କରୁଥିଲେ। ବନ ବିଦ୍ୟାଳୟର ଗୁରୁମାନେ ମଧ୍ୟ ଋଷି ପ୍ରତିମ ଥିଲେ। ପରବର୍ତ୍ତୀ କାଳରେ ଜନପଦମାନଙ୍କରେ ମାଟିବଂଶର ଅବଧାନମାନେ ଶିକ୍ଷାଦାନ କଲେ। ଧନୀ ଜମିଦାରଙ୍କ ବ୍ୟତୀତ ଖୁବ କମ୍ ପିଲା ଅଧ୍ୟୟନର ସୁଯୋଗ ପାଇଲେ। ପରେ ଗ୍ରାମ୍ୟ ଚାଟଶାଳୀରେ ସମସ୍ତ ବର୍ଗର ଛାତ୍ର ଅଧ୍ୟୟନ କରିବାର ସୁଯୋଗ ପାଇଲେ। ଛାନ୍ଦ, ପ୍ରବନ୍ଧ, ପଣିକିଆ ପ୍ରଭୃତି ସେଠାରେ ଅବଧାନେ ଶିକ୍ଷାଦାନ କଲେ। କିନ୍ତୁ ତାହା ମଧ୍ୟ ସାର୍ବଜନୀନ ହୋଇପାରିଲା ନାହିଁ।

ସ୍ୱାଧୀନତା ପରେ ସରକାରୀ ପ୍ରାଥମିକ ବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା। ଆଧୁନିକ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛନ୍ଦରେ ଅଧ୍ୟୟନ କରିପାରିଲେ। ଗାଁରେ ଥିବା ସରକାରୀ ଜମିରେ ବିଦ୍ୟାଳୟ ଖୋଲାଗଲା। ଅନେକ ସ୍ଥଳରେ ଧନିକ ଶ୍ରେଣୀର ଲୋକମାନେ ଜମି ଦେଇ ଘରଦ୍ୱାର ମଧ୍ୟ ତୋଳାଇ ଦେଲେ। ଗ୍ରାମବାସୀମାନେ ବିଦ୍ୟାଳୟର ରକ୍ଷଣାବେକ୍ଷଣ ତଥା ପରିଚାଳନା ଦାୟିତ୍ୱ ନେଲେ। କ୍ରମଶଃ ଝିଅମାନେ ବିଦ୍ୟାଳୟକୁ ଆସିଲେ। ଏହାପୂର୍ବରୁ ତତ୍କାଳୀନ ସମାଜରେ ଝିଅମାନେ ବାହାରକୁ ଯାଇ ପାଠ ପଢ଼ିବା ଏକ ଦୁରୁହ କାର୍ଯ୍ୟ ଥିଲା। ବ୍ୟାସକବି ଫକୀରମୋହନଙ୍କ ରେବତୀ ଗଳ୍ପ ଏହାର ଏକ ପ୍ରତିଫଳନ। ଛାତ୍ର-ଶିକ୍ଷକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପିତ ହେଲା। ଅଭିଭାବକମାନେ ମଧ୍ୟ ବିଦ୍ୟାଳୟ ସହିତ ସମ୍ପର୍କ ରକ୍ଷା କରୁଥିଲେ। କୌଣସି ଛାତ୍ର ବିଦ୍ୟାଳୟକୁ ନ ଆସିଲେ ଶିକ୍ଷକ ତା' ଘରକୁ ଯାଇ ଭଲମନ୍ଦ ବୁଝିବା ସହିତ ତାକୁ ଡାକି ଆଣୁଥିଲେ। 'ସମସ୍ତେ ପଢ଼ିବେ ସମସ୍ତେ ବଢ଼ିବେ', 'ଶିକ୍ଷା ହେଉଛି ମଣିଷର ମୌଳିକ ଅଧିକାର।' ସମ୍ବିଧାନର ଧାରା ୨୧ (ଏ)ରେ ଏହା ନିଶ୍ଚିତ କରାଯାଇଛି। ଗାଁ ଗହଳିରେ ଶିକ୍ଷକମାନେ ସମ୍ମାନିତ ବ୍ୟକ୍ତି ଭାବରେ ପ୍ରତିଷ୍ଠା ପାଇଲେ। ବିଦ୍ୟାଳୟର ଶୈକ୍ଷିକ ବାତାବରଣ ବେଶ୍ ମନୋରମ ହୋଇପାରିଲା।

ଶିକ୍ଷାଳୟ ଜ୍ଞାନର ମନ୍ଦିର। ଏହା ଅତ୍ୟନ୍ତ ପବିତ୍ର ସ୍ଥାନ। ସେହିପରି ଅଧ୍ୟୟନ ଏକ ମହାଯଜ୍ଞ। ଏଥିରେ ଛାତ୍ର ଜଜମାନ, ଶିକ୍ଷକ ପୁରୋହିତ। ଶିକ୍ଷାୟତନ ଏକ ଯଜ୍ଞଶାଳା। ସତ୍ୟବାଦୀ ବନ ବିଦ୍ୟାଳୟ ଏବଂ ସ୍ୱାଧୀନତା ପରେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ମୌଳିକ ଶିକ୍ଷା ଏବଂ ମୌଳିକ ବିଦ୍ୟାଳୟମାନଙ୍କରେ ନ୍ୟୂନାଧିକେ ଏ ସବୁ ଦେଖିବାକୁ ମିଳୁଥିଲା। ସମୟକ୍ରମେ ଆଧୁନିକତାର ଦ୍ୱାହି ଦେଇ ଏହାର ପବିତ୍ରତା ନଷ୍ଟ ହୋଇଚାଲିଛି। ଏବେ ଆଉ ପ୍ରାଥମିକ ବିଦ୍ୟାଳୟରେ ସେ ଗୌରବ ନାହିଁ କି ସେ ଶୈକ୍ଷିକ ବାତାବରଣ ଆଉ ନାହିଁ। ଶିକ୍ଷକମାନେ ଚାକିରି କରି ଅର୍ଥ ଉପାର୍ଜନ ପାଇଁ ଆସୁଛନ୍ତି। ମାତ୍ର ପିଲାଟିର ଉନ୍ନତି ବିଷୟରେ ସେମାନେ ଚିନ୍ତା କରୁନାହାନ୍ତି। ବିଦ୍ୟାଳୟର ଝାଟିମାଟି ଚାଳଘର ଏବେ କୋଠାରେ ପରିଣତ ହୋଇଯାଇଛି। ସେହି ଅଞ୍ଚଳକୁ ଦଣ୍ଡମୁକ୍ତ ଅଞ୍ଚଳ କରି ଦିଆଯାଇଛି। କେତେକ ଛାତ୍ର ଖାଲି ମଧ୍ୟାହ୍ନଭୋଜନ ପାଇଁ ସ୍କୁଲକୁ ଆସୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ।

ପାଶ୍ଚାତ୍ୟ ଦେଶକୁ 'ମ୍ଳେଚ୍ଛ ଦେଶ' ବୋଲି 'ମନୁ ସଂହିତା'ରେ କୁହାଯାଇଛି। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଆଜି ସବୁକିଛି ବଦଳିଯାଇଛି। ଆଜି ଭାରତୀୟମାନେ ବିଦେଶରୁ ଶିକ୍ଷାଲାଭ କରି ଆସିବା ପରେ ତାଙ୍କୁ ଏଠାରେ ସମ୍ମାନ ଦିଆଯାଉଛି ଏବଂ ସେମାନେ ଗର୍ବ ଅନୁଭବ କରୁଛନ୍ତି। ଏ ସବୁକୁ ଦେଖିଲେ ମନରେ ସ୍ୱତଃ ପ୍ରଶ୍ନଟିଏ ଉଠୁଛି - ଏ କ'ଣ ସେହି ଭାରତବର୍ଷ, ଯିଏ ଦିନେ ଶିକ୍ଷା କ୍ଷେତ୍ରରେ ଅପୂର୍ବ ଗୌରବର ଅଧିକାରୀ ହୋଇ ବିଶ୍ୱଗୁରୁର ସମ୍ମାନ ଲାଭ କରିଥିଲା? ତା'ଠାରୁ ବଡ଼ ପ୍ରଶ୍ନ ହେଉଛି ବିଶ୍ୱଗୁରୁ ଭାରତର ସେ ହୃତଗୌରବ ସତରେ କ'ଣ ଆଉ ଫେରିବନି?

ସାକ୍ଷୀଗୋପାଳ(ପୁରୀ), ମୋ: ୯୯୩୭୮୩୫୨୩୦

# ଧାତବ ଜୈବିକ ଆଧାରକୁ ନୋବେଲ ସ୍ୱୀକୃତି

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଚଳିତ ବର୍ଷ (୨୦୨୫) ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଛି ଜାପାନର କିଓଟୋ ବିଶ୍ୱବିଦ୍ୟାଳୟ ସୁସୁମୁ କିଟାଗାୱା, ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟର ରିଚାର୍ଡ ରୋବ୍ସନ ଏବଂ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଓମାର ୟାଘିଙ୍କୁ। ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଉଦ୍‌ଭାବନ 'ଧାତବ-ଜୈବିକ ଆଧାର' (ମେଟାଲ-ଅର୍ଗାନିକ ନେଟୱାର୍କ ବା ସଂକ୍ଷେପରେ ଏମ୍ଓଏଫ୍) ଲାଗି। ଏହି ପଦାର୍ଥଗୁଡ଼ିକରେ ଧାତବ ଆୟନ୍‌ଗୁଡ଼ିକ ଜୈବିକ ଅଣୁମାନଙ୍କ ଦ୍ୱାରା ଏକ ନିୟମିତ ପୁନରାବୃତ୍ତି ଘଟୁଥିବା ଢଙ୍ଗରେ ସଂଯୁକ୍ତ ହୋଇ ତ୍ରିପରିସରୀୟ ସଂରଚନାଟିଏ ସୃଷ୍ଟି କରିଥା'ନ୍ତି। ଏହା ବିଷୟରେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏଥିରେ ଥିବା ଧାତବ ଆୟନ ଏବଂ ଜୈବିକ ଅଣୁ ମଧ୍ୟରେ ଶୂନ୍ୟସ୍ଥାନ ବିଶାଳକାୟ ରନ୍ଧ୍ର ରୂପେ କାର୍ଯ୍ୟ କରି ଏହାକୁ ଅତ୍ୟନ୍ତ ସଛିଦ୍ର କରିଥା'ନ୍ତି। ୟାଘିଙ୍କ କହିବା ଅନୁସାରେ ଏକ ଗ୍ରାମ ଏମ୍ଓଏଫ୍‌ର ଆଭ୍ୟନ୍ତରୀଣ ପୃଷ୍ଠଭୂମିର ଆକାର ପ୍ରାୟ ଏକ କ୍ଷୁଦ୍ର ଫୁଟବଲ ପଡ଼ିଆ ସହିତ ସମାନ। ଏହି କାରଣରୁ ଏଗୁଡ଼ିକ ଜେଓଲାଇଟ୍ ଏବଂ ମେସୋପୋରୋସ୍ ସିଲିକା ଭଳି ଅନ୍ୟାନ୍ୟ ସଛିଦ୍ର ପଦାର୍ଥ ତୁଳନାରେ ବହୁଗୁଣ ଅଧିକ ଶୋଷଣକାରୀ ରୂପେ କାର୍ଯ୍ୟ କରେ।

ବିଭିନ୍ନ ଧାତୁ ବ୍ୟବହାର କରି ଏବଂ ଜୈବିକ ସଂଯୋଗକାରୀ ଅଣୁ ଦ୍ୱାରା ଏମ୍ଓଏଫ୍‌ର ରନ୍ଧ୍ରଗୁଡ଼ିକୁ ସାନ କିମ୍ବା ବଡ଼ କରାଯାଇ ପାରିବା ସହିତ ତାହାକୁ ଅଧିକ ସକ୍ରିୟ କରିହେବ। ଅତଏବ, ତାହାକୁ ବାଷ୍ପ ସଂଚୟ କିମ୍ବା ବିଭିନ୍ନ ପ୍ରକାର ପରିସ୍ରବଣ କିମ୍ବା ଅଙ୍ଗାରକାମ୍ଳ ଶୋଷଣ ଆଦି କାର୍ଯ୍ୟରେ ନିୟୋଜିତ କରାଯାଇପାରିବ। ପୁନଶ୍ଚ ଏହାର ରାସାୟନିକ ଧର୍ମ ବଦଳାଇ ଏହାକୁ ଉତ୍ପ୍ରେରଣ, ବିଦ୍ୟୁତ୍ ରସାୟନ ବିଜ୍ଞାନ ଏବଂ ଫ୍ଲୋରେସେନସ୍‌ଭିତ୍ତିକ ଚିତ୍ର ଉତ୍ତୋଳନ ଆଦିରେ ବ୍ୟବହାର କରିହେବ।

ରୋବସନ୍ ୧୯୮୦ ଦଶକରେ ହୀରାର ସଂରଚନା ଅନୁକରଣରେ ତମ୍ବା ଧାତୁର ଆୟନ ସହିତ ଏକ ଜୈବିକ ଅଣୁ (ଲିଜେଣ୍ଡ) ଯୋଡ଼ି ଏହା ପ୍ରସ୍ତୁତ କରିବାକୁ ଉଦ୍ୟମ ଚଳାଥିଲେ। ଏଥିରେ ତାଙ୍କୁ ସଫଳତା ମିଳିଲା ୧୯୮୯ ମସିହାରେ। ତତ୍ପରେ ୟାଘି ଏବଂ କିଟାଗାୱା ବିଭିନ୍ନ ଧାତବ ଆୟନ ଏବଂ ସଂଯୋଗକାରୀ ଜୈବିକ ଅଣୁ (ଲିଜେଣ୍ଡ) ବ୍ୟବହାର କରି ଏକ୍ଷେତ୍ରକୁ ବିକଶିତ କରିବାକୁ ଲାଗିଲେ। ଫଳରେ ପରବର୍ତ୍ତୀ ବର୍ଷମାନଙ୍କରେ ତାହା ଅଧିକରୁ ଅଧିକ ପ୍ରସ୍ତୁତ କରିବା ସମ୍ଭବ ହେଲା ଏବଂ ୨୦୦୦-ଦଶକ ବେଳକୁ ଏଥିରୁ ମାତ୍ର କେତେ ଡଜନ୍ ତିଆରି ହୋଇ ପାରିଥିବା ସ୍ଥଳେ ବିଗତ ବର୍ଷ (୨୦୨୪) ଏହା ପ୍ରାୟ ୧୦ ହଜାର ପର୍ଯ୍ୟନ୍ତ ହୋଇପାରିଛି। ଅତଏବ ଆଜି ସୁଦ୍ଧା ଏଗୁଡ଼ିକର ସଂଖ୍ୟା ଏକ ଲକ୍ଷ ଅତିକ୍ରମ କରିଗଲା, ଯାହାକି ଅତ୍ୟନ୍ତ ସୁଦୃଢ଼ ଏବଂ ୩୦୦ ରୁ ୩୫୦ ଡିଗ୍ରୀ ସେଲ୍ସିୟସ୍ ତାପ ସହ୍ୟ କରିପାରୁଛି।

ଇତିମଧ୍ୟରେ ବିଭିନ୍ନ ଦେଶର କମ୍ପାନୀମାନେ ଏହାକୁ ବ୍ୟବସାୟିକ ଭିତ୍ତିରେ ଉତ୍ପନ୍ନ କରି ନାନାଦି କାର୍ଯ୍ୟରେ ଲଗାଇବା ପାଇଁ ଅର୍ଥ ବିନିଯୋଗ କରିବା ଆରମ୍ଭ କରିଦେଲେଣି। ଉଦାହରଣ ସ୍ୱରୂପ ଇଂଲଣ୍ଡର 'ନୂଆଡା' ନାମକ କମ୍ପାନୀ ସତେଜ ଫଳ ଓ ପନିପରିବା ଆଦିକୁ ଦୀର୍ଘକାଳ ଧରି ଗଚ୍ଛିତ ରଖିବାରେ ଏହାକୁ ଉପଯୋଗ କରୁଛି। ଏଥିରେ ବ୍ୟବହୃତ ଏମ୍ଏଫ୍ଓରେ ରହୁଛି ଏକ ରାସାୟନିକ ପଦାର୍ଥ, ଯାହାକି ସେଗୁଡ଼ିକୁ ନଷ୍ଟ ହେବାକୁ ଦେଉନାହିଁ। ସେହିପରି ଆମେରିକାର 'ନୁମାଟ୍' କମ୍ପାନୀ ତିଆରି କରିଥିବା ଏହି ଜାତୀୟ ଏକ ନୂତନ ପଦାର୍ଥ ଶିଳ୍ପରୁ ନିର୍ଗତ ପ୍ରଦୂଷଣକାରୀ ବାଷ୍ପରୁ ଅଙ୍ଗାରକାମ୍ଳ ଏବଂ ଅଲଗା ଅଲଗା ଭାବେ ଅନ୍ୟାନ୍ୟ ବାଷ୍ପଗୁଡ଼ିକୁ ଶୋଷଣ କରି ଧରିରଖୁଛି। ସେଗୁଡ଼ିକୁ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ଜଳାଭାବର ସମ୍ମୁଖୀନ ହେଉଥିବା ଉପସାଗରୀୟ ଦେଶମାନଙ୍କରେ ବ୍ୟବହାର ଏହାର 'ମେଟ୍' ନାମକ କମ୍ପାନୀ କେତେ ପ୍ରକାର ଏମ୍ଓଏଫ୍ ତିଆରି କରି ବ୍ୟବସାୟିକ ଭିତ୍ତରେ ବାୟୁରୁ ଜାତୀୟ ବାଷ୍ପ ଶୋଷଣ କରି ତାହାକୁ ତରଳ ଜଳରେ ପରିଣତ କରିବା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ସେଠାରେ ପାନୀୟ ଜଳସଂକଟକୁ କିଛିମାତ୍ରାରେ ଦୂର କରିପାରିବ। ବୈଜ୍ଞାନିକମାନେ ଆଶା କରନ୍ତି ଯେ ଆଗାମୀ ଦିନମାନଙ୍କରେ ଏହାର ବିଭିନ୍ନ କିସମ ଅଧିକରୁ ଅଧିକ ସଂଖ୍ୟାରେ ପ୍ରସ୍ତୁତ ହେବ। ତାହା ମାନବଜାତିର ବିବିଧ କଲ୍ୟାଣକାର କ୍ଷେତ୍ରରେ ବିନିଯୋଗ ହୋଇ ପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାଜଧାନୀରେ ବାଘଛାଲ କାରବାର

ଭୁବନେଶ୍ୱର, ୩।୧୧(ସମିସ): ରାଜଧାନୀରେ ବାଘଛାଲ କାରବାର ଚାଲିଥିବା ବେଳେ ମାଡ଼ି ବସିଛି ପୁଲିସ। ମାଷ୍ଟରମାଇଣ୍ଡ ସମେତ ୩ ଜଣଙ୍କୁ ଗିରଫ କରିଛି ସ୍ୱତନ୍ତ୍ର ଅପରାଧିକ ଶାଖା (ଏସ୍‌ସିୟୁ)। ଗିରଫ ଅଭିଯୁକ୍ତ ହେଲେ, ଦୁମ୍ଦୁମା ପଞ୍ଚସଖାନଗରର ରୋହିତ ମହାପାତ୍ର (୨୭), ଭଞ୍ଜନଗରର ମନଜିତ୍ ସାବତ (୩୨) ଓ ଗଣ୍ଡମୁଣ୍ଡା ଅଞ୍ଚଳର ଶମ୍ଭୁ ବିଷୋୟୀ (୨୩)।

■ ଗ୍ରାହକ ବେଶରେ ମାଡ଼ି ବସିଲା ପୁଲିସ
■ ମାଷ୍ଟରମାଇଣ୍ଡ ସମେତ ୩ ଗିରଫ
■ ୩୦ ଲକ୍ଷରେ ହୋଇଥିଲା ଡିଲ୍
■ କର୍ଣ୍ଣାଟକରୁ ଦିଲ୍ଲୀ ଯାଏଁ ଲମ୍ବିଛି ଚେର



ପୁଲିସ ସୂଚନାନୁସାରେ, ଦୁଇ ତିନିଜଣ ବେପାରୀ ବାଘଛାଲ କାରବାର କରୁଥିବା ଜାଣିବା ପରେ ଏସ୍‌ସିୟୁ ଟିମ୍ ଗ୍ରାହକ ବେଶରେ ସେମାନଙ୍କ ସହ ଯୋଗାଯୋଗ କରିଥିଲା। ବେପାରୀଙ୍କ କହିବା ମୁତାବକ ଡିସିପି ଅନୁପ କାନୁନଗୋଙ୍କ ନେତୃତ୍ୱରେ ଗୋଟିଏ ପୁଲିସ ଟିମ୍ ହୋଟେଲ ମେ' ଫେୟାର ନିକଟକୁ ଯାଇଥିଲା। ବିଶ୍ୱାସ ଜନ୍ମାଇବା ପାଇଁ ସାଙ୍ଗରେ ୫ଲକ୍ଷ ଟଙ୍କା ନେଇଥିଲା। ମନଜିତ୍ ଓ ଶମ୍ଭୁ ଡିଲ୍ ପାଇଁ ଆସିଥିଲେ ମଧ୍ୟ ସାଙ୍ଗରେ ବାଘଛାଲ ଆଣି ନଥିଲେ। ଟଙ୍କା ଦେଖିବା ପରେ ଦୁଇଜଣ ଯାକ ପୁଲିସ ଜାଲରେ ପଡ଼ିଥିଲେ। ପୁଲିସକୁ ଅପେକ୍ଷା କରିବାକୁ କହି ରୋହିତ ନିକଟରୁ ଯାଇ ବାଘଛାଲ ଆଣି ଆସିଥିଲେ। କଲରାପଟରିଆ ବାଘ ଛାଲ ଦେଖିବା ପରେ ପୁଲିସ ସେମାନଙ୍କୁ କାବୁ କରିଥିଲା। ଦୁଇ ଜଣଙ୍କୁ ସାଙ୍ଗରେ ଧରି ଚଡ଼ଉ କରିବା ସହ ମାଷ୍ଟରମାଇଣ୍ଡ ରୋହିତକୁ କାବୁ କରିଥିଲା। ଅଧିକ ତଦନ୍ତ ପାଇଁ ସମସ୍ତଙ୍କୁ ଭୋଇ ନେଇ ପଚରାଉଚରା କରିଥିଲା। ରୋହିତ ହିଁ ପୁରା ଘଟଣାର ମାଷ୍ଟରମାଇଣ୍ଡ ବୋଲି ପୁଲିସ ଜାଣିବାକୁ ପାଇଥିଲା। ବାଘଛାଲ ଜବତ ହେବା ପରେ କର୍ଣ୍ଣାଟକ ଓ ଦିଲ୍ଲୀ ଲିଙ୍କ୍ ପଦାକୁ ଆସିଛି। ବାଘଟିର ବୟସ ୮/୯ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଛାଲଟି କର୍ଣ୍ଣାଟକରୁ ଆସିଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି। ରାଉରକେଲାର ଜଣେ ବ୍ୟକ୍ତି ବାଘଛାଲଟିକୁ କର୍ଣ୍ଣାଟକରୁ ଓଡ଼ିଶା ଆଣିଥିଲା। ତା'ଠାରୁ ମନଜିତ୍ ଓ ଶମ୍ଭୁ ବାଘ ଛାଲ ନେଇ ଭୁବନେଶ୍ୱର ଆସି ରୋହିତକୁ ଦେଇଥିଲେ।

ରୋହିତର ବାପା କେନ୍ଦ୍ର ସରକାରଙ୍କ ଅଧୀନରେ ଚାକିରି କରିଥିବା ବେଳେ ପରିବାର ସହ ଦିଲ୍ଲୀରେ ରହୁଥିଲେ। କିନ୍ତୁ ରୋହିତ ଭୁବନେଶ୍ୱରରେ ରହୁଥିବା ବେଳେ ଅନେକ ସମୟ ଦିଲ୍ଲୀ ଯିବା ଆସିବା କରେ। ଦିଲ୍ଲୀର ଜଣେ ବ୍ୟବସାୟୀ ବାଘଛାଲ ବରାଦ କରିବା ପରେ ରୋହିତ ଛାଲ ଯୋଗାଡ଼ କରିଥିଲା। ମୋଟ ୩୦ଲକ୍ଷ ଟଙ୍କାରେ ଡିଲ୍ ହୋଇଥିବା ବେଳେ ଦିଲ୍ଲୀରେ ପହଞ୍ଚାଇବା ପରେ ରୋହିତକୁ ୫ଲକ୍ଷ ଟଙ୍କା କମିସନ ମିଳିଥାନ୍ତା ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ହେଲେ କୌଣସି କାରଣରୁ ଦିଲ୍ଲୀ ଡିଲ୍ ବିଳମ୍ବ ହେବାରୁ ରୋହିତ ବାଘଛାଲ ଧରି ଭୁବନେଶ୍ୱରରେ ଥିଲା। ଏହାରି ଭିତରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗ୍ରାହକ ବେଶରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ କାରବାରରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ସେନେଇ ଖୋଳତାଡ଼ ଜାରି ରଖିଛି ପୁଲିସ। ଆବଶ୍ୟକ ପଡ଼ିଲେ ମାଷ୍ଟର ମାଇଣ୍ଡ ରୋହିତକୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ହାତୀ ଆକ୍ରମଣରେ ନାବାଳକ ମୃତ

ଲାଞ୍ଜିଗଡ଼, ୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବନାଞ୍ଚଳ ଲାଞ୍ଜିଗଡ଼ ସେକ୍ସନ ନାଚିନିଗୁଡ଼ା ବିଟ୍‌ସ୍ଥିତ ହରିଗୁଡ଼ା ଗ୍ରାମରେ ହାତୀ ଆକ୍ରମଣରେ ତ୍ରିଲୋଚନପୁର ପଞ୍ଚାୟତସ୍ଥିତ କୁନାକାଡୁ ଗାଁର କାଣ୍ଡୁ ମାଝୀଙ୍କ ପୁଅ ରବି ମାଝୀ (୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ବଡ଼ଭାଇ ସମରୁ ମାଝୀ (୭) ଆହତ ହୋଇଛି।

**AFFIDAVIT**

I, Sagupta Zari W/o MD Shahud Pervez, Resident of Latumia Lane, Panposh Town, PO-Rourkela-4, PS-Raghunathpali, Dist-Sundargarh, Odisha, PIN-769004, declared by this affidavit No A/08 Dated 01.11.2025 that now onwards I shall be known as **SHAGUFTA PERVEZ** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**NOTICE (FOR MINOR)**

Gangadhar Sahu, aged about 44 years, S/o-Late Sambaru Sahu, resident of AT: Plot No. 322, Raghunath Nagar, Dumuduma Housing Board Colony, Ps-Khandagiri, Bhubaneswar, Dist-Khordha, Pin-751019, declare that I have changed the name of my son from Priyanshu Pritam to Priyanshu Pritam Sahu henceforth he shall be known as **Priyanshu Pritam Sahu** for all purposes.
**Sd/- Gangadhar Sahu**

**AFFIDAVIT**

By virtue of an affidavit No. 572, dtd. 01.08.2025 in the court of the Executive Magistrate, Koraput, I, Cahnini Bibi resident of Tudukuthuba, Po- T. Thuba, Ps.- Nandapur, Dist.- Koraput-764037 have changed my name from Chandini Bagama to Chandi Bibi. Henceforth I shall be known as **Chandini Bibi** for all purposes.
**Sd/- Chandini Bibi**

**NOTICE**

By the virtue of an Natatory partnership deed sworn before the notary public Bhubaneswar dated 29.10.2025. I Premanand Nath bearing Aadhar no.2609 2268 8325 S/o late Dharanidhar Nath from the Organization M/s Jaleswar Packaging is no more interested to continue as Partner with effect from 18.10.2025. The Partners have agreed to reconstitute the business as per the reconstitute Deed for all the purpose.

**AFFIDAVIT**

I, TAUHID MOHAMMED, age-67, S/o- Nabu Mian, Adress: D/29, Sector-16, Rourkela, Dist.: Sundargarh, PIN-769003, Odisha, declared by this Affidavit No.1342/2025, Dated: 01.11.2025. That now onwards I shall be known as MD TAUHEED for all future Purposes.

## ମନ୍ତ୍ରୀଙ୍କ ସତ୍ୟପାଠରେ ଅସତ୍ୟ ତଥ୍ୟ

# କୃଷ୍ଣ ପାତ୍ରଙ୍କ ବିଧାୟକ ପଦ ରଦ୍ଦ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୩।୧୧(ସମିସ): ୨୦୨୪ ରାଜ୍ୟ ବିଧାନସଭା ନିର୍ବାଚନରେ ଢେଙ୍କାନାଳ ବିଧାନସଭା ଆସନରୁ ବିଜୟୀ ହୋଇ ରାଜ୍ୟରେ ଯୋଗାଣ ମନ୍ତ୍ରୀ ପଦ ପାଇଥିବା ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ସତ୍ୟପାଠରେ ଅସତ୍ୟ ତଥ୍ୟ ଦେଇଛନ୍ତି। ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ଶ୍ରୀ ପାତ୍ରଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଦାବି କରିଛି କଂଗ୍ରେସ। ଦଳଭବନ୍ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ନାମାଙ୍କନ ପତ୍ର ଦାଖଲ କଲାବେଳେ ସତ୍ୟପାଠରେ ଉଲ୍ଲେଖ କରିଥିବା ପାନ ନମ୍ବରଟି ହେଉଛି ଏଏକେପିପି୩୯୪୫ଆର୍। ମାତ୍ର ଏହି ପାନ୍ ନମ୍ବର ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଓ ଭୁଲ। ତାଙ୍କ ପତ୍ନୀଙ୍କ ପାନ ନମ୍ବର ଠିକ୍ ଥିଲା ବେଳେ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପାନକାର୍ଡ ସଂପୂର୍ଣ୍ଣ ବେନାମୀ। ଆୟକର ବିଭାଗର କର୍ତ୍ତୃପକ୍ଷଙ୍କ ପାଖରୁ ଏହି ପାନକାର୍ଡର ସତ୍ୟାସତ୍ୟ ବାବଦରେ ଖବର ନେବାପରେ ଏହି ପାନକାର୍ଡଟି ଏକ ଅବୈଧ ବୋଲି ତଥ୍ୟ ମିଳିଛି। ଏପରି ପାନକାର୍ଡର କାହାରିକୁ ଦିଆଯାଇନାହିଁ ବୋଲି ଆୟକର ବିଭାଗ କହିଛି। ଜନପ୍ରତିନିଧି ଅଧିନିୟମ୧୯୫୧ଧାରା ୪(ଏ)ଅନୁସାରେ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ସମୟରେ ଫର୍ମ-୨୬ ସହିତ ଏକ ସତ୍ୟପାଠ ବା ଶପଥପତ୍ର ମଧ୍ୟ ଦାଖଲ କରିଥାନ୍ତି। ତାଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ତଥ୍ୟ ସଂପୂର୍ଣ୍ଣଭାବେ ଠିକ ଓ ନିର୍ଭୁଲ ବୋଲି ଉଲ୍ଲେଖ କରିଥାଆନ୍ତି। ତେଣୁ ଫର୍ମ-୨୬ ରେ ମିଛ ତଥ୍ୟ ଦେଇଥିବା ହେତୁ ତାଙ୍କ ନାମାଙ୍କନ ପତ୍ର ଖାରଜ ହେବା ପରିବର୍ତ୍ତେ କିପରି ଯାଞ୍ଚ



ପ୍ରକ୍ରିୟାରେ କାମ୍ୟ ରହିଲା ଏହାକୁ ନେଇ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି। ଯଦି ଏହି ପାନ ନମ୍ବର ମନ୍ତ୍ରୀଙ୍କର ନୁହେଁ ତେବେ ଏହା କାହାର ସେକଥା ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ପାତ୍ର ନିଜ ସତ୍ୟପାଠରେ ଯେଉଁ ୫ ବର୍ଷର ଆୟକର ଦାଖଲ କରିଥିବାର ତଥ୍ୟ ପ୍ରଦାନ କରିଛନ୍ତି ତାହା କେଉଁ ପାନ ନମ୍ବର ଅନୁସାରେ ଦେଇଛନ୍ତି ଏହା ନିର୍ବାଚନ ଆୟୋଗ ଯାଞ୍ଚ କରୁ ବୋଲି କଂଗ୍ରେସ ଦାବି କରିଛି। ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇଟି ପାନକାର୍ଡ ରଖିଛନ୍ତି କି ବୋଲି କଂଗ୍ରେସ ପ୍ରଶ୍ନ କରିବା ସହ ଯଦି ଏହା ହୋଇଥାଏ ଏହାମଧ୍ୟ ଏକ ଧର୍ତ୍ତବ୍ୟ ଅପରାଧ। ମିଛ ତଥ୍ୟ ପ୍ରଦାନ ଜନପ୍ରତିନିଧି ଆଇନ-୧୯୫୧ର ୪୩ର ସଂପୂର୍ଣ୍ଣ ଉଲ୍ଲଂଘନ। ନିର୍ବାଚନ ଆୟୋଗ ଏ ଖବର ଜାଣିଲାପରେ ସେତେବେଳର ରିଟର୍ଣ୍ଣିଂ ଅଫିସରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି କଂଗ୍ରେସ ଦାବି କରିଛି। ନିର୍ବାଚନ ଆୟୋଗ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଗଣତନ୍ତ୍ରର ସୁସ୍ଥ ପରମ୍ପରାକୁ ବଜାୟ ରଖନ୍ତୁ ବୋଲି ସେ କହିବା ସହିତ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିଧାୟକ ପଦକୁ ତୁରନ୍ତ ରଦ୍ଦ କରାଯାଉ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନଳିନୀ କାନ୍ତ ନାୟକ ଓ ଡଃ ମନିଷାଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

## ବେକରେ ଶାଢ଼ି ଲଗାଇ ଝୁଲିପଡ଼ିଲେ ଛାତ୍ର

ବେଣିଙ୍ଗା, ୩।୧୧(ସମିସ): ବେଣିଙ୍ଗା ଥାନା ଅଧୀନ କେନ୍ଦୁଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷରେ ପଢ଼ୁଥିବା ଜଣେ ଛାତ୍ର ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ତେବେ ଏହି ଆତ୍ମହତ୍ୟା ପ୍ରେମଜନିତ କାରଣରୁ ହୋଇଛି ବୋଲି ଜଣାପଡ଼ିଛି। ଏନେଇ ଅଭିଯୋଗ ପାଇ ପୁଲିସ ପହଞ୍ଚି ତଦନ୍ତ କରୁଛି। ସୂଚନାନୁସାରେ, ଖଣ୍ଡବୀ ଗ୍ରାମର ଜୟନ୍ତ ଗାଇଣ ରାଜମିସ୍ତ୍ରି ଭାବେ କାମ କରି ୧୭ବର୍ଷ ହେଲା କେନ୍ଦୁଆ ଗ୍ରାମରେ ପରିବାର ନେଇ ରହୁଛନ୍ତି। ତାଙ୍କ ବଡ଼ପୁଅ ଗଣେଶ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ରେ ପଢ଼ୁଥିଲେ। ତେବେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ସୋମବାର ଜୟନ୍ତ ନିଜ ସ୍ତ୍ରୀ ଓ ସାନ ପୁଅକୁ ନେଇ ବାରିପଦା ଯାଉଥିବା ବେଳେ ବଡ଼ପୁଅଙ୍କ ଖୁଁଟର କ୍ଲାସ ଯାଉଛି ବୋଲି କହିଥିଲା। ହେଲେ କେଇ ମିନିଟ ପରେ ଗଣେଶର ଜଣେ କଲେଜ ସାଙ୍ଗ ଜୟନ୍ତଙ୍କୁ ଫୋନ କରି କହିଥିଲା ଯେ, ତୁମ ପୁଅ ବେକରେ ଶାଢ଼ି ଲଗେଇ ଘର ଶିଢ଼ି ବାଡ଼ାରେ ଝୁଲି ପଡ଼ିଛି। ଜୟନ୍ତ ତରବରରେ ବାରିପଦାରୁ ଫେରି ଡାକ୍ତରଖାନାରେ ପହଞ୍ଚି ଦେଖିଲା ବେଳକୁ ପୁଅର ମୃତ୍ୟୁ ହୋଇଯାଇଛି।

**AFFIDAVIT**

By virtue of an affidavit sworn before The Executive Magistrate, G.Udayagiri, Kandhamal, date- 16/10/2025. I, **N Dirghika Saumya Deepti**, D/o Situ Kumar Nayak, permanent resident of Village-Lebaguda, PO- Rudangia, PS-G.Udayagiri, Dist- Kandhamal, PIN-762100, Odisha declare that I have changed my name from **N.Dirghika Soumya Dipty** to **N Dirghika Saumya Deepti**. Henceforth, I shall be known as **N Dirghika Saumya Deepti** (new name) for all future purposes.
**N Dirghika Saumya Deepti**

**AFFIDAVIT**

By virtue of an affidavit no 5274 sworn before the Executive Magistrate, Tirtol dated- 31/10/2025, I **Namita Das**, resident of At-Bakharpur, Po- Malanda, Ps-Tirtol, Dist- Jagatsinghpur, Pin- 754136, Odisha declare that I have changed my name from **Ruksar Parwin** (old name) to **Namita Das** (new name). Henceforth, I shall be known as **Namita Das** for all future purposes.
**Namita Das**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୨ ବର୍ଷୀୟ...

ସବୁଠାରୁ କମ୍ ବୟସ୍କ ଅବବପତି ହୋଇଛନ୍ତି। ଏହି କୃତିତ୍ୱ ହାସଲ କରିବାରେ ତାଙ୍କୁ କେହି ସହାୟତା କରି ନ ଥିଲେ। ନିଜ ପ୍ରଚେଷ୍ଟାରେ ଏହି ତିନି ଛାତ୍ର ଏତେ ବଡ଼ ସଫଳତା ହାସଲ କରିଛନ୍ତି।

### ୨୦ଟି ଗାଡ଼ି ଉପରେ...

ପର୍ଯ୍ୟନ୍ତ ରାସ୍ତା ରକ୍ତରଞ୍ଜିତ ହୋଇଯାଇଥିଲା। ମୃତକଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ରାସ୍ତା ଉପରେ ଛିଟ୍‌କି ପଡ଼ିଥିଲା। କାହାର ପେଟ୍ କଟିଯାଇଛି ତ ଆଉ କାହାର ହାତ କଟିଯାଇଛି।

ଏହି ଦୁର୍ଘଟଣା ସୋମବାର ଦିପହରରେ ହରମାଡାର ଲୋହା ମଣ୍ଡିଠାରେ ଘଟିଛି। ଅପରାହ୍ନ ୧ଟାରେ ଏହି ଡମ୍ପର ଲୋହା ମଣ୍ଡି ପେଟ୍ରୋଲ ପମ୍ପଠାରୁ ରୋଡ଼ ନଂ-୧୪ରୁ ହାଇଓ୍ୱେ ଉପରକୁ ଉଠିଥିଲା। ଏହାପାରେ ରାସ୍ତାରେ ଥିବା ଗାଡ଼ିଗୁଡ଼ିକୁ ଧକ୍କା ଦେଇ ସେଗୁଡ଼ିକ ଉପରେ ଚଢ଼ିଯାଇଥିଲା। ଡମ୍ପର ଡ୍ରାଇଭର କଲ୍ୟାଣ ମିନାଙ୍କୁ ଲୋକେ ଧରି ପୁଲିସ ଜିମା ଦେଇଛନ୍ତି।

### ମୋ ପ୍ରତି ବେଇମାନୀ...

ସମାବେଶରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସହ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ତୁକୁନି ସାହୁ, ଅବନୀ ଯୋଷୀ, ମନୋଜ ମିଶ୍ର, ଅଧିରାଜ ପାଣିଗ୍ରାହୀ, ପ୍ରତାପ କେଶରୀ ଦେବ, ସୁଦାମ ମାରାଣ୍ଡି, ପୁଷ୍ପେନ୍ଦ୍ର ସିଂ ଦେଓ, ନିରଞ୍ଜନ ବିଶି, ଶ୍ରୀଭାଶିଷ ଖୁଣ୍ଟିଆ, ମୁନ୍ନା ଖାନ, ଶର୍ମିଷ୍ଠା ସେଠୀ, ଡଲି ମାଝୀ, ଦୀପିକା ଦୀପ, କ୍ଷମାନିଧି ନିଆଲ, ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତରାୟ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ସୁଶାନ୍ତ କୁମାର ରାଉତ, ବିଶ୍ୱରଞ୍ଜନ ମଲ୍ଲିକ, ନଳିନୀକାନ୍ତ ପ୍ରଧାନ, ଯୋଗେଶ ସିଂ, ପ୍ରଦୀପ ମାଝୀ, ସଞ୍ଜୀବ ମଲ୍ଲିକ, କଳିକେଶ ସିଂଦେଓ, ରୁପେଶ ପାଣିଗ୍ରାହୀ, ମନୋଜ ମିଶ୍ର, ମାଧବ ଧଡ଼ା, ଉମାକାନ୍ତ ସାମନ୍ତରାୟ, ରବି ନାରାୟଣ ନନ୍ଦ, ଜଗନ୍ନାଥ ସାରକା, ରମେଶ ମାଝୀ, ସୁଭାସ ସିଂ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ଦୁଷ୍ମନ୍ତ ନାୟକ, ଗିରିଜା ସିଂ ମାଝୀ, ଇଶ୍ୱର ପାଣିଗ୍ରାହୀ, ହେମନ୍ତ ସାମନ୍ତରାୟ, ସରୋଜ ମେହେର, ମୁନା ମହାନ୍ତି, ଅବିନାଶ ସାମଲ ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ।

### ୩୦୮୪ କୋଟିର...

ଯେ ରିଲାଏନ୍ସ ହୋମ୍ ଫାଇନାନ୍ସ (ଆରଏଚଏଫଏଲ) ଏବଂ ରିଲାଏନ୍ସ କମର୍ସିଆଲ ଫାଇନାନ୍ସ (ଆରସିଏଫଏଲ)ଙ୍କୁ ଦିଆଯାଇଥିବା ପାଣ୍ଠିର ଅପବ୍ୟବହାର ହୋଇଛି। ୨୦୧୭ରୁ ୨୦୧୯ ମଧ୍ୟରେ ୟେସ ବ୍ୟାଙ୍କ ପକ୍ଷରୁ ଆରଏଚଏଫଏଲକୁ ୨୯୬୫ କୋଟି ଏବଂ ଆରସିଏଫଏଲକୁ ୨୦୪୫ କୋଟି ଟଙ୍କାର ଋଣ ଦେଇଥିଲା। କିନ୍ତୁ ୨୦୧୯ ଡିସେମ୍ବର ସୁଦ୍ଧା ଏହି ଟଙ୍କା ନନ୍-ପର୍ଫର୍ମିଂ ଆସେଟ (ଏନପିଏ) ପାଲଟି ଯାଇଥିଲା। ଏବେ ସୁଦ୍ଧା ଆରଏଚଏଫଏଲର ୧୩୫୩ କୋଟି ଏବଂ ଆରସିଏଫଏଲର ୧୯୮୪ କୋଟି ଟଙ୍କା ବକେୟା ଅଛି। ୟେସ ବ୍ୟାଙ୍କର ମୋଟ ୨୭୦୦ କୋଟିରୁ ଅଧିକ କ୍ଷତି ହୋଇଛି।

ଇଡି ଅନୁଯାୟୀ, ଏହି କମ୍ପାନୀଙ୍କୁ ଦିଆଯାଇଥିବା ଟଙ୍କାକୁ ରିଲାଏନ୍ସ ଗ୍ରୁପର ଅନ୍ୟାନ୍ୟ କମ୍ପାନୀକୁ ସ୍ଥାନାନ୍ତର କରି ଦେଇଥିଲା। ଋଣ ପ୍ରଦାନ ବ୍ୟବସ୍ଥାରେ ମଧ୍ୟ ଜାଲିଆତି କରାଯାଇଥିଲା। ଦିନକରେ ଋଣ ଆବେଦନ, ଅନୁମୋଦନ ଏବଂ ପ୍ରଦାନ କରାଯାଉଥିଲା। କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ ବୈଠକ କରାଯାଇ ନ ଥିଲା। ଦାଖଲ କାଗଜପତ୍ର ଖାଲି ଥିଲା। ଇଡି ଏହାକୁ 'ଜାଣିଶୁଣି କରାଯାଇଥିବା ଠକେଇ' କହିଛି।

### ପୁଣି ଜେଲ୍‌ରେ କଏଦୀର...

କଡ଼ା ସୁରକ୍ଷା ବଳୟ ଭେଦ କରି ଜେଲର ସୁରକ୍ଷା ପାଚେରି ଡେଇଁ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣେ କଏଦୀର ଆକ୍ରମଣରେ ଅନ୍ୟ ଜଣେ କଏଦୀ ଗୁରୁତର ଆହତ ହୋଇଥିବା ଭଳି ଘଟଣା ଘଟିଛି। ଫେରାର ହୋଇଯାଇଥିବା ୨ଜଣ ବିହାରୀ ଅପରାଧୀଙ୍କୁ ଧରିବାରେ ପୁଲିସ ଏଯାବତ୍ ସଫଳ ହୋଇପାରି ନାହିଁ।

### ଘୋଡ଼ାହାଡ଼ ନଦୀରେ...

ଉଦ୍ଧାର କରିଥିଲେ। ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଦୁଇଟିକୁ ଜବତ କରି ଥାନା ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଉଭୟଙ୍କ ଅନ୍ତିମ ସଂସ୍କାର କରାଯାଇଛି।

### ପୁଲିସ କବ୍‌ଜାରେ...

ଯାଇ ଆତ୍ମସମର୍ପଣ କରିଥିବା ନେଇ ଆଲୋଚନା ହେଉଛି। ଆଗକୁ ନୂଆପଡ଼ା ଉପ-ନିର୍ବାଚନ ଥିବା ବେଳେ ହଠାତ୍ ପୁଲିସ ଏସ୍ଥାଇ ପରୀକ୍ଷା କେଲେଙ୍କାରୀ ଘଟଣାର ମୁଖ୍ୟ ଶଙ୍କର ପ୍ରଷ୍ଟି ଓ ବର୍ତ୍ତମାନ ପୁଣି ଚର୍ଚ୍ଚିତ ପାତବାସ ପଞ୍ଚା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଉମା ଓ କୁରୁପତିଙ୍କ ଆତ୍ମସମର୍ପଣ ଭଳି ଘଟଣା ସମସ୍ତଙ୍କୁ ଚକିତ କରିଛି। କାରଣ ଉଭୟ ଘଟଣାରେ ଫେରାର୍ ଅଭିଯୁକ୍ତମାନେ ଦୀର୍ଘଦିନ ଫେରାର୍ ରହିବା ପରେ ହଠାତ୍ ଆତ୍ମ ସମର୍ପଣ କରିଥିବାରୁ ଏଭଳି ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ମୁଖ୍ୟାଳୟରେ ଆତ୍ମସମର୍ପଣ କରିବା ପରେ ଉମା ଓ କୁରୁପତିଙ୍କୁ କଡ଼ା ସୁରକ୍ଷାବଳୟରେ ଗୋପାଳପୁର ପୁଲିସ ଇଲାକାରେ ଏକ ଗୁପ୍ତ ସ୍ଥାନରେ ରଖାଯାଇଛି। ସେମାନଙ୍କୁ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ପଚରାଉଚରା କରୁଥିବା ଜଣାପଡ଼ିଛି। ଜେରା ସମୟରେ ପୁଲିସ ସେମାନଙ୍କଠାରୁ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓଗାଳିଥିବା ମଧ୍ୟ ସୂଚନା ମିଳିଛି। ଜେରା ସମୟରେ ପୁଲିସ ଅନ୍ୟ ଦୁଇଜଣଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରିଥିବା କୁହାଯାଉଛି।

ହତ୍ୟାକାଣ୍ଡ ପରେ ପୁରାରୁ ବିଶ୍ୱ ପ୍ରଧାନ ବେଙ୍ଗାଲୁରୁ ଫେରିଯାଇଥିବା ବେଳେ କୁରୁପତି ଜୟପୁର ଯାଇ ଉମା ବିଶୋୟୀ ସହ ମିଶିଥିଲା। ସେଠାରେ ସ୍ଥିର ବିଚାର ହେବା ପରେ ଉଭୟ ରାୟପୁର ଓ ରାଞ୍ଚି ଦେଇ ଅନ୍ୟତ୍ର ଫେରାର ହୋଇଯାଇଥିଲେ। ଅଟକ ଉମା ଓ କୁରୁପତିଙ୍କୁ ଆସନ୍ତାକାଲି ଗିରଫ ଦେଖାଇ ପୁଲିସ କୋର୍ଟ ଚାଲାଣ କରିପାରେ ବୋଲି କୁହାଯାଉଛି।

### ସିଲିକନ୍ ଇନ୍‌ଫୋଟେକ୍...

ପଚରାଉଚରା କରାଯାଇଥିଲା। ବୟାନରେ ତାଳମେଳ ନ ରହିବାରୁ ଉଭୟଙ୍କୁ ଏକସଙ୍ଗରେ ଜେରା କରାଯାଇଥିଲା। ଜେରା ବେଳେ ଏସ୍ଥାଇ ଚାକିରି ଜାଲିଆତି ସମ୍ପର୍କରେ ବହୁତଥ୍ୟ କ୍ରାଇମବ୍ରାଞ୍ଚ ପାଇଛି। ସୁରେଶଙ୍କ ଗୁପ୍ତ ସୂଚନା ଓ ଶଙ୍କରଙ୍କ ନେଟୱାର୍କ ବଳରେ ରାଜ୍ୟରେ ଏତେ ବଡ଼ ସ୍କାମ୍ ସମ୍ଭବ ହୋଇପାରିଲା ବୋଲି କ୍ରାଇମବ୍ରାଞ୍ଚ ଶେଷରେ ନିର୍ଯ୍ୟାସରେ ପହଞ୍ଚିଥିବା କୁହାଯାଉଛି।

କ୍ରାଇମବ୍ରାଞ୍ଚ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏସ୍ଥାଇ ପରୀକ୍ଷା ପରିଚାଳନା ପାଇଁ ଓଡ଼ିଆର ପୁଲିସ ପକ୍ଷରୁ କେନ୍ଦ୍ରୀୟ ପିଏସୟୁ ଆଇଟିଆଇକୁ ଦାୟିତ୍ୱ ଦିଆଯାଇଥିଲା। ପରେ ଆଇଟିଆଇ ଏହି ଦାୟିତ୍ୱ ସିଲିକନ୍‌କୁ ଦେଇଥିଲା। ସିଲିକନ୍ ଏହି ଦାୟିତ୍ୱ ଶଙ୍କର ପ୍ରଷ୍ଟିଙ୍କ ଦ୍ୱାରା ପରିଚାଳିତ ପଞ୍ଚସଫ୍‌ଟକୁ ଦେଇଥିଲା। ତେବେ କେଉଁ ଆଧାରରେ ଏତେ ବଡ଼ ଗୁରୁଦାୟିତ୍ୱ ଏକ ଅଜଣା ସଂସ୍ଥାକୁ ସିଲିକନ୍ ପ୍ରଦାନ କରିଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ଜେରା ବେଳେ ସିଲିକନ୍ ହାତରେ ପରୀକ୍ଷା ସଂକ୍ରାନ୍ତ ସମସ୍ତ ଗୁପ୍ତ ସୂଚନା ରହିଥିବା ଜଣାପଡ଼ିଥିଲା। ପ୍ରଶ୍ନପତ୍ର ଠାରୁ ଆରମ୍ଭ କରି ସବୁକିଛିର ତଥ୍ୟ ସିଲିକନ୍‌ର ମାଲିକ ସୁରେଶ ଜାଣିଥିଲେ। ପରୀକ୍ଷା ପରିଚାଳନା ଅଳରେ ଚାକିରି ବିକ୍ରି କରି ଟଙ୍କା କମାଇବା ପାଇଁ ସେ ଏକ ଭଲ ସ୍କାମ୍ ନେଟୱାର୍କ ଅପରେଟ୍ କରୁଥିବା ବ୍ୟକ୍ତିଙ୍କୁ ଖୋଜୁଥିଲେ। ବହୁ ଖୋଜାଖୋଜି ପରେ ଶଙ୍କର ତାଙ୍କ ଆଖିରେ ପଡ଼ିଥିଲେ। ବିନା କୌଣସି ବାଛବିଚାରରେ ତତ୍କ୍ଷଣାତ୍ ପଞ୍ଚସଫ୍‌ଟକୁ ଦାୟିତ୍ୱ ଦେବା ସହ ପରୀକ୍ଷା ସଂକ୍ରାନ୍ତ ସମସ୍ତ ଗୁପ୍ତ ତଥ୍ୟ ଶଙ୍କରଙ୍କ ହାତରେ ଟେକି ଦେଇଥିଲେ। ଶଙ୍କର ତାଙ୍କ ନେଟୱାର୍କରେ ଥିବା ସହଯୋଗୀଙ୍କୁ ବ୍ୟବହାର କରି ମାର୍କେଟ୍‌ରୁ କୋଟି କୋଟି ଟଙ୍କା ଉଠାଇଥିଲେ।

ଶଙ୍କରଙ୍କୁ ପରୀକ୍ଷା ସଂକ୍ରାନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସୁରେଶ ମେଲ୍ ଏବଂ ହ୍ୱାଟ୍ସଆପ୍ ଯୋଗେ ଯୋଗାଇଥିଲେ। ତେଣୁ ଏସ୍ଥାଇ ପରୀକ୍ଷା କେଲେଙ୍କାରୀ ସାମ୍ନାକୁ ଆସିବା ପରେ ଉଭୟ ନିଜ ନିଜର ମେଲ୍ ଏବଂ ହ୍ୱାଟ୍ସଆପ୍ ଚାଟ୍ ଡିଲିଟ୍ କରିଦେଇଛନ୍ତି। ଏଣୁ କ୍ରାଇମବ୍ରାଞ୍ଚ ପାଇଁ ପ୍ରମାଣ ଯୋଗାଡ଼ କରିବା ଏକ ବଡ଼ ଚାଲେଞ୍ଜ ପାଲଟି ଯାଇଛି। ଶଙ୍କରଙ୍କ ମୋବାଇଲ୍ ଫୋନ୍ ଏବଂ ସୁରେଶଙ୍କ ଲାପଟପ୍‌କୁ ଫରେନସିକ୍ ଯାଞ୍ଚ ପାଇଁ ପଠାଯାଇଛି। ସୁରେଶଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିବା ପରେ ଏହି ମାମଲାରେ ମୋଟ୍ ଗିରଫଦାରୀ ସଂଖ୍ୟା ୧୭୫ରେ ପହଁଞ୍ଚିଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଥିବା ମୁନ୍ନା, ଲୋକନାଥ ଓ ସୌମ୍ୟା ପ୍ରିୟଦର୍ଶିନୀଙ୍କୁ କ୍ରାଇମବ୍ରାଞ୍ଚ ସୋମବାର ମଧ୍ୟ ଜେରା କରିଥିଲା। ଏମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ବଡ଼ ବଡ଼ ଲୋକଙ୍କୁ ଯୋଗଯୋଗ କରିଥିବା ଏବଂ ଟଙ୍କା ନେଇଦେବା କରିଥିବା ନେଇ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଗିରଫ ଶଙ୍କର ଏବଂ ସୁରେଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ପାଇଖାନା ଟାଙ୍କିରେ...

ସୂଚନାନୁଯାୟୀ, ବଡ଼ମ୍ବା ବ୍ଲକ ଅଧୀନ ପଡ଼ରପାଡା ଗ୍ରାମ ପଞ୍ଚାୟତର ଇଚ୍ଛାପୁର ଗ୍ରାମର ଶୁଭମ ନାୟକ (୩) କୋଲେଶ୍ୱର ଗ୍ରାମ ପଞ୍ଚାୟତ ଅଧୀନ ବଡ଼ବାରେଣା ଗ୍ରାମର ଶିବାନୀ ନାୟକ (୭) ଓ ଶିବୁ ନାୟକ (୫) ପରିବାର ସଦସ୍ୟଙ୍କ ସହ ମାମୁଁଘର ରଗଡ଼ିପଡ଼ାକୁ ବୁଲିବାକୁ ଆସିଥିଲେ। ଆଜି ସେମାନେ ହସ ଖୁସିରେ ଖେଳୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଖେଳ ନିଶାରେ ଅନ୍ୟମନସ୍କ ହୋଇ ନିକଟରେ ଥିବା ସେପ୍ଟିକ ଟାଙ୍କି ଉପରେ ଚଢ଼ି ଖେଳୁଥିଲେ। ହେଲେ ଟାଙ୍କିର ଘୋଡ଼ଣୀଟି ଭାଙ୍ଗିଯିବାରୁ ୩ଜଣ ଯାକ ଟାଙ୍କି ଭିତରେ ଗଳିପଡ଼ିଥିଲେ। ସେହି ସମୟରେ ଆଖପାଖରେ କେହି ନ ଥିବାରୁ ଘଟଣା ଜଣାପଡ଼ିନଥିଲା। ଦୀର୍ଘ ସମୟ ହେଲେ ପିଲାମାନେ ଘରକୁ ନ ଫେରିବାରୁ ପିଲାମାନଙ୍କ ମାମୁଁଘର ଓ ପରିବାରଲୋକେ ଖୋଜିବା ଆରମ୍ଭ କରିଥିଲେ। କିଛି ସମୟ ପରେ ବାଡିପଟେ ଥିବା ପାଇଖାନା ଟାଙ୍କି ଘୋଡଣୀ ଭାଙ୍ଗି ଯାଇଥିବା ଦେଖି ଗାଁ ଲୋକଙ୍କ ସହାୟତାରେ ପିଲାମାନଙ୍କୁ ଅଚେତ ଅବସ୍ଥାରେ ସେପ୍ଟିକ ଟାଙ୍କିରୁ ଉଦ୍ଧାର କରିଥିଲେ। ସେମାନଙ୍କୁ ତୁରନ୍ତ ବଡ଼ମ୍ବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସମସ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଖବର ପାଇ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି, ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ବଡ଼ମ୍ବା ଥାନାରେ ଏ ସଂକ୍ରାନ୍ତରେ ପୃଥକ ପୃଥକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜିଲ୍ଲା ରେଡ଼କ୍ରସ୍ ସହାୟତା ପାଣ୍ଠି ପକ୍ଷରୁ ସମସ୍ତ ମୃତକଙ୍କ ପରିବାରଙ୍କୁ ୨୦ ହଜାର ଟଙ୍କାର ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯିବା ପାଇଁ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ବ୍ରହ୍ମପୁର କୋର୍ଟରେ...

ଅଣାଯାଇଛି। ଏଠାରେ ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ)ଙ୍କ କୋର୍ଟରେ ହାଜର କରାଯାଇଥିଲା। ଅଧିକ ଜେରା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ୭ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। ଉଭୟଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେବା ପରେ ଉଭୟଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଇଥିବା ରିମାଣ୍ଡ ସମ୍ପର୍କିତ ଶୁଣାଣି ମଙ୍ଗଳବାର ହେବ ବୋଲି ଜଣାପଡ଼ିଛି।

ଉଭୟ ଶଙ୍କର ଓ ସୁରେଶଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର ବେଳେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବରୁ ଘଟଣାରେ ଗିରଫ ପରୀକ୍ଷା ଆଶାୟୀ ଓ ଦଲାଲଙ୍କୁ ପୁଲିସ ମୁହଁ ଘୋଡ଼ାଇ ନେଉଥିବା ବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ଉଭୟ ଶଙ୍କର ପ୍ରଷ୍ଟି ଓ ସୁରେଶ ନାୟକଙ୍କୁ ମୁହଁ ନ ଘୋଡ଼ାଇ ଏପରିକି ଗଣମାଧ୍ୟମଙ୍କୁ ପ୍ରତିକ୍ରିୟା ଦେବାକୁ ମଧ୍ୟ ସୁଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

**AFFIDAVIT**

By virtue of an affidavit before the Notary Public, Titilagarh, on dated-30/10/2025, I, **Nilakantha Bagarty** (applicant name), S/o Dharanidhar Bagarty, permanent & current resident of AT/PO- Bijepur, PS-Titilagarh, Dist- Balangir, (Odisha), PIN Code: 767033 declare that I have changed my minor son's name from **Meet Bagarty** (old name) to **Jeet Bagarty** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Jeet Bagarty** (new name) for all purposes.
**Nilakantha Bagarty**

**AFFIDAVIT**

I, Elakiya Sabapathi, W/o- P. Sabapathi, Resident of Qtr No. C-31, CMPDI COLONY, Post- Sainik School, Bhubaneswar, Dist.- Khorda, Pin-751005, Odisha declare by this Affidavit No. 76AA 943695, Dated 03.07.2025, that now onwards I shall be known as **U. ELAKIYA** for all future purposes.

**AFFIDAVIT**

By virtue of an affidavit no 5855, sworn before the Executive Magistrate, Champua on dtd- 16/10/2025, I **Puja Naik**, W/o- Akash Mallick, resident of At/Po/Ps-Champua, Dist- Keonjhar, Pin-758041, Odisha, I have changed name from **Puja Mallick** (old name) to **Puja Naik** (new name). Henceforth both the name **Puja Mallick** and **Puja Naik** is one & same person, I will be known as **Puja Naik** for all future purposes.
**Puja Naik**

**AFFIDAVIT**

I, Shahina Bano Suriya, aged about 45 years, W/o-Mohammad Irfan, resident of Ward No 05, Dasarapada, Bhanjamandap, Po-Umarkote, Ps- Umarkote, Dist- Nabarangapur, Odisha, PIN- 764073 declare by this affidavit No. 2251, dtd- 03/11/2025, that now onwards I shall be known as **SAHINA BANU SURIYA** for all future purposes.

Government of India
**Income Tax Department**
Bhubaneswar
**ସାର୍ବଜନୀନ ସୂଚନା**

F.No. Nodal Officer/Odisha Elections/2025-26/ | Date: 31.10.2025

71-ନୂଆପଡ଼ା ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ଭୋଟ, 2025 ଘୋଷଣା କରାଯାଇଛି ଭାରତର ନିର୍ବାଚନ ଆୟୋଗ ଦ୍ୱାରା। ନିର୍ବାଚନ ପ୍ରକ୍ରିୟା ସମୟରେ କଳା ଟଙ୍କା ବ୍ୟବହାର ରୋକିବା ପାଇଁ ଆୟକର ବିଭାଗ ନିୟମ କଡ଼ାକଡ଼ି ରଖିବା ପାଇଁ ଦାୟିତ୍ୱ ପାଇଛି।

ଅଘୋଷିତ ଅର୍ଥ ଏବଂ ଅଘୋଷିତ ମୂଲ୍ୟବାନ ସାମଗ୍ରୀର ସୂଚନା ଓ ଅଭିଯୋଗ ପ୍ରାପ୍ତ କରିବା ପାଇଁ ଆୟକର ବିଭାଗ, ଓଡ଼ିଶା ଦ୍ୱାରା ୨୪×୭ କଲ୍ ସେଣ୍ଟର ସୁବିଧା ସହିତ ନିମ୍ନଲିଖିତ ଯୋଗାଯୋଗ ନମ୍ବର ସହିତ ଭୁବନେଶ୍ୱରରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସୂଚନା ଓ ଅଭିଯୋଗ ପ୍ରକୋଷ୍ଠ ସ୍ଥାପିତ ହୋଇଛି।

**ନିର୍ବାଚନ ନିୟନ୍ତ୍ରଣ ପ୍ରକୋଷ୍ଠ ସହ ଅଭିଯୋଗ ପରିଚାଳନା ପ୍ରକୋଷ୍ଠ**
**ଟୋଲ୍ ଫ୍ରି ନମ୍ବର: 1800-345-7921**
**ହ୍ୱାଟ୍ସଆପ୍ ନମ୍ବର: 9438917442**
**ଇ ମେଲ କରନ୍ତୁ: Bhubaneswar.addldit.inv2@incometax.gov.in**

ନିର୍ବାଚନ ସମ୍ବନ୍ଧୀୟ କୌଣସି ପ୍ରକାର ଅନୁଚିତ ନଗଦ ରାଶିର ଲେଣଦେଣ କିମ୍ବା ଅଘୋଷିତ ନଗଦ ରାଶି ଓ ମୂଲ୍ୟବାନ ସାମଗ୍ରୀର ସୂଚନା ବିଷୟରେ ଦୟାକରି ଉପରୋକ୍ତ ନମ୍ବରରେ ସୂଚନା ଦିଆଯାଇପାରିବ।

ସ୍ୱା/- ବିମଲେନ୍ଦୁ ଦୁତ୍ତ
ଯୁଗ୍ମ ନିର୍ଦ୍ଦେଶକ, ଆୟକର (ଅନ୍ୱେଷଣ)
ୟୁନିଟ୍ -୨ ସହ ନୋଡାଲ ଅଧିକାରୀ (ଇ.ଇ.ଏମ୍.), ଭୁବନେଶ୍ୱର

# କୁଳଡିହା ଅଭୟାରଣ୍ୟରୁ ଧରାହେଲେ ଚାରି ଶିକାରୀ

ନୀଳଗିରି, ୩।୧୧ (ସମିସ)

ନୀଳଗିରି ଉପଖଣ୍ଡ ଅଧୀନ କୁଳଡିହା ଅଭୟାରଣ୍ୟରୁ ପୁଣି ଚାରି ଶିକାରୀଙ୍କୁ ଧରାହେଲେ। ଅହିରାଜବାଙ୍କ, ପୁରୁଣାପାଣି ବିଟ୍ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା ଗୋଟିଏ ଟ୍ରାପ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ଗତ ଅକ୍ଟୋବର ୩୧ ତାରିଖ ଅପରାହ୍ନ ୩.୨୬ରେ ମୟୂରଭଞ୍ଜର ଜିଲ୍ଲା କପ୍ତିପଦା ଥାନା ଅଧିନସ୍ଥ ମାଙ୍କଡପଡା ପଦାଘାଟ ଚେମଚଟା ଲଧାସାହିର ଅଭିଯୁକ୍ତ ରାବଣ କଟୁଆଳ (୧୯), ମହାଦେବ କଟୁଆଳ (୨୦), ଶଙ୍କର ନାୟକ (୧୯) ପକୋ କାଟୁଆଳ (୨୦) କୁଳଡିହା ରେଞ୍ଜରେ ପଶୁ ଶିକାର ଉଦ୍ଦେଶ୍ୟରେ ପଶିଥିଲେ। କାଳେ ଟ୍ରାକିଂ କ୍ୟାମେରାରେ ଶିକାରୀଙ୍କ ଫଟୋ ରହିଯିବ, କାଳେ ଧରାପଡିଯିବେ ଭାବି ଚାରୋଟି ଟ୍ରାକିଂ କ୍ୟାମେରାକୁ ଭାଙ୍ଗି ନେଇ ଆସିଥିଲେ। ସେଥିରୁ ଦୁଇଟିକୁ ପୋଖରୀକୁ ଫିଙ୍ଗି ଦେଇଥିବାବେଳେ ଦୁଇଟି ଭଗ୍ନ କ୍ୟାମେରାକୁ ମାଟିତଳେ ପୋତି ଲୁଚାଇ ରଖିଥିଲେ। ବନବିଭାଗର ରୁଟିନ ଚେକ୍ ସମୟରେ ଘଟଣା ଜଣାପଡିବା ପରେ ସେମାନଙ୍କ ସନ୍ଧାନରେ ଲାଗିଥିଲା। ସୋମବାର ଭୋର ୫ଟା ସମୟରେ କୁଲଡ଼ିହା ବନବିଭାଗ ଓ ବରହମପୁର ପୁଲିସ ସହଯୋଗରେ ଏହି



ଚାରିଜଣ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୁଳି ଭର୍ତ୍ତି ୩ ଦେଶୀ ବନ୍ଧୁକ

**ଗୁଳି ଭର୍ତ୍ତି ୩ ଦେଶୀ ବନ୍ଧୁକ ଓ ଦୁଇଟି ଭଗ୍ନ ଏଆଇ କ୍ୟାମେରା ଜବତ**

ସମେତ ଦୁଇଟି ଭଗ୍ନ ଏ.ଆଇ କ୍ୟାମେରାକୁ ଜବତ କରି ଅଧିକ ତଦନ୍ତ କରିବା ସହ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ କୋର୍ଟ ଚାଲାଣ କରିଛି।

## ବ୍ଲଡ୍ ପ୍ରେସର ମାପିବା ବିଳମ୍ବ ନେଇ ହଟ୍ଟଗୋଳ

**ଜଳେଶ୍ୱର,୩।୧୧(ସମିସ):** ଜଳେଶ୍ୱର ଅଞ୍ଚଳର ଚିକିତ୍ସା କ୍ଷେତ୍ରରେ ଜୀବନ ରେଖା କୁହାଯାଉଥିବା ଗୋପୀ କିଶନ ଭଟର ହସ୍ପିଟାଲରେ କର୍ମଚାରୀ ଅଭାବରୁ ଚିକିତ୍ସା ଲାଗି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସୋମବାର ଅତ୍ୟଧିକ ରୋଗୀଙ୍କ ଭିଡ଼ ଜମିଥିବା ବେଳେ ନଛିମପୁର ଗ୍ରାମର ଜନୈକ ରୋଗୀ ଶୀଘ୍ର ବ୍ଲଡ ପ୍ରେସର ମାପିବା ଲାଗି ଯୁକ୍ତିତର୍କ କରିଥିଲେ। କ୍ରମାନ୍ୱୟରେ ଚିକିତ୍ସା ହେବା କହିବା ପରେ ରୋଗୀଙ୍କ ସମ୍ପର୍କୀୟ ହସ୍ପିଟାଲ କର୍ମଚାରୀଙ୍କୁ ଚାପୁଡ଼ା ମାରିଥିଲେ। ଫଳରେ କିଛି ସମୟ ଧରି ହସ୍ପିଟାଲ ପରିସରରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ କର୍ମଚାରୀ ଜଣଙ୍କ ସହଯୋଗଙ୍କ ସହିତ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପୋଲିସ ସଂଗେ ସଂଗେ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣକାରୀଙ୍କୁ ଉଠାଇ ଆଣିଥିଲେ। କିନ୍ତୁ କିଛି ଘଣ୍ଟା ପରେ ପୁଣି ଉକ୍ତ ଆକ୍ରମଣକାରୀ ହସ୍ପିଟାଲ ସମ୍ମୁଖରେ ବୁଲୁଥିବା ଦେଖି କର୍ମଚାରୀ ମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ସନ୍ଧ୍ୟାରେ ବହୁ ହସ୍ପିଟାଲ କର୍ମଚାରୀ ଜଳେଶ୍ୱର ଥାନାରେ ପହଞ୍ଚି ଥାନାଧିକାରୀଙ୍କ ସହିତ ଆଲୋଚନା କରୁଥିବା ଦେଖା ଯାଇଥିଲା। ସୂଚନା ଯୋଗ୍ୟ ଜିକେ ଭଟ୍ଟର ହସ୍ପିଟାଲରେ ଡାକ୍ତର, କର୍ମଚାରୀ ଅଭାବରୁ ଚିକିତ୍ସା ଯୋଗାଇବା ନେଇ ବିଭିନ୍ନ ସମୟରେ ପରିସ୍ଥିତି ଅଣାୟତ୍ତ ହୋଇଥାଏ। ଫଳରେ ସୁରକ୍ଷା କର୍ମୀ ଓ ଅନ୍ୟ କର୍ମଚାରୀ ଚିକିତ୍ସା ଯୋଗାଇ ଥାଆନ୍ତି।

## ଏକତରଫା ପ୍ରେମରୁ ଯୁବତୀଙ୍କ ବେକ କାଟିଲା

**ଯୁବକ ଅଟକ**

**ବାଲେଶ୍ୱର, ୩।୧୧ (ସମିସ):** ଏକତରଫା ପ୍ରେମକୁ କେନ୍ଦ୍ରକରି ଷ୍ଟେସନଛକଠାରେ ଜଣେଯୁବତୀଙ୍କୁ ବ୍ଲେଡ୍‌ରେଆକ୍ରମଣ କରିଛି ଏକ ଯୁବକ। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସହଦେବଖୁଣ୍ଟା ପୁଲିସ ଯୁବକକୁ ଅଟକ ରଖିଛି। କଲିକତା ବେଲଦା ଅଞ୍ଚଳର ସଞ୍ଜୟ ରଣା ବାହାନଗା ଅଞ୍ଚଳର ଲକ୍ଷ୍ମୀ ସିଂ(୧୯)ଙ୍କୁ ଏକତରଫା ପ୍ରେମ କରୁଥିଲେ। ଆଜି ଲକ୍ଷ୍ମୀ ଷ୍ଟେସନ ଛକରେ ଥିବା ବେଳେ ସଞ୍ଜୟ ଏକ ବ୍ଲେଡରେ ତାଙ୍କ ବେକକୁ ଆକ୍ରମଣ କରିଥିଲା। ଘଟଣା ସ୍ଥଳରେ ଲକ୍ଷ୍ମୀ ଗୁରୁତର ହେଇପଡ଼ିବାରୁ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆକ୍ରମଣ କରିଥିବା ଯୁବକକୁ ଅଟକ ରଖିଛି।

## ହାଇସ୍କୁଲ କିରାଣିଙ୍କ ହୃଦ୍‌ଘାତରେ ମୃତ୍ୟୁ

**ସୋର, ୩।୧୧(ସମିସ):** ସୋର ଷ୍ଟେସନଛକ ବାସିନ୍ଦା ତଥା କେଦୋରପୁର ହାଇସ୍କୁଲର କିରାଣି ଭାବେ କାର୍ଯ୍ୟ କରୁଥିବା ଦୀପକ କୁମାର ପଲାଇଙ୍କ ଆଜି ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୪୩ ବର୍ଷ ବୟସ ହୋଇଥିଲା। ଗତକାଲି ରାତିରେ ସେ ହଠାତ ଅସୁସ୍ଥ ହୋଇ ପଡ଼ିବା ପରେ ତାଙ୍କୁ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାପରେ ସେଠାରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ତାଙ୍କୁ ଏକ ଆମ୍ବୁଲାନ୍ସରେ ସ୍ଥାନାନ୍ତର କରୁଥିବା ବେଳେ ଭଣ୍ଡାରୀପୋଖରୀ ନିକଟରେ ତାଙ୍କର ମୃତ୍ୟୁ ଘଟିଥିବା ଜାଣିପାରି ତାଙ୍କ ମୃତ ଶରୀରକୁ ସୋର ଡାକ୍ତରଖାନାକୁ



ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରେ ତାଙ୍କ ଶବକୁ ଏକ ସ୍ୱର୍ଗରଥରେ କର୍ମଭୂମି କେଦାରପୁର ହାଇସ୍କୁଲକୁ ନିଆଯାଇଥିଲା। ସେଠାରୁ ତାଙ୍କ ବାସ ଭବନକୁ ଆଣିବା ପରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ସୋର ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ସିଂ, ପୌରାଧକ୍ଷା ସସ୍ମିତା ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବିଧବା ପତ୍ନୀ, ଦୁଇ ସାନ ସାନ ଝିଅ, ୩ ବଡ଼ ଭାଇ ଏବଂ ଭାଉଜ, ପୁତୁରା ଉପସ୍ଥିତ ଥିଲେ। ପ୍ରକାଶ ଯେ ଗତ ତିନି ମାସ ତଳେ ତାଙ୍କର ମା' ପଦ୍ମାବତୀ ପଲେଇଙ୍କ ବିୟୋଗ ଘଟିଥିଲା।

## ନହଙ୍ଗ ଗ୍ରାମରୁ ଅଜଗର ଉଦ୍ଧାର

**ଖଇରା,୩।୧୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗ ଦାସସାହିରେ ବାଡ ଭାବେ ବ୍ୟବହୃତ ଜାଲରେ ପଡି ଫସିରହିଥିବା ଏକ ଅଜଗରକୁ ଉଦ୍ଧାର କରାଯାଇ ବନବିଭାଗକୁ ହସ୍ତାନ୍ତର କରାଯାଇଛି। ଏହାର ଲମ୍ବ ୧୨ ଫୁଟ ହୋଇଥିବା ବେଳେ ଜାଲରେ ପଡି ଛଟପଟ ହେଉଥିବା ସମୟରେ ଗ୍ରାମବାସୀଙ୍କ ନଜରରେ ପଡିଥିଲା। ଏଥିସହ କୁପାରୀ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗ ପହଞ୍ଚିବା ପୂର୍ବରୁ ମନୋଜ କୁମାର ଦାସ ନାମକ ଯୁବକ ସମସ୍ତ ସାହସ ଜୁଟାଇ ଜାଲରୁ ଉକ୍ତ ସାପକୁ ଉଦ୍ଧାର କରିଥିଲେ।



## ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

**ବାଲେଶ୍ୱର, ୩।୧୧(ସମିସ):** ସହଦେବଖୁଣ୍ଟାସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିର ପରିସରରେ ଦୁଇ ଦିନ ଧରି



ଚାଲିଥିବା ଆଚାର୍ଯ୍ୟ/ଆଚାର୍ଯ୍ୟା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଏବଂ ବାରିପଦା ବିଏଡ୍ କଲେଜ ଅଧକ୍ଷ ପ୍ରଫେସର ସଞ୍ଜୟ କୁମାର ଦେ, ମୁଖ୍ୟବକ୍ତା ଭାବେ ସୁଦର୍ଶନ ଦାସ ଅବସର ପ୍ରାପ୍ତ ଅଧାପକ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ, ସମ୍ମାନିତ ଅତିଥି ଭାବରେ ଦୁର୍ଗା ପ୍ରସାଦ ମହାନ୍ତି ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଓଡିଶାର ସଂଗଠନ ସମ୍ପାଦକ ଓ ସହ ନିରୀକ୍ଷକ ଗୋପବନ୍ଧୁ ଦାସ ଉପସ୍ଥିତ ଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ବ୍ୟବସ୍ଥା ପ୍ରମୁଖ କୈଳାସ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ପ୍ରହରାଜ ଓ ଉତ୍ତର ସମ୍ଭାଗ ମୟୁରଭଞ୍ଜ ପ୍ରମୁଖ ଦିବ୍ୟଜ୍ୟୋତି ମହାନ୍ତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିଶୁ ବିକାଶ ବିଦ୍ୟା ମନ୍ଦିର, ସହଦେବଖୁଣ୍ଟାର ପ୍ରଧାନ ଆଚାର୍ଯ୍ୟ ରଶ୍ମିକାନ୍ତ ପଣ୍ଡା ପରିଚାଳନା କରିଥିଲେ।

## ମନ୍ଦିରରୁ ଲୁଟିନେଲେ ସୁନାଗହଣା

**ନୀଳଗିରି, ୩।୧୧ (ସମିସ):** କିଛି ଦିନ ଧରି ନୀଳଗିରି ଅଞ୍ଚଳରେ ବିଭିନ୍ନ ମନ୍ଦିର ଦେବଦେବୀ ମନ୍ଦିର ସମେତ ବିଭିନ୍ନ ଘରୁ ଚୋରି ହେଉଥିବା ବେଳେ କିଛି ଦିନ ପୂର୍ବରୁ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ବଙ୍ଗୀୟ ଫେରିବାଲାଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବଙ୍ଗୀୟ ଫେରିବାଲା ନୀଳଗିରିର ବିଭିନ୍ନ ଅଞ୍ଚଳରେ ପ୍ରାଦୁର୍ଭାବ ବଢ଼ାଇ ଚାଲିଛନ୍ତି। ଗତ ରବିବାର ଦିନ ମିତ୍ରପୁର ଉଦଳା ରାସ୍ତାରେ ସିନ୍ଦୂରଗୌରା ଛକ ନିକଟରେ ଥିବା ମାଆ ସିନ୍ଦୁରଗୌରାଙ୍କ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ପାଖାପାଖି ସାତରୁ ଆଠ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବାର ଜଣା ପଡ଼ିଛି। ଏପରିକି ମାଆଙ୍କ ମୁଖାକୁ ମଧ୍ୟ ତାଡି ନେଇ ଯାଇଥିବାର ଦେଖିବାକୁ ମିଳିଛି। ସକାଳେ ବ୍ରାହ୍ମଣ ଆସି ତାଲା ଭଙ୍ଗା ଯାଇଥିବା ବେଳେ ସମସ୍ତ ସୁନା ଅଳଙ୍କାର ଚୋରି ହୋଇଥିବାର ଦେଖି ଗ୍ରାମ ଲୋକଙ୍କୁ ଖବର ଦେଇଥିଲେ। ଏ ନେଇ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ପାଞ୍ଚ ଜଣ ମୁର୍ଶିଦାବାଦ ଅଞ୍ଚଳର ଫେରିବାଲାଙ୍କୁ ଅଟକ ରଖି ପଚରାଉଚରା କରୁଥିବାର ପୋଲିସ ପକ୍ଷରୁ ସୂଚନା ମିଳିଛି।



## ଏଥର କୁପାରୀ ପଞ୍ଚୁକ ମେଳା ୩ ଦିନ

**ଖଇରା,୩।୧୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀସ୍ଥିତ ୫ଶହ ବର୍ଷର ଐତିହାସିକ ଶୂନ୍ୟମଣ୍ଡପରେ ପାଳିତ ହୋଇ ଆସୁଥିବା ପବିତ୍ର ପଞ୍ଚୁକ ମେଳା ଚଳିତ ବର୍ଷ ୩ଦିନ ଧରି ପାଳିତ ହେବ। ୫ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ଭକ୍ତ ମାନେ ଶୂନ୍ୟବ୍ରହ୍ମଙ୍କୁ ଆରାଧନା କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର ଓ ରାମଦୋଳିର ମଜା ନେବେ। ଏହି ଅବସରରେ କୁପାରୀ ର ସମସ୍ତ ସାମାଜିକ, ସାଂସ୍କୃତିକ ଓ ପୂଜ୍ୟପୂଜା ସଙ୍ଗଠନର ସଦସ୍ୟଙ୍କ ଉପସ୍ଥିତିରେ ପରିଚାଳନା କମିଟିର ଚୁଡାନ୍ତ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ଉତ୍ସବକୁ ପ୍ରଥମ କରି ମହୋତ୍ସବରେ ପରିଣତ କରାଯାଉଥିବାରୁ ସମସ୍ତ ଦିଗ ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ପୂର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ, ଜିଲା ପରିଷଦ ସଦସ୍ୟ ଗଜେନ୍ଦ୍ର ପ୍ରସାଦ ଦାସଙ୍କ ସମେତ ଶୂନ୍ୟମଣ୍ଡପ ପରିଚାଳନା ସମିତି, ଶୂନ୍ୟବ୍ରହ୍ମ ଡ୍ରାଇଭର ସଂଘ, ଦେବାଳୟ ସଂଘ, ବଣିକ ସଂଘ, ମୋ ସେବା ସଂଘ, ଦୁର୍ଗାପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ମହୋତ୍ସବକୁ ଆକର୍ଷଣୀୟ କରିବା ନେଇ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ମେଳାର ସଫଳତା ପାଇଁ ଶୁନ୍ୟମଣ୍ଡପ ମହନ୍ତ ରାଜା ବାବା, ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦ୍ର ମୁନୀ, ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ଗୁପ୍ତା, ସମ୍ପାଦକ କ୍ଷିରୋଦ ମହାରଣା ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ୧୨ ଫୁଟର ଅହିରାଜ ଉଦ୍ଧାର

**ସୋର,୩।୧୧(ସମିସ):** ସୋର ବ୍ଲକ ଗୋପିନାଥପୁର ପଞ୍ଚାୟତ ବାଉଁଶପାଳ ଗ୍ରାମରୁ ଏକ ୧୨ ଫୁଟର ଅହିରାଜକୁ ଉଦ୍ଧାର କରାଯାଇଛି। ଆଜି ସକାଳେ ଏହି ଗ୍ରାମର ସୁରେନ୍ଦ୍ର ସାମଲଙ୍କ ଘର ନିକଟରେ ସାପଟିକୁ ଦେଖି ବନ ବିଭାଗକୁ ଖବର ଦିଆଯାଇଥିଲା। ପରେ ବନ ବିଭାଗର କର୍ମଚାରୀ ଓ ଭଦ୍ରକର ସାପ ଧରାଳି ସେକ ମିର୍ଜା ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରି କୁଲଡିହା ଅଭୟାରଣ୍ୟରେ ଛାଡିଥିଲେ। ସାପକୁ ଦେଖିବାକୁ ଶତାଧିକ ଲୋକଙ୍କ ଭିଡ ଜମିଥିଲା। ଏହି ସମୟରେ ଫରେଷ୍ଟ ଗାର୍ଡ ଫୁଲମଣୀ ମୁର୍ମୁ, ସ୍କ୍ୱାଡ୍ ଦେବେନ୍ଦ୍ର ରାଉତ ଓ ତ୍ରିଲୋଚନ ମହାଳିକ ଉପସ୍ଥିତ ଥିଲେ।



## ମୃତ ମାଇହାତୀର ହେଲା ବ୍ୟବଚ୍ଛେଦ; ବାହାରିଲା ମୃତ ଶାବକ

**ଜଳେଶ୍ୱର ବ୍ଲକ, ୩।୧୧ (ସମିସ) :** ଗତ ଶନିବାର ରାତିରେ ଶ୍ୟାମନଗର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ଏକ ଅସୁସ୍ଥ ମାଇହାତୀର ମୃତ୍ୟୁ ଘଟିଥିଲା। ଆଜି ଡାକ୍ତରୀ ଟିମ୍ ଆସି ମୃତ ହାତୀର ବ୍ୟବଚ୍ଛେଦ କରି ହାତୀ ପେଟରୁ ମୃତ ସନ୍ତାନ ବାହାର କରାଯାଇଥିଲା । ପ୍ରସବ ଯନ୍ତ୍ରଣା ଯୋଗୁ ମାଇହାତୀର ମୃତ୍ୟୁ ଘଟିଥିବା କୁହାଯାଇଛି। ଏହି ସମୟରେ ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲ୍ଲିକ, ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ, ରାଇବଣିଆ ବନ ବିଭାଗର ଅଧିକାରୀ ପ୍ରହ୍ଲାଦ ଚନ୍ଦ୍ର ନାୟକ, ଫରେଷ୍ଟର ଦିଲ୍ଲୀପ ସିଂ, ଫରେଷ୍ଟ ଗାର୍ଡ ସୁଲୋଚନା ବେହେରା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ ପ୍ରମୁଖ ଉପସ୍ଥିତ ରହି ବ୍ୟବଚ୍ଛେଦ ହେବା ପରେ ମୃତ ହାତୀ ଓ ତାର ମୃତ ସନ୍ତାନକୁ ଭାଡରାପଦା ଜଙ୍ଗଲରେ ଗାତ କରି ପୋତାଯାଇଥିଲା।

## ନସ୍କରପୁର-ନୂଆବଣୀ ଶରିଷା ଜଗଦ୍ଧାତ୍ରୀ ଉତ୍ସବର ଚତୁର୍ଥ ସନ୍ଧ୍ୟା

**ଚନ୍ଦନେଶ୍ୱର, ୩।୧୧ (ସମିସ) :** ଭୋଗରାଇର ଜଗନ୍ନାଥପୁର ପଞ୍ଚାୟତ ଅଧୀନ ନସ୍କରପୁର -ନୂଆବଣୀ ଶରିଷାରେ ୧୪ତମ ଜଗଦ୍ଧାତ୍ରୀ ପୂଜା ଉପଲକ୍ଷେ ଅନୁଷ୍ଠିତ ଉତ୍ସବର ଚତୁର୍ଥ ସନ୍ଧ୍ୟା ରବିବାର ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ,ସୁସାହିତ୍ୟିକ ଡ. ସନ୍ତୋଷ କୁମାର ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ଅନନ୍ତ ଦାସ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ତଥା ସମାଜସେବୀ ଇଂ. ଅଭିଜିତ ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍, ଭୋଗରାଇ ଉତ୍ସବ କମିଟିର ସଭାପତି ପଙ୍କଜାକ୍ଷ ପଣ୍ଡା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଅବସର କଲ୍ୟାଣ ସମିତି ଭୋଗରାଇର ସଭାପତି ଗୋପବନ୍ଧୁ ମହାପାତ୍ର, ଭୋଗରାଇ ଉତ୍ସବ କମିଟିର ଅନ୍ୟତମ ପୁରୋଧା ପ୍ରଦୀପ କୁମାର ନାୟକ, କବି ଶ୍ରୀ କୁମାର ଘୋଷ, ସାମ୍ବାଦିକ ସୁବାସ ଦାସ ପ୍ରମୁଖ ଯୋଗଦେଇ ତାଙ୍କର ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚ ଆହ୍ୱାନ ଓ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଡାକ୍ତର ସୌରଭ କୁମାର ପାତ୍ର ଦେଇଥିବା ବେଳେ ପ୍ରାରମ୍ଭିକ ଅଭିଭାଷଣ ସମାଜସେବୀ ରାଧାଗୋବିନ୍ଦ ପାତ୍ର ଓ ଧନ୍ୟବାଦ ଅର୍ପଣ ସମାଜସେବୀ ଦେବେନ୍ଦ୍ର ସାମଲ କରିଥିଲେ। ସଭା ଆରମ୍ଭ ପୂର୍ବରୁ କଳାକାର ସଂଘର ସଭାପତି ଭୂବନ ପାତ୍ର ଓ ପ୍ରଶାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ରଣସିଂହପୁର ରଘୁନାଥ ସଂଗୀତ ନୃତ୍ୟ ମହାବିଦ୍ୟାଳୟର ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ, ଶେଷରେ ଦୀପ୍ତିମୟୀ ଦାସ ମ୍ୟୁଜିକାଲ ନାଇଟ ଅନୁଷ୍ଠିତ ହୋଇଯାଇଛି। ସମସ୍ତ କାର୍ଯ୍ୟ ପରିଚାଳନାରେ ଶିଶିର କୁମାର ପ୍ରଧାନ, ସଦସ୍ୟ ରବିନ୍ଦ୍ର ପ୍ରଧାନ, ଜୟନାରାୟଣ ପ୍ରଧାନ, ସୁଦିପ୍ତ ପାତ୍ର, ଚିନ୍ମୟ ପାତ୍ର, ମହାପ୍ରସାଦ ପାତ୍ର, ଓମ୍ ପ୍ରକାଶ ପାତ୍ର, ଅଜୟ ପାତ୍ର, ଜ୍ଞାନେନ୍ଦ୍ର ସାମଲ ପ୍ରମୁଖ ସହଯୋଗ କରିଥିଲେ।



## ବେଆଇନ ପଥର ବୋଝେଇ ଡମ୍ଫର ଜବତ

**ରାଜଘାଟ, ୩।୧୧ (ସମିସ):** ରବିବାର ବିଳମ୍ବିତ ରାତିରେ ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ମଥାନୀ ଛକ ନିକଟରୁ ଏକ ବେଆଇନ ପଥର ବୋଝେଇ ଡମ୍ଫରକୁ ଖଣି ବିଭାଗ କାବୁ କରି ପୁଲିସକୁ ହସ୍ତାନ୍ତର କରିଛି। ସୋର ବାଗୁଡ଼ି ଅଞ୍ଚଳରୁ ପଥର ବୋଝେଇ କରି ଗୋଟିଏ ଟ୍ରକ ଗତକାଲି ରାତି ପ୍ରାୟ ଗୋଟାଏ ସମୟରେ ଜଳେଶ୍ୱର ଥାନା ଅନ୍ତର୍ଗତ ଜମାଲପୁରକୁ ଯାଉଥିବା ବେଳେ ବସ୍ତା କନିଷ୍ଠ ଖଣି ଅଧିକାରୀ ସତ୍ୟଚିନ୍ମୟଜେନା ଓ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ମଥାନୀ ଛକ ନିକଟରେ ଅତର୍କିତ ଚଢଉ କରି ଟ୍ରକଟିକୁ କାବୁ କରିଥିଲେ। ଚାଳକ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନପାରିବାରୁ ଗାଡ଼ିଟିକୁ ବସ୍ତା ପୁଲିସକୁ ହସ୍ତାନ୍ତର ହୋଇଛି।

## ଆମ ଗାଁ ନୃତ୍ୟ-ସଙ୍ଗୀତ କଳାକେନ୍ଦ୍ର ଉଦ୍‌ଘାଟିତ

**ସୋର, ୩।୧୧(ସମିସ):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଅନ୍ତର୍ଗତ ଖଙ୍ଗରାଠାରେ "ଆମ ଗାଁ" ନୃତ୍ୟ ସଂଗୀତ କଳାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବୟୋଜ୍ୟୋଷ୍ଠା ଧର୍ମପରାୟଣା ମହିଳା ସତ୍ୟଭାମା ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ବ୍ରଜ କିଶୋର ଜେନା ଯୋଗଦେଇ ମଣିଷର ଅବସ କ୍ଳାନ୍ତ ମନରେ ଉଚ୍ଛ୍ୱାସର ଅନୁଭବ ଭରିଦେଇଥାଏ ନୃତ୍ୟ ଏବଂ ସଂଗୀତ ବୋଲି କହିଥିଲେ। ମୁଖ୍ୟବକ୍ତା ଡ.କ୍ଷେତ୍ରମୋହନ ମହାପାତ୍ର ଯୋଗଦେଇ କହିଲେ ଯେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ନାଟ୍ୟକାର ମନମୋହନ ମହାପାତ୍ରଙ୍କ ସ୍ୱପ୍ନ ସାକାର କରିବା ଦିଗରେ ଏ ଅନୁଷ୍ଠାନ ସକ୍ଷମ ହୋଇପାରିବ। ପ୍ରାରମ୍ଭ ସାହାନାଇ ବାଦକ ମୁରଲୀଧର ନାୟକ ମଙ୍ଗଳଧ୍ୱନି ବାଦନ କରିଥିଲେ। ସଂଗୀତ ଗୁରୁ ଭୋଳାନାଥ ପଣ୍ଡା, ନୃତ୍ୟଗୁରୁ ବିଜୟଲକ୍ଷ୍ମୀ ଓଝା, ତବଲା ଗୁରୁ ଭଞ୍ଜକିଶୋର ଜତି, କଳା ଶିକ୍ଷୟିତ୍ରୀ ଅଦିତୀ ସାହୁ ଏହି ଅବସରରେ ଯୋଗଦେଇ ଶିକ୍ଷାଦାନ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଦେବେନ୍ଦ୍ର କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ସୁନ୍ଦର ମୋହନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦ୍ୟୁମ୍ନ ପାଲ, ରାମଚନ୍ଦ୍ର ରାଉତ, କନକଲତା ଦେ, ହରମୋହନ ମହାପାତ୍ର ଏଥିରେ ସହଯୋଗ କରିଥିଲେ।




## ଇଶ୍ୱରପୁର ସରକାରୀ ହାଇସ୍କୁଲରେ ଭୂତ ଗୁଜବ

**ନୀଳଗିରି, ୩।୧୧ (ସମିସ):** ନୀଳଗିରି ଉପଖଣ୍ଡ ଔପଦା ବ୍ଲକର ଇଶ୍ୱରପୁର ପଞ୍ଚାୟତର ଇଶ୍ୱରପୁର ସରକାରୀ ହାଇସ୍କୁଲରେ କିଛି ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଭୂତ ଲାଗିବା ଚର୍ଚ୍ଚା ହେଉଛି। ସୋମବାର ଦିନ ପାଠପଢା ଚାଲିଥିବା ବେଳେ କିଏ ଜଣେ ତାଙ୍କ ଗଳାକୁ ଜାବୁଡ଼ି ଧରୁଥିବାର ଶୁଣିବାକୁ ମିଳୁଥିବା ବେଳେ ଅଚେତ୍ ହୋଇ ପଡ଼ିବାରୁ ୪ଜଣ ପିଲାଙ୍କୁ ସଙ୍ଗେ ସଙ୍ଗେ ଈଶ୍ୱର ପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସିତ ପରେ ଘରକୁ ଫେରିଥିବା ଜଣା ପଡିଛି। ତେବେ ଏହା ଭୌତିକ କାଣ୍ଡ ନା ମାନସିକ ଦୁର୍ବଳତା ବୋଲି ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି।

## ତିନି ବ୍ୟାଟେରୀ ଚୋର ଗିରଫ

**ସୋର, ୩।୧୧(ସମିସ):** ଗତ ଦୁଇଦିନ ତଳେ ସୋର ଥାନା ମାଣିପୁର ପଞ୍ଚାୟତ ଛତରା ଗ୍ରାମରେ ଜଣେ ଚୋରକୁ ଧରି ପୁଲିସକୁ ହସ୍ତାନ୍ତର କରିଥିବା ବେଳେ ପୁଲିସ ୩ ଜଣ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଗ୍ରାମର ପ୍ରହ୍ଲାଦ ତ୍ରିପାଠୀଙ୍କ ଘର ସମ୍ମୁଖରେ ଥିବା ଏକ ଟାଟା ଏସି ଗାଡ଼ିରୁ ବ୍ୟାଟେରୀ ଚୋରି ହୋଇଥିବା ବେଳେ ଶନିବାର ରାତିରେ ତାଙ୍କ ଦୋକାନରୁ କିଛି ଦୁର୍ବୃତ୍ତ ଚୋରି ଉଦ୍ୟମ କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଜଣେ ଚୋରକୁ କାବୁ କରିଥିବା ବେଳେ ଅନ୍ୟମାନେ ଖସି ପଳାଇଯାଇଥିଲେ। ଫଳରେ ଉକ୍ତ ଚୋରକୁ ଗ୍ରାମବାସୀମାନେ ସୋର ପୁଲିସକୁ ହସ୍ତାନ୍ତର କରିବା ସହିତ ପ୍ରହ୍ଲାଦ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ରଣପୁର ଗ୍ରାମର ଅନଙ୍ଗ ଉଦୟଦାସ, , ଶୁଭଙ୍କର ଦାସ, ଅରୁଣ କୁମାର ଦାସକୁ ଗିରଫ କରି ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ପୁଲିସ ଦୁଇଟି ବ୍ୟାଟେରୀ ଜବତ କରିଛି।

# ବର୍ଦ୍ଧିତ ଭତ୍ତାକୁ ଚାହିଁ ରହିଛନ୍ତି ୨୩୮ ଆବେଦନକାରୀ

ଖଇରା, ୩।୧୧ (ସମିସ)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ସାମାଜିକ ନିରାପତ୍ତା ଯୋଜନାରେ ବୁଢାବୁଢୀଙ୍କର ଦୈନିକ ଖର୍ଚ୍ଚ ଭରଣା ପାଇଁ ସରକାର ଭତ୍ତା ପ୍ରଦାନ କରାଯାଉଛି। ସ୍ୱତନ୍ତ୍ର ଭାବେ ୮୦ ବର୍ଷ ଅତିକ୍ରମ କରିଥିବା ବୁଢୀବୁଢା ଓ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ ଦିବ୍ୟାଙ୍ଗ ମାନଙ୍କ ପାଇଁ ସରକାର ୩ହଜାର ୫ଶହ ବର୍ଦ୍ଧିତ ଭତ୍ତାର ବ୍ୟବସ୍ଥା କରିଛନ୍ତି। ଖଇରା ବ୍ଲକରେ ଏହିଭଳି ବର୍ଗରେ ୨୩୮ ହିତାଧିକାରୀ ଥିବାବେଳେ ଘୋଷଣା ପରଠାରୁ ଏହି ସୁବିଧା ପାଇଁ ଚାତକଭଳି ଚାହିଁ ବସିଛନ୍ତି।



ସରକାର ଏ ସବୁ ବିଷୟକୁ ବିଚାରକୁ ନେଇ ହିତାଧିକାରୀ ମାନଙ୍କୁ ଯଥାଶୀଘ୍ର ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଛି। ରାଜ୍ୟରେ ମୋହନ ମାଝୀଙ୍କ ସରକାର ଆସିବା ପରେ ୮୦ ଓ ତଦୁର୍ଦ୍ଧ ବୟସର ବୁଢୀବୁଢା ଓ ବିଧବା ଏବଂ ୮୦ଏବଂ ତାଠାରୁ ଅଧିକ ପ୍ରତିଶତର ଭିନ୍ନକ୍ଷମମାନଙ୍କୁ ୩ ହଜାର ୫ଶହ କରି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏବେ ଖଇରା ବ୍ଲକରେ ଏହି ବର୍ଗରେ ୧୬୧ ବୁଢୀବୁଢା ଓ ବିଧବା ଏବଂ ୭୭ଜଣ ଦିବ୍ୟାଙ୍ଗ ବର୍ଦ୍ଧିତ ଭତ୍ତା ପାଇଁ ଆବେଦନ କରିସାରିଛନ୍ତି। ବିଭିନ୍ନ ପଞ୍ଚାୟତ ମଧ୍ୟରେ ଅଚ୍ୟୁତପୁରରେ ୧୧,ଅନ୍ତରାରେ ୪, ଅମରିଆ-ଅଗ୍ନିପୁରରେ ୧୮, ବଡଜୟିପୁରରେ ୭, ବଡନୁଆଗାଁରେ ୭, ବରଦାରେ ୫, ବର୍ତ୍ତନାରେ ୩, ବାଉଁଶଗଡିଆରେ ୩, ଡଗରପଡାରେ୬, ଡାଲଙ୍ଗରେ ୧୪, ଡୁଙ୍ଗୁରାରେ ୬,ଗଡପୋଖରୀରେ ୮,ଗଗନଧୁଳୀରେ ୧୧, ଗରସଙ୍ଗରେ ୮, ଗୋଳିହାରେ ୭, ଗୋବିନ୍ଦପୁରରେ ୬, ହରିପୁରରେ ୩, ଜଳଦାରେ ୩, ଝିଙ୍କିରିଆରେ ୮, କଇଥଗଡିଆରେ ୪, କୁପାରୀରେ ୩, କରୁଣ୍ଡାରେ ୨୩, ମହତୀପୁରରେ ୧୦, ମାଖନପୁରରେ ୮, ମାଣିତ୍ରୀରେ ୫,ନହଙ୍ଗରେ ୧, ନନ୍ଦୁରରେ ୧,ପଳସାରେ ୩,ରପେୟାରେ ୫, ସାରଡାଙ୍ଗରେ ୭,ସାରକୋଣା ୫,ସାରୁଗାଁ ୭,ଶ୍ୟାମସୁନ୍ଦରପୁର ୪,ସୁଣ୍ଠିରା ୬, ଖଇରା ୫, ନୟାଖଣ୍ଡି୨, ରଟିଣାରେ ଜଣଙ୍କ ନାମ ଭତ୍ତା ତାଲିକାରେ ରହିଥିବା ଜଣାଯାଇଛି। ଏ ସମ୍ପର୍କରେ ବିଡିଓ ନାରାୟଣ ସାହୁଙ୍କୁ ପଚାରିବା ପରେ ୧ମାସ ମଧ୍ୟରେ ସମସ୍ତଙ୍କୁ ଏହି ବର୍ଦ୍ଧିତ ଭତ୍ତା ମିଳିଯିବ ବୋଲି କହିଛନ୍ତି।

## ହାତୀ ଆକ୍ରମଣରେ ଯୁବକ ଗୁରୁତର



**ଚମ୍ପୁଆ,୩।୧୧(ସମିସ):** ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନର ବଳଭଦ୍ରପୁର ଧଳା ଜଙ୍ଗଲରେ ଗୋଟିକିଆ ଦନ୍ତା ଆକ୍ରମଣରେ ୨୨ ବର୍ଷିୟ ଯୁବକ ଗୁରୁତର ହୋଇଥିବା ଜଣାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁସାରେ, ବଳଭଦ୍ରପୁର ପାତା ସାହିର ଜାକୁଲୁ ମୁଣ୍ଡାଙ୍କ ପୁଅ ନରେନ୍ଦ୍ର ମୁଣ୍ଡା ଗାଁ ନିକଟବର୍ତ୍ତୀ ଏକ ପଡ଼ିଆକୁ ଯାଇଥିବା ବେଳେ ଗୋଟିକିଆ ଦନ୍ତା ହାତୀ ତାକୁ ଆକ୍ରମଣ କରିଥିଲା। ଫଳରେ ନରେନ୍ଦ୍ର ମୁଣ୍ଡାର ହାତରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକ ପାଟି କରି ହାତୀଟିକୁ ଘଉଡ଼ାଇଥିଲେ। ଏନେଇ ଉଖୁଣ୍ଡା ଫରେଷ୍ଟର ପ୍ରଦୀପ ବାରିକ କହିଛନ୍ତି, ଗୋଟିକିଆ ଦନ୍ତା ଦଳରୁ ବାହାରି ବୁଲୁଥିବା ଅବସ୍ଥାରେ ଏହି ଆକ୍ରମଣ କରିଛି।

## ମଦନପୁରରେ ଆର୍‌ଆଇ ଅଫିସ ଉଦ୍‌ଘାଟିତ

**ଆନନ୍ଦପୁର, ୩।୧୧ (ସମିସ):** ଘସିପୁରା ବ୍ଲକ ମଦନପୁରରେ ଆରଆଇ ଅଫିସ ଉଦଘାଟିତ ହୋଇଯାଇଛି।୨୦୨୦ ମଦନପୁରକୁ ନୂତନ ରାଜସ୍ୱ ସର୍କଲ ଭାବେ ଘୋଷଣା ହେବା ପରେ ଏହି ଗୃହ ପାଇଁ ୩୮ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର ହୋଇଥିଲା। ଘର ସମ୍ପୂର୍ଣ୍ଣ ହେବାର ଦେଢ଼ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରୁ ନଥିବାରୁ ଗତ ସୋମବାର ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲ୍ଲାପାଙ୍କ ନିର୍ଦ୍ଦେଶକ୍ରମେ ଘସିପୁରା ତହସିଲଦାର ଅଭୟ ସ୍ୱାଇଁ



ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ଆରଆଇ ବିଷ୍ଣୁପ୍ରିୟା ସାହୁ, ଏଆରଆଇ ମଲି ମାରାଣ୍ଡି, ନକୁଳ ସେଠୀ, ଅଫିସ ସହକାରୀ ସୁଧାଂଶୁ ଶେଖର ଜେନା ଓ ଗ୍ରାମବାସୀ ସୁଧାଂଶୁ ଶେଖର କୁଅଁର, ବିଶ୍ୱରଂଜନ କୁଅଁର, ରାଜୀବ କୁଅଁର, କଳାକାର ପଲେଇ, ଦେବୀପ୍ରସନ୍ନ ଚକ୍ର, ଦୁର୍ଯୋଧନ ସେଠୀ, ଜଗବନ୍ଧୁ ପାଢ଼ୀ, ସୋମେନ୍ଦ୍ର କୁଅଁର, ସଦାଶିବ କବି, ଟିଂକିନା ବେହେରା, ବାବୁଲି କୁଅଁର ବାବୁଲି ସେଠୀ, କ୍ଷୀରୋଦ ବେହେରା ଉପସ୍ଥିତ ଥିଲେ।

# ଶିକ୍ଷକଙ୍କ ବଦଳିକୁ ବାଟବଣା କରିବାକୁ ପ୍ରୟାସ

**ହାଟଡ଼ିହୀ,୩।୧୧(ସମିସ):**





- ଛାତ୍ରଛାତ୍ରୀଙ୍କୁ ଉସକାଇ ଗ୍ରାମ୍ୟରାସ୍ତା ଅବରୋଧ
- ଶିକ୍ଷାଦାନ ବାଧାପ୍ରାପ୍ତ; ତହସିଲଦାରଙ୍କ ହସ୍ତକ୍ଷେପ

ହାଟଡ଼ିହୀ ବ୍ଲକ୍ ବଞ୍ଚୋ ବରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅନିୟମିତତା ଅଭିଯୋଗରେ ହାଟଡ଼ିହୀ ଶିକ୍ଷାବିଭାଗର ଭାରପ୍ରାପ୍ତ ସହ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏହାର ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ଦାଖଲ ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ବଦଳିକୁ ବାଟମଣା କରିବାକୁ ସମ୍ପୃକ୍ତ ଶିକ୍ଷକ ଜଣଙ୍କ ଜୋରଦାର ପ୍ରୟାସ କରିଥିବା ଅଭିଯୋଗ ମଧ୍ୟରେ ଘଟଣାଟି ସରଗରମ ହୋଇପଡ଼ିଛି। କିଛି ସପକ୍ଷବାଦୀ ଅଭିଭାବକଙ୍କ ସହ ଆଲୋଚନା କରି ସୋମବାର ସେମାନଙ୍କ ପିଲାଙ୍କୁ ସ୍କୁଲ ଭିତରକୁ ନଛାଡ଼ି ସ୍କୁଲ ଫାଟକ ସମ୍ମୁଖରେ ଟାୟାର ଜାଳି ଶିକ୍ଷକଙ୍କ ବଦଳିକୁ ରୋକିବା ପାଇଁ ବସାଇଥିଲେ ବୋଲି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ପାଲଟିଥିଲା। ଏଭଳି ଘଟଣାରେ ସମ୍ପୃକ୍ତ ଶିକ୍ଷକ ଓ ବଦଳିକୁ ବିରୋଧ କରୁଥିବା ଅଭିଭାବକଙ୍କ କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି।

ଉକ୍ତ ବିଦ୍ୟାଳୟରେ ମୋଟ ୫୧ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଅନୁପାତ ଅନୁସାରେ ୨ରୁ ୩ଜଣ ଶିକ୍ଷକ ରହିବା ଆବଶ୍ୟକ। ଏଠାରେ ୫ ଜଣ ଶିକ୍ଷକଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ସଂପୃକ୍ତ ଶିକ୍ଷକଙ୍କ ବଦଳି ହୋଇଥିବା ସ୍କୁଲରେ ଶିକ୍ଷକ ସଂଖ୍ୟା କମ୍ ରହିଥିବା ଯୋଗୁଁ ହାଟଡ଼ିହୀ ବିଇଓ ଶ୍ରୀ ଦଳାଇ ସମ୍ପୃକ୍ତ ଶିକ୍ଷକଙ୍କୁ ସେଠାକୁ ବଦଳି କରିଛନ୍ତି। ଶିକ୍ଷକ ଯେଉଁ ସ୍କୁଲକୁ ଗଲେ ମଧ୍ୟ ଶିକ୍ଷାଦାନ କରିପାରିବେ ତେବେ ଶିକ୍ଷକଙ୍କ ବଦଳିକୁ ନେଇ ଏଭଳି ଆଚରଣ ପ୍ରଦର୍ଶନ କରିବା ଆଦୌ ଶୋଭନୀୟ ନୁହଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି। ଶିକ୍ଷକଙ୍କ ବଦଳି ଘଟଣାକୁ ନେଇ କିଛି ହାତଗଣତି ଅଭିଭାବକ ବିରୋଧ କରିଥିବା ବେଳେ ଅନେକ ଅଭିଭାବକ ଏହାକୁ ସମର୍ଥନ କରିଛନ୍ତି। ୧୯ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ ଭିତରେ ଶିକ୍ଷାଲାଭ ପାଇଁ ଶ୍ରେଣୀଗୃହରେ ପଶିଥିବା ବେଳେ ସେମାନେ ହିଁ ମଧ୍ୟାହ୍ନ ଭୋଜନ ଖାଇଛନ୍ତି। ଏଥିରେ ଅଳ୍ପକିଛି ଛାତ୍ରଛାତ୍ରୀ ବାହାରେ ବସିଥିଲେ।

ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ହାଟଡ଼ିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ଲୋକଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଶିକ୍ଷକ ଜଣକ ରିଲିଭ୍ ହୋଇସାରିଥିବା ବେଳେ ଏହା ଏକ ପ୍ରାୟୋଜିତ ଆନ୍ଦୋଳନ ବୋଲି କୁହାଯାଇଥିଲା। ଏ ସମ୍ପର୍କରେ ତହସିଲଦାର କହିଥିଲେ, ସେ ରେକର୍ଡପତ୍ର ଯାଞ୍ଚ କରି ଜାଣିବାକୁ ପାଇଲେ କି ସେଥିରେ ଅନେକ ତ୍ରୁଟି ରହିଛି; ଏଣୁ ଆସନ୍ତା ୭ଦିନ ମଧ୍ୟରେ ଏହାର ସମାଧାନ କରିବାକୁ ସେ ବିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୂର୍ଯ୍ୟପ୍ରକାଶ ସେଠୀଙ୍କ ନାମରେ ମାଣ୍ଡିଆ ଲଡୁ ଓ ଛାତ୍ରବୃତ୍ତି ପ୍ରଦାନ ଅନିୟମିତତାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ, ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଟିମ ଭାରପ୍ରାପ୍ତ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଦ୍ୱାରା ଅନିୟମିତତାର ତଦନ୍ତ ରିପୋର୍ଟ ଶିକ୍ଷାଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ହାଟଡିହୀ ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ ଦୃଷ୍ଟାନ୍ତମୂଳକ ଭାବେ ଚିଠି ନଂ ୩୮୨୭-୩୧/୧୦/୨୫ରେ ଉକ୍ତ ଶିକ୍ଷକ ଶ୍ରୀ ସେଠୀଙ୍କ ନାମରେ ବଦଳି ନିର୍ଦ୍ଦେଶ ଜାରି କରି ବଞ୍ଚୋ ବରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆମ୍ରୋ ଗୋପୀନାଥଜୀଉ ଉଚ୍ଚବିଦ୍ୟାଳୟକୁ ବଦଳି କରିଛନ୍ତି।

## କେନ୍ଦୁଝର ଜିଲ୍ଲା ଗୋଁଡ଼ ସମାଜର ସମୀକ୍ଷା ଓ ସମନ୍ୱୟ ସମ୍ମେଳନ

**କେନ୍ଦୁଝର, ୩।୧୧(ସମିସ):** ବହୁପ୍ରତୀକ୍ଷିତ କେନ୍ଦୁଝର ଜିଲ୍ଲା ଗୋଁଡ଼ ସମାଜର ଦ୍ୱିବାର୍ଷିକ ସମୀକ୍ଷା ଓ ସମନ୍ୱୟ ସମ୍ମେଳନ କେନ୍ଦୁଝରଗଡସ୍ଥ ଧୃପଦାଠାରେ ସମାଜର ସଭାପତି ଜନାର୍ଦ୍ଦନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗୋଁଡ଼ ସାଂସ୍କୃତିକ ସମାଜର ପ୍ରତିଷ୍ଠାତା ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାଣବଲ୍ଲଭ ନାୟକ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଦୋଳଗୋବିନ୍ଦ ନାୟକ, ବରିଷ୍ଠ ନାଗରିକ ମନମୋହନ ସିଂହ, ଜିଲ୍ଲା ଉପସଭାପତି ଯୁଧିଷ୍ଠିର ସିଂହ, ଅନାଦି ଚରଣ ନାୟକ, ରାଜ୍ୟ ପ୍ରଭାରୀ କୀର୍ତ୍ତନ ବିହାର ନାୟକ, ତେଲକୋଇ ରାଣୀବେଡା ପଲ୍ଲୀ ସଭାପତି ପଦ୍ମନାଭ ନାୟକ ଓ ବାଲିସର ପଲ୍ଲୀର ସଭାପତି ଶରତଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଉପସଭାନେତ୍ରୀ କିରଣବାଳା ନାୟକ ସଭା ପରିଚାଳନା କରିଥିଲେ। ଆରାଧ୍ୟ ଦେବତା ଜଙ୍ଘାଲିଙ୍ଗାଙ୍କ ନିକଟରେ ପୂଜାର୍ଚ୍ଚନା ପରେ ସମାଜର ଦିବଂଗତ ନେତୃତ୍ୱଙ୍କ ପ୍ରତି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସମାଜର ସଂଯୋଗୀକରଣରେ ସଂପାଦକ ଚକ୍ରଧର ନାୟକ, ରାଧାକାନ୍ତ ନାୟକ ଓ ଦୈତାରୀ ସିଂହ ପ୍ରମୁଖ ଅଗ୍ରଗଣ୍ୟ ଥିଲେ। ପରମ୍ପରା ଅନୁଯାୟୀ ପଗଡି ବନ୍ଧନ ଓ ପରିଚୟ ଆଦାନ ପ୍ରଦାନ ହୋଇଥିଲା। ଗୋଁଡ ସମାଜ ପଲ୍ଲୀ ସଂଗଠନଗୁଡ଼ିକର ସଭାପତି/ସଂପାଦକ ପ୍ରମୁଖ ବିକାଶ, ବାଧା,ପ୍ରତିବନ୍ଧକ ଉପସ୍ଥାପନ କରିଥିଲେ। ସଂଗଠନ ପ୍ରତି କ୍ଷତି ପହଞ୍ଚାଉଥିବା ବ୍ୟକ୍ତିମାନଙ୍କ ପ୍ରତି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବାକୁ ଜିଲ୍ଲା ସଂଗଠନକୁ କ୍ଷମତା ପ୍ରଦାନ କରାଯାଇଛି।

## ସ୍କୁଲରେ ତାଲା ପକାଇ ଧାରଣାରେ ଛାତ୍ରଛାତ୍ରୀ

**କେନ୍ଦୁଝର, ୩।୧୧(ସମିସ):** ସଦର ବ୍ଲକ ବାଲିଆଗୋଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ଅବ୍ୟବସ୍ଥାକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ସୋମବାର ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି। ସଦର ଏବିଇଓ ମାନସ ମିଶ୍ର ଘଟଣାସ୍ଥଳକୁ ଯାଇ ଅଭିଭାବକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ରହିଥିବା ସମସ୍ୟା ପୂରଣ ପାଇଁ ଅଭିଭାବକମାନେ ଅଡ଼ି ବସିଛନ୍ତି। ଉକ୍ତ ସ୍କୁଲରେ ୭୫ ଜଣ ଛାତତ୍ରଛାତ୍ରୀ ଥିବାବେଳେ ୫ ଜଣ ଶିକ୍ଷୟିତ୍ରୀ ଥିଲେ। ଜଣେ ଶିକ୍ଷୟିତ୍ରୀ କଳ୍ପନା ସାହୁ ଡେପୁଟେସନ ଅନ୍ୟ ଏକ ସ୍କୁଲକୁ ପଠାଯିବା ପରେ ୪ ଜଣ ଶିକ୍ଷୟିତ୍ରୀ ଅଛନ୍ତି। ଶିକ୍ଷକ ବଦଳି ସାଙ୍ଗକୁ ବିଦ୍ୟାଳୟର ଅବ୍ୟବସ୍ଥାକୁ ନେଇ ଗ୍ରାମବାସୀ ଏବଂ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ନିଆ ଯାଇ ନଥିଲା। ପ୍ରତିବାଦରେ ସ୍କୁଲ ଗେଟରେ ତାଲା ପକାଇ ଆନ୍ଦୋଳନ ଆରମ୍ଭ କରିଥିବାରୁ ପାଠପଢା ବନ୍ଦ ରହିଛି।



ଅଭିଯୋଗ ଅନୁଯାୟୀ, ଶିକ୍ଷୟିତ୍ରୀଙ୍କର ଡେପୁଟେସନ କରାଯାଇଛି। ସେହିପରି ବିଦ୍ୟାଳୟରେ ଶୌଚାଳୟ ରହିଥିଲେ ହେଁ ଅଧିକାଂଶ ସମୟରେ ତାଲା ପଡୁଥିବାରୁ ପିଲାମାନେ ବାହାରକୁ ଯିବାକୁ ବାଧ ହେଉଛନ୍ତି। ଶିକ୍ଷୟିତ୍ରୀମାନେ ନିୟମିତ ସ୍କୁଲ ଆସୁନଥିବା ଓ ପାଠପଢା ଠିକ୍ ଭାବରେ ହେଉନଥିବାରୁ ବହୁ ଛାତ୍ରଛାତ୍ରୀ ସ୍କୁଲରୁ ଟିସି ନେ ଇ ଅନ୍ୟତ୍ର ପାଠ ପଢାଉଛନ୍ତି। ସେହିପରି ୨ଜଣ ପୁରୁଷ ଶିକ୍ଷକଙ୍କୁ ନିଯୁକ୍ତି ଦେବା ସହ ୫ ବର୍ଷରୁ ଅଧିକ ହୋଇଥିବା ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ଦାବି କରିଛନ୍ତି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ; ଜିତ୍ ମଞ୍ଜିତ ଡନ୍ ଚାମ୍ପିଅନ



**କୁଆମରା,୩।୧୧(ସମିସ):** ଖୁଣ୍ଟା ବ୍ଲକ ଭୋଲାଗଡିଆ ଷ୍ଟାଡିୟମରେ ଶିମିଳିପାଳ ସ୍ପୋର୍ଟସ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ଚାଲିଥିବା ୨୦ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଶନିବାର ଫାଇନାଲ ଖେଳରେ ପଶ୍ଚିମବଙ୍ଗର ଜିତ୍ ମଞ୍ଜିତ୍ ଡନ୍ ପେନାଲଟିକ୍ ଜରିଆରେ ପଶ୍ଚିମବଙ୍ଗର ଏସ୍‌ବି ଇଲେଭେନ୍‌କୁ ହରାଇ ପୁଣି ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଚାମ୍ପିଅନ ଦଳକୁ ୩ ଲକ୍ଷ ଓ ରନର୍ସ ଅପ୍ ଦଳକୁ ୨ ଲକ୍ଷ ଟଙ୍କାର ଅର୍ଥ ରାଶି ପୁରସ୍କାର ଭାବେ ପ୍ରଦାନ କରାଯାଇଛି। ସେହିପରି ସେମିଫାଇନାଲକୁ ଉନ୍ନୀତ ହୋଇଥିବା ଦୁଇ ଦଳକୁ ଏକ ଲକ୍ଷ ଲେଖାଏଁ ଟଙ୍କା ନଗଦ ଅର୍ଥ ରାଶି ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଆସୋସିଏସନ୍ ସଭାପତି ସର୍ଦାର ହେମ୍ବ୍ରମ ଓ ସଂପାଦକ ସୁକେନ୍ଦୁ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଧନ୍ୟ ନାଏକ, ବିଏସଓ ବାରିପଦା ସୁଭାଶିଷ ନାୟକ, ମାଶା ଆର୍ମିର ରାଜ୍ୟ ସଭାପତି ସୁକଲାଲ ମାରାଣ୍ଡି, ପୂର୍ବତନ ବିଧାୟକ ମଣ୍ଟୁ ପାତ୍ର, ଆଇଆଇସି ପଞ୍ଚାନନ ମହାନ୍ତି, ମୟୂରଭଞ୍ଜ ଫୁଟବଲ ଆସୋସିଏସନ୍‌ର ସଭାପତି ଅମର ସେଠୀ, ସମିତି ସଭ୍ୟା ମିନତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

**କରଞ୍ଜିଆ, ୩।୧୧(ସମିସ):** ମୟୂରଭଂଜ ଜିଲ୍ଲା ବିଦ୍ୟାଳୟ ସମୂହର ତିନି ଦିନିଆ ଦୌଡକୁଦ ଓ କ୍ରିକେଟ ପ୍ରତିଯୋଗିତା ସୋମବାର ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ ଯୋଗଦେଇ ଏହି କ୍ରୀଡ଼ା ପ୍ରତିଯୋଗିତା ଏକ ପ୍ଲାଟଫର୍ମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ ପବ୍ଲିକ ସ୍କୁଲ ପ୍ରତିଷ୍ଠାତା ବିଷ୍ଣୁକୁମାର ଅଗ୍ରୱାଲା, ସମାଜସେବୀ ଆଶିଷ କୁମାର ମହନ୍ତ, ସମ୍ବିଧାନ ମହାପାତ୍ର, କରଞ୍ଜିଆ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚତୁର୍ଭୁଜ ବାରିକ, ଜିଲ୍ଲା ପିଇଟି ଆସୋସିଏସନର ସଂପାଦକ ସଂଜୟ କୁମାର ପ୍ରଧାନ, ଡିପିଇଓ ତଥା ଜିଲ୍ଲା ଖେଳକୁଦ ସଂଘର ସଂଗଠନ ସଂପାଦକ ଭାଗିରଥି ମଲ୍ଲିକ, କରଞ୍ଜିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା ସଭାପତି କାର୍ତ୍ତିକ ମହାନ୍ତ ପ୍ରମୁଖ ଯୋଗ ଦେଇ କୃତକାର୍ଯ୍ୟ ହୋଇଥିବା କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। କରଞ୍ଜିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତରୁ ନାଏକ ସ୍ୱାଗତ ଭାଷଣ ଓ ଅବସର ପ୍ରାପ୍ତ ଶିକ୍ଷକ ଖୋଲିଲରୁଲ୍ ରେହେମନ୍ ଅତିଥି ପରିଚୟ ଦେଇଥିଲେ। ଏହି ସମାରୋହରେ ୧୭ ବର୍ଷ ବାଳକ ବର୍ଗରେ ରାଜେଶ ଶେଖର ଠାକୁର, ବାଳିକା ବର୍ଗରେ ଯମୁନା ମହାନ୍ତ ଏବଂ ୧୪ ବର୍ଷ ବାଳକ ବର୍ଗରେ ଯଶବନ୍ତ ବେହେରା, କମଳିନୀ ମାରାଣ୍ଡି କୃତିତ୍ୱ ହାସଲ କରିଛନ୍ତି। ଏହି ପ୍ରତିଯୋଗୀମାନେ ମୁଖ୍ୟ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ।



## ମଣ୍ଡଳସ୍ତରୀୟ ବାଳିକା କବାଡ଼ିରେ ପାଟଣା ମହାବିଦ୍ୟାଳୟ ଚାମ୍ପିଅନ

**ତୁରୁମୁଙ୍ଗା, ୩।୧୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ବାଳିକା କବାଡ଼ି ଦଳ ଯାଜପୁର ମଣ୍ଡଳସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛି। କାଉନସିଲ ତରଫରୁ ଯାଜପୁର ମଣ୍ଡଳରେ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ଓ ଯାଜପୁରୋଡ ଇନ୍ଦିରାଗାନ୍ଧୀ ବାଳିକା ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟଣା ମହାବିଦ୍ୟାଳୟ ଦଳ ବିଜୟୀ ହୋଇଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏହି ପ୍ରତିଯୋଗିତା ଯାଜପୁର ଜିଲ୍ଲାର ବାରୁଣେଶ୍ୱର ମହାବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିଲା ଏହି ସଫଳତା ପାଇଁ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ ଓ କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର ସାହୁଙ୍କ ପ୍ରଚେଷ୍ଟାକୁ ଧନ୍ୟବାଦ ଜଣାଇଛନ୍ତି। ପାଟଣା ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟାପକ ଓ ଅଧ୍ୟାପିକାମାନେ ବିଜୟୀ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଡସାହି,୩।୧୧(ସମିସ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡ଼ସାହି ଉପସେବା କେନ୍ଦ୍ର ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ "ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଶାନ୍ତି ନିମନ୍ତେ ପ୍ରାତଃ ସମୟରେ ଏକ ଶାନ୍ତି ଯାତ୍ରା ବଡ଼ସାହି ଗ୍ରାମ ସହିତ ବଡ଼ସାହି ବଜାର ପରିଭ୍ରମଣ କରିଥିଲା। ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବ୍ରାହ୍ମକୁମାରୀ ସାବିତ୍ରୀ ଭଉଣୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ବୀରଭଦ୍ର ସିଂ, ମୁଖ୍ୟବକ୍ତା ବ୍ରାହ୍ମକୁମାର ଅନନ୍ତ ଭାଇ, ସମାନୀୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଫେସର ସନ୍ଦୀପ ଚାନ୍ଦ ଓ ବଡ଼ସାହି ବ୍ଲକ ଉପାଧକ୍ଷ୍ୟା କାଞ୍ଚନ ପ୍ରଧାନ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ରାଜକିଶୋର ଆଚାର୍ଯ୍ୟ ଅତିଥି ପରିଚୟ ଦେଇଥିଲେ। ଭାଇ ମହେଶ୍ୱର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ଏକାଦଶାହରେ ଶୋକ



**ଖୁଂଟିଂ, ୩।୧୧(ସମିସ):** ଶୁକୃଳି ବ୍ଲକ ଅନ୍ତର୍ଗତ କେଶନା ଗ୍ରାମର ଅଳେଇ ଘଡ଼ାଇ (୯୦)ଙ୍କ ଅକ୍ଟୋବର ୨୩ ତାରିଖରେ ପରଲୋକ ଘଟିଛି। ନିଜ ବାସଭବନରେ ଥିବା ବେଳେ ହଠାତ ଗୁରୁତର ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପ୍ରସ୍ତୁତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ। ତାଙ୍କର ପରଲୋକର ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଆତ୍ମୀୟ ସ୍ୱଜନ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ରବିବାର ତାଙ୍କ ବାସଭବନରେ ଅନୁଷ୍ଠିତ ଏକାଦଶାହ କାର୍ଯ୍ୟକ୍ରମରେ ଆତ୍ମୀୟ ସ୍ୱଜନ ଓ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ଶୋକପ୍ରକାଶ କରିବା ସହିତ ସ୍ୱର୍ଗତ ଆତ୍ମାର ସଦଗତି ପ୍ରାର୍ଥନା କରିଥିଲେ।

## ମହିଳା କଲେଜରେ ସାଇବର ସଚେତନତା



**ରାଇରଙ୍ଗପୁର,୩।୧୧(ସମିସ):** ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ସାଇବର ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ମାର୍ଗଦର୍ଶନ ଓ ରାଇରଙ୍ଗପୁର ଟାଉନ ପୁଲିସର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ରୀ ଶତପଥୀ ସଭାପତିତ୍ୱ କରି ସ୍ୱାଗତ ସଂଭାଷଣ ସହିତ ଛାତ୍ରୀମାନଙ୍କୁ ସାଇବର ଠକେଇ ବିଷୟରେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଆବାହକ ବିଜୟ କୁମାର ରାମ ସଭା ପରିଚାଳନା କରିଥିଲେ। ସବଇନ୍ସପେକ୍ଟର ରାଜେନ୍ଦ୍ର ପ୍ରତାପ ସାମଲ ଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରିୟଦର୍ଶିନି ଟୁଡୁ ପ୍ରଥମ ପାୟଲ ଦ୍ୱିତୀୟ ଏବଂ ରଶ୍ମିତା ପାତ୍ର, ସୀମା ତୃତୀୟ ସ୍ଥାନ ଅଧିକୃତ କରିଥିଲେ। ସାଇବର ଏକ୍ସପର୍ଟ ଶ୍ୟାମ ସୁନ୍ଦର ମଣ୍ଡଳ ଛାତ୍ରୀ ମାନଙ୍କୁ ସାଇବର ସୁରକ୍ଷା ନିମନ୍ତେ ସଚେତନତା ନେଇ ଆଲୋକପାତ କରିଥିଲେ। ସବ ଇନ୍ସପେକ୍ଟର ଭାରତୀ ବେହେରା ଛାତ୍ରୀଙ୍କୁ ମୋବାଇଲ ସଠିକ ଉପଯୋଗ ବିଷୟରେ ବକ୍ତବ୍ୟ ରଖିଥିଲେ। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅନିତା ସମଦ ସାଇବର କ୍ରାଇମର ଆତଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଏଏସଆଇ ରାଜେନ୍ଦ୍ର କୁମାର ସାହୁ, କାପୁରା ସୋରେନ, ରଂଜିତା ମୁହୁଲୀ, ସୁଜାତା ମୁର୍ମୁ ସହଯୋଗ କରିଥିଲେ।

## ମଦ ଜବତ; ଦୁଇ ଗିରଫ

**କୁଆମରା,୩।୧୧(ସମିସ):** ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଆଜି ଚଢ଼ଉ କରି ୨ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୩୪ ଲିଟର ଦେଶୀ ମଦ ଜବତ କରିଛି। କରକଚିଆ ଗ୍ରାମର ବୁଧୁରାମ ସିଂ (୫୪)ଙ୍କ ଠାରୁ ୧୮ ଲିଟର ଓ ଡେଙ୍ଗାମ ଗ୍ରାମର ଶ୍ୟାମସୁନ୍ଦର ମୁର୍ମୁ (୨୫)ଙ୍କଠାରୁ ୧୬ ଲିଟର ଜବତ ହୋଇଛି। ଚଢଉରେ କୃଷ୍ଣଚନ୍ଦ୍ର ସେଠୀ, ଗୌତମ ମହାନ୍ତ, ନିରଞ୍ଜନ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

## ବାଇକ୍ ଧକ୍କାରେ ଯୁବକ ଗୁରୁତର

**ଠାକୁରମୁଣ୍ଡା, ୩।୧୧(ସମିସ):** ଠାକୁରମୁଣ୍ଡା ବଜାରରେ ସୋମବାର ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ଗୁରୁତବର ହୋଇଥିବା ଜଣାପଡିଛି। ଗୁରୁତର ବାଇକ ଚାଳକଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଥିବା ବାଇକ ଚାଳକ ଜଣକ କେଶଡିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖେଡ଼ିଆପୋଶି ଗ୍ରାମର ସୁନୀଲ ଦାସ (୨୫) ବୋଲି ଜଣାପଡିଛି। ଠାକୁରମୁଣ୍ଡା-ଉଦଳା ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ବାଇକ ଚାଳକଙ୍କ ଘର ଗୋଟିଏ ଗାଁର ବୋଲି ଜଣାପଡିଛି। ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି।

## ଶୁକୃଳି ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ; ମା' ତାରିଣୀ ୱାରିୟର୍ସ ଚାମ୍ପିଅନ

**ଖୁଂଟିଂ, ୩।୧୧(ସମିସ):**

ଅକ୍ଟୋବର ୧୨ ତାରିଖରୁ ଆରମ୍ଭ ହୋଇଥିବା ଶୁକୃଳି ପ୍ରିମିୟର୍ ଲିଗ୍ ସିଜନ୍-୩ ସୋମବାର ଉଦଯାପିତ ହୋଇଯାଇଛି। ଚଳିତ ସିଜନ୍‌ରେ ମୋଟ ୭ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଲିଗ୍ ପର୍ଯ୍ୟାୟରୁ ଆଇପେଲ ଡାଞ୍ଚାରେ ଖେଳା ଯାଇଥିବା ଏହି ପ୍ରିମିୟର ଲିଗର ଫାଇନାଲ ମ୍ୟାଚ ମା' ତାରିଣୀ ୱାରିୟର୍ସ ଓ ଡାହାଣିଗଡିଆ ଡାଇନସର୍ ମଧ୍ୟରେ ଖେଳା ଯାଇଥିଲା। ଶେଷରେ ମା' ତାରିଣୀ ୱାରିୟରସ୍ ଡାହାଣିଗଡିଆ ଡାଇନୋସରକୁ ୨୭ ରନ୍‌ରେ ପରାସ୍ତ କରି ଚାମ୍ପିଅନ ହାଇଥିବାବେଳେ ଡାହାଣିଗଡିଆ ଡାଇନୋସର୍ ରନର୍ସଅପ ହୋଇଛି। ମା' ତାରିଣୀ ୱାରିୟର୍ସର ମାଲିକ ଆଲୋକ ରଂଜନ ଭୋଇ ଓ ଡାହାଣି ଗଡିଆ ଡାଇନୋସର୍ ମାଲିକ ଲଲାଟେନ୍ଦୁ ମହାକୁଡ଼ ଉପସ୍ଥିତ ଥିଲେ। ଲିଗ୍‌ର ସଭାପତି ଅରୁଣ କୁମାର ଘଣା ଓ ଉପ ସଭାପତି ରଜତ କୁମାର ମହାକୁଡ଼ଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନ ତଥା ଚନ୍ଦ୍ରକାନ୍ତ ଆରୁକ୍, ବିଶ୍ୱଜିତ ମହାକୁଡ଼, ରଜତ୍ କୁମାର ସାହୁ, କାହ୍ନା ଭୋଳ, ଅଶୋକ ମହାକୁଡ଼,ଗୋପବନ୍ଧୁ ପୃଷ୍ଟି,ଜଗନ୍ନାଥ ଭୋଳ, ଆଲୋକ ମହାକୁଡ, ଖଗେଶ୍ୱର ବେହେରା ସମେତ ଶୁକୃଳି ବ୍ଲକର କ୍ରିକେଟ୍ ପ୍ରେମୀମାନେ ଖେଳରେ ସହଯୋଗ କରିଥିଲେ। ମ୍ୟାଚରେ ପ୍ରଥମେ ମା ତାରିଣୀ ୱାରିଆର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୧୫ ଓଭରରେ ୧୬୩ ରନ୍ କରିଥିବା ବେଳେ ଡାହାଣୀଗଡିଆ ଡାଇନେସର୍ ପାରୁପର୍ଯ୍ୟନ୍ତ ମାତ୍ର ୧୩୬ ରନ୍ କରି ୯ ୱିକେଟ ହରାଇଥିବା ବେଳେ ଓଭରର ସମାପ୍ତି ଘଟିଥିଲା। ଏହି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ୍ ଯୋଶବନ୍ତ ଗିରିଙ୍କୁ ମିଳିଥିଲା। ବିଜେତା ଟିମ୍‌କୁ ୪୫,୫୫୫ ଟଙ୍କା ଓ ରନର୍ସ୍ ଅପ୍ ନିମନ୍ତେ ୩୫,୫୫୫ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।



## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଜ୍ଞାନମେଳା



**କୁଆମରା,୩।୧୧(ସମିସ):** ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ଓ ସର୍ବ କନିଷ୍ଠ ବର୍ଗର ମୋଟ ୩୩ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସ୍ଥାନୀୟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ବିନ୍ଧାଣୀ ଓ ସାଗରିକା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନ ପାଇଥିବା ପ୍ରକଳ୍ପଗୁଡ଼ିକୁ ରିଜିଓନାଲ ଏକାଡେମୀର ବିଜ୍ଞାନ ଶିକ୍ଷୟିତ୍ରୀ ମୟୂରୀ ମୋନାଲିସା ବେହେରା ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବ୍ରହ୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରିଜିଓନାଲ ଏକାଡେମୀର ପ୍ରଧାନ ଶିକ୍ଷୟିତ୍ରୀ ଭାସ୍ୱତୀ ସିଟ୍, ସମ୍ମାନିତ ଅତିଥି ପ୍ରଧାନ ଗୁରୁଜୀ ଜ୍ଞାନରଞ୍ଜନ ପଣ୍ଡା ଯୋଗ ଦେଇ ନିରନ୍ତର ପ୍ରଚେଷ୍ଟା ଓ ସଂଘର୍ଷ ଦ୍ୱାରା ଶକ୍ତି ଏବଂ ସମୃଦ୍ଧି ମିଳେ ବୋଲି ମତବ୍ୟକ୍ତ କରିଥିଲେ। ଗୁରୁଜୀ ଅଭିଜିତ ଗନ୍ତାୟତ, ରଘୁନାଥ ସିଂ, ସୁକାନ୍ତି ପଣ୍ଡା, ରଶ୍ମିତା ବେହେରା, ନିହାରିକା ନାୟକ, ଗୀତାଞ୍ଜଳି ବେହେରା, ଶୁଭଶ୍ରୀ ବେହେରା, ଭବାନୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଇକ୍ରିଷ୍ଣା ନାୟକ, ପ୍ରତ୍ୟୁଷ ବାରିକ, ହର୍ଷିତା ପ୍ରିୟଦର୍ଶନୀ ବିନ୍ଧାଣୀଙ୍କ ସମେତ ମୋଟ ୮ଟି ପ୍ରକଳ୍ପ ସଙ୍କୁଳ ସ୍ତରକୁ ମନୋନୀତ ହୋଇଛି। ମୂଲ୍ୟାୟନ ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ସକାଳ THE SAKALA



# ଏମପିସି ସ୍ୱୟଂଶାସିତ କଲେଜରେ ପୁଣି ଛାତ୍ର ଅଶାନ୍ତି

## ଫାଟକରେ ତାଲା ପକାଇ ଧାରଣାରେ ବିଦ୍ୟାର୍ଥୀ



ବାରିପଦା, ୩।୧୧(ସମିସ): ସୋମବାର ପୁଣି ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି। ମହାବିଦ୍ୟାଳୟ ଓ ଛାତ୍ରାବାସର ବିଭିନ୍ନ ସମସ୍ୟା ସହିତ ଠିକ୍ ସମୟରେ ପରୀକ୍ଷା ନ ହେବା ଓ ଫଳ ପ୍ରକାଶ ପାଉନଥିବା ଅଭିଯୋଗ କରି ସକାଳ ସାଢେ ୬ଟାରୁ ମୁଖ୍ୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଧାରଣା ଦେଇଛନ୍ତି। ଫଳରେ କଲେଜ ଭିତରକୁ ଅଧ୍ୟାପକ ଓ ଅଧ୍ୟାପିକା ପ୍ରବେଶ କରିପାରି ନ ଥିଲେ। ଏବେ କଲେଜରେ ଜିଲ୍ଲାସ୍ତରୀୟ ଯୁବ ରେଡ଼କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଚାଲିଥିବାରୁ ତାହା ବାଧାପ୍ରାପ୍ତ ହୋଇଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ମୁତାବକ, ଛାତ୍ରାବାସରେ ପିଇବା ପାଣି ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ଲାଗିରହିଛି। ଆଦିବାସୀ ଛାତ୍ରଛାତ୍ରୀ ଷ୍ଟାଇପେଣ୍ଡରୁ ବଞ୍ଚିତ ହେଉଛନ୍ତି; ଯାହା ତାଙ୍କର ପଠପଢ଼ାରେ ଏକ ବଡ଼ ସମସ୍ୟା ସୃଷ୍ଟି କରୁଛି। ଏଥିସହିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ମହାବିଦ୍ୟାଳୟରେ ନିୟମ ଭାବେ ପରୀକ୍ଷା ନ ହେବା ଓ ଠିକ୍ ସମୟରେ ଫଳ ପ୍ରକାଶ ପାଉନାହିଁ। ବିଳମ୍ବରେ ତ୍ରୁଟିପୂର୍ଣ୍ଣ ପରୀକ୍ଷା ଫଳ ପ୍ରକାଶ ପାଇବା ଏକ ବଡ଼ ସମସ୍ୟା ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରିଛି। ଏ ନେଇ ବହୁବାର ଅଭିଯୋଗ ଓ ଆନ୍ଦୋଳନ ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ। ତେଣୁ ଛାତ୍ରଛାତ୍ରୀ ବାଧହୋଇ ଏଭଳି ପଦକ୍ଷେପ ନେଇଛନ୍ତି। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ତାଲା ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ରନେତା ପ୍ରଭାସକର ମାର୍ଣ୍ଡି କହିଛନ୍ତି। ତେବେ କଲେଜ୍ ପରିସରରେ ଜିଲ୍ଲାସ୍ତରୀୟ ଯୁବ ରେଡ଼କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଚାଲିଥିବାରୁ ଗେଟ୍ ବନ୍ଦ ରହିଥିବାରୁ ଏଥିରେ ଅଂଶଗ୍ରହଣ କରିଥିବା ୧୨୦ରୁ ଅଧିକ ଛାତ୍ରଛାତ୍ରୀ ଭିତରେ ରହିଛନ୍ତି। ଏନେଇ ଅଧକ୍ଷ ନାରାୟଣ ପ୍ରସାଦ ବେହେରାଙ୍କୁ ପଚାରିବାରୁ ତାଲାବନ୍ଦ ଆନ୍ଦୋଳନ ସମ୍ପର୍କରେ ଛାତ୍ରଛାତ୍ରୀ ପୂର୍ବ ସୂଚନା ଦେଇନାହାନ୍ତି। କିଛିଦିନ ପୂର୍ବରୁ କିଛି ବିଦ୍ୟାର୍ଥୀ ପରୀକ୍ଷା ନିୟନ୍ତ୍ରକଙ୍କୁ ପରିବର୍ତ୍ତନ ପାଇଁ ଦରଖାସ୍ତ ଦେଇଥିଲେ। ତେବେ ପରିବର୍ତ୍ତନ କ୍ଷମତା ମୋର ନ ଥିବାରୁ ମୁଁ ମନାକରିଥିଲି। ପିଲାଙ୍କ ଦାବି ସମ୍ପର୍କରେ ମୁଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛି। କୌଣସି ନିଷ୍ପତ୍ତି ସୂଚନା ପହଞ୍ଚିବା ପୂର୍ବରୁ ଏପରି ଆନ୍ଦୋଳନ ନିନ୍ଦନୀୟ ବୋଲି ସେ କହିଛନ୍ତି।

## ପ୍ରାକ୍ତନ ଅଧ୍ୟକ୍ଷାଙ୍କ ସଙ୍ଗୀନ ଅଭିଯୋଗ

ଏମପିସି ସ୍ୱୟଂଶାସିତ କଲେଜରେ ତାଲାବନ୍ଦ ଆନ୍ଦୋଳନ ଘଟଣାକୁ ନେଇ ପ୍ରାକ୍ତନ ଅଧ୍ୟକ୍ଷା ତଥା ବର୍ତ୍ତମାନର ଅଧ୍ୟାପିକା ରାଇମଣି ମାର୍ଣ୍ଡି ଗୁରୁତର ଅଭିଯୋଗ ଆଣିଛନ୍ତି। ଛାତ୍ରଛାତ୍ରୀଙ୍କ ଆଚାର ବ୍ୟବହାରରେ ନିଜକୁ ସେ ସୁରକ୍ଷିତ ମଣୁନାହାନ୍ତି। ସେ ବର୍ତ୍ତମାନ ଜିଲ୍ଲା ୟୁଥ୍ ରେଡ଼କ୍ରସ କୋନଭେନର ସେକ୍ରେଟାରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ହଇରାଣ କରିବା ଏବଂ ରେଡ଼କ୍ରସ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ଆନ୍ଦୋଳନର ଚକ୍ରାନ୍ତ କରାଯାଇଛି ବୋଲି ସେ ଦର୍ଶାଇଛନ୍ତି। ଏଥିରେ କଲେଜର କିଛି ଅଧ୍ୟାପକ ଓ ଅଧ୍ୟାପିକାଙ୍କ ହାତ ରହିଥିବା ସେ ଅଭିଯୋଗ କରିଛନ୍ତି। ଆନ୍ଦୋଳନରତ ଛାତ୍ରଙ୍କ ଧମକରେ ସେ ଭୟଭୀତ ହୋଇ



ପୁଲିସର ସହାୟତା ନେଇଛନ୍ତି। ଏପରିକି ରେଡ଼କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅଂଶଗ୍ରହଣ କରୁଥିବା ଅଧ୍ୟାପକ/ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଆନ୍ଦୋଳନକାରୀମାନେ ଧମକ ଚମକ ଦେଇ ଭୟଭୀତ କରିବା ପାଇଁ ଚେଷ୍ଟା କରୁଥିବା ମଧ୍ୟ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ପ୍ରତିଦିନ କଲେଜ୍ ଫାଟକ ସକାଳ ୯ଟା ୩୦ରେ ଖୋଲିବାର ସମୟ ହୋଇଥିବା ବେଳେ ଆଜି ସକାଳ ୬ଟାରେ ଗେଟରେ ତାଲା ପକାଇବା ଶିବିରକୁ ବାଧା ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି। ଏହା ପଛରେ କଲେଜ ସହକର୍ମୀଙ୍କ ହାତ ରହିଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ; ଜଣେ ଗୁରୁତର

ମୋରଡା,୩।୧୧(ସମିସ): ରବିବାର ଜଣେ ବୃଦ୍ଧଙ୍କୁ ହାତୀ ଆକ୍ରମଣ କରିବାରୁ ତାଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତକ ହେଲେ ମୁଣ୍ଡାବଣି ଗ୍ରାମର ଅଶୋକ ଟୁଡୁ (୫୩)। ବେତନଟୀ ରେଞ୍ଜ ଅଧୀନ ଗଡିଗାଁ ପଞ୍ଚାୟତ ଫୁଲବାଡିଆ ଗ୍ରାମର ଏକ କାଜୁ ବାଡ଼ିରେ ରବିବାର ୬ଟି ଦନ୍ତାହାତୀ ଥିଲେ। ହେଲେ ଅଶୋକ ଟୁଡୁ ସାଇକଲ ଯୋଗେ ଘରକୁ ଫେରୁଥିବାବେଳେ ହାତୀ ହାବୁଡ଼ରେ ପଡିଯାଇଥିଲେ। ପରେ ଏକ ହାତୀ ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡିଥିଲେ। ଏହି ଖବର ପାଇ ଫରେଷ୍ଟର ଦୀପକ ପାତ୍ର ଏବଂ ଗାର୍ଡ ବିଜୟ ଶଙ୍କର ଦାସ ତାଙ୍କୁ ତୁରନ୍ତ ଉଦ୍ଧାର କରି କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ବାରିପଦାସ୍ଥିତ ପିଆରଏମ୍ ହସପିଟାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ତାଙ୍କର ରବିବାର ରାତି ସାଢେ ୩ଟାବେଳେ ମୃତ୍ୟୁ ଘଟିଛି। ସେହିପରି ଫାଲଝରୀ ଗ୍ରାମର ଯୁବକ ଭଞ୍ଜକିଶୋର ମହାନ୍ତ ହାତୀ ହାବୁଡ଼ରେ ପଡି ଆହତ ହୋଇଥିବା ଖବର ମିଳିଛି।

## କୁଆଖିଆ ଓଭରବ୍ରିଜ ଉପରେ ଦୁର୍ଘଟଣା; ଜଣେ ମୃତ

କୁଆଖିଆ,୩।୧୧(ସମିସ): ୧୬ନଂ ଜାତୀୟ ରାଜପଥ କୁଆଖିଆ ଓଭରବ୍ରିଜ ଉପରେ ବୋଲେରୋ ଓ ଯାତ୍ରୀବାହୀ ବସ୍ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଯାଇଛି। ସୂଚନା ମୁତାବକ ରବିବାର ବିଳମ୍ବିତ ରାତ୍ରୀରେ ଭୁବନେଶ୍ୱରରରୁ ଏକ ଯାତ୍ରୀବାହି ବସ୍ ଭଦ୍ରକ ଅଭିମୁଖେ ଯାଉଥିବା ସମୟରେ କୁଆଖିଆ ଓଭରବ୍ରିଜ ଉପରେ ପାଣିକୋଇଲିରୁ ଏକ କଟକ ଯାଉଥିବା ବୋଲେରୋ ଯାତ୍ରୀବାହି ବସ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବୋଲେରୋ ଚାଳକ ଚମ୍ପୁଆ ଅଞ୍ଚଳର ଈଶ୍ୱରଚନ୍ଦ୍ର ଗିରିଙ୍କ ପୁଅ ରାଜେଶ କୁମାର ଗିରି ଗୁରୁତର ଆହତ ହୋଇଥିଲେ। ତାଙ୍କୁ କୁଆଖିଆ ପୁଲିସ ଉଦ୍ଧାର କରି ଧର୍ମଶାଳା ମେଡିକାଲକୁ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନାବାଳିକାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

ଭଦ୍ରକ/ବନ୍ତ/ଆଗରପଡ଼ା,୩।୧୧(ସମିସ): ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ବିଫଳ ହେବା ପରେ ଅଭିଯୁକ୍ତ ଜଣକ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଆଗରପଡ଼ା ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ଆଗରପଡା ଥାନାଧିକାରୀ ଦେବରାଜ ଜେନା ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଏକ ଧାନକ୍ଷେତରେ ଗୋଡାଇ ଗୋଡାଇ ଧରିବାରେ ସଫଳ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଆଗରପଡ଼ା ଥାନା ଅନ୍ତର୍ଗତ ଘଣ୍ଟଗଡ଼ିଆ ସ୍ଥିତ ସାହାଡ଼ଗଡ଼ିଆଠାରେ ୧୫ ବର୍ଷ ହେବ ଜଣେ ନାବାଳିକା ତାଙ୍କ ପରିବାର ସହ ରହୁଥିଲେ। ତାଙ୍କ ମୂଳ ଘର ମହୁଲଡିହା ଥାନା ଅନ୍ତର୍ଗତ ବାଲିଡିହା ଗାଁରେ। ସୋମବାର ସକାଳେ ସେ ଘର ନିକଟସ୍ଥ କେନାଲକୁ ଶୌଚ ହେବାକୁ ଯାଇଥିଲେ। ସେହି ସମୟରେ ସୋସୋ ଥାନା ଅଞ୍ଚଳର ଦୁଇ ଭାଇ କେନାଲରେ ମାଛ ଧରୁଥିଲେ। ନାବାଳିକାଙ୍କୁ ଏକୁଟିଆ ଦେଖି ସାନଭାଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା; ମାତ୍ର ନାବାଳିକା ଜଣକ ପ୍ରତିବାଦ କରିବା ସହ ଜୋରରେ ଚିତ୍କାର କରିଥିଲେ। ଯୁବକ ଜଣକ ଧରାପଡ଼ି ଯିବା ଭୟରେ ପାଖରେ ରଖିଥିବା ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଆଘାତ ପଳାଇବାକୁ ହେବାକୁ ଉଦ୍ୟମ କରିଥିଲା; ହେଲେ ତତକ୍ଷଣାତ ଥାନାଧିକାରୀ ଶ୍ରୀ ଜେନା ପହଞ୍ଚି ପ୍ରାୟ ୨ କି.ମି ଯାଏ ଗୋଡ଼ାଇ ଗୋଡ଼ାଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଥାନାଧିକାରୀ ଶ୍ରୀ ଜେନା ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛନ୍ତି। ପୀଡିତାଙ୍କ ମୁହଁ, ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଶବଗୃହରେ ଧୂପକାଠି ନିଆଁରେ ଜଳିଗଲା ମହିଳାଙ୍କ ମୃତଦେହ

ଭଦ୍ରକ/ବାସୁଦେବପୁର,୩।୧୧(ସମିସ): ସରକାରୀ ଡାକ୍ତରଖାନାରେ ଧୂପକାଠି ନିଆଁରେ ଜଳିଗଲା ଜଣେ ମହିଳାଙ୍କ ମୃତଦେହ। ହଠାତ୍ ଶବଗୃହ ହୁ ହୁ ହୋଇ ଜଳିଲା। ଧୂଆଁର ଆଚ୍ଛାଦିତ ହୋଇପଡିଲା ଶବ ଗୃହ। ଉପସ୍ଥିତ ଥିବା ସୁରକ୍ଷା କର୍ମୀ ତୁରନ୍ତ ଜ ପାଣି ଢାଳି ନିଆଁକୁ ଆୟତ୍ତ କରିଥିଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ବାସୁଦେବପୁର ବ୍ଲକ ଗୋପବନ୍ଧୁନଗର ପଞ୍ଚାୟତ ବୁଢୀଛକର କମଳାକାନ୍ତ ଡଗରାଙ୍କ ପତ୍ନୀ ଯଶୋଦା ଡଗରା ଗୋରୁ ଗୋଡେଇବାକୁ ଯାଇ ପାଣିରେ ପଡିଯାଇଥିଲେ। ପରେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପରିବାର ଲୋକ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହିଳାଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ଶବ ଗୃହରେ ରଖାଯାଇଥିଲା। ଶବ ଉପରେ ଏକ ଧଳା କପଡା ପକାଯାଇଥିଲା। ଶବ ନିକଟରେ ଧୂପ କାଠି ଲଗାଯାଇଥିଲା। ହେଲେ ଧୂପ କାଠିରୁ ନିଆଁ ଗଦି ଉପରେ ପଡି ନିଆଁ ଲାଗି ଗଦି ହୁ ହୁ ହୋଇ ଜଳିଗଲା। ଏପରିକି ଶବଗୃହରେ ଥିବା ଏୟାର କଣ୍ଡିସନର ଓ ବିଦ୍ୟୁତ୍ ସାମଗ୍ରୀ ମଧ୍ୟ ଜଳିଯାଇଛି।

## ବିଦ୍ୟାଳୟରେ ଶିକ୍ଷକ ଅଭାବ; ଜିଲ୍ଲାପାଳଙ୍କୁ ଅଭିଯୋଗ



ବାଲେଶ୍ୱର, ୩।୧୧(ସମିସ): ରେମୁଣା ବ୍ଲକ ଅର୍ନ୍ତଗତ ବେଗମପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ହେତୁ ଏବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ହେବାକୁ ବସିଛି। ଏଣୁ ଆଜି ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକ ଘୋର ଅଭାବ ନେଇ ବିଦ୍ୟାଳୟର ଏସଏମସି ସଭାନେତ୍ରୀ ତଥା ସମସ୍ତ ସଭ୍ୟ,ସଭ୍ୟାମାନେ ପୂର୍ବରୁ ଅଭିଯୋଗ ମଧ୍ୟ କରିଛନ୍ତି। ହେଲେ କିଛି କେହି ଶୁଣୁ ନାହାନ୍ତି। ଏଣୁ ବାଧ ହୋଇ ସେମାନେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ସେମାନେ ବିଇଓଙ୍କୁ ଜଣାଇଥିଲେ ସୁଦ୍ଧା ଏହି ସମସ୍ୟା ଶୀଘ୍ର ପୂରଣ ହେବ ବୋଲି କହିବା ସହ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ନ କରିବାକୁ ମଧ୍ୟ କହିଥିଲେ। ହେଲେ ବିଇଓ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନାହାନ୍ତି। ଫଳରେ ବାଧ ହୋଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବା ସହ ଉକ୍ତ ବିଦ୍ୟାଳୟରେ ଶୀଘ୍ର ଶିକ୍ଷକ ନିଯୁକ୍ତି କରାଇବାକୁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ମଞ୍ଜୁଲତା ବିନ୍ଧାଣୀ, କାଳୀଚରଣ ବିନ୍ଧାଣୀ, ପ୍ରଫୁଲ୍ଲ ସିଂ, ଅନ୍ନପୂର୍ଣ୍ଣା ପୋଥାଳ, ରାକେଶ ଘୋଷ, ପ୍ରମିଳା ସେଠୀ, ସୁଦାମ କୁମାର ସେଠୀ, ଅମର ସେଠୀ, ଗୋବିନ୍ଦ ଖିଲାର, ଗୌରୀମଣି ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମିନି ବ୍ୟାଙ୍କରେ ଦୁଇ କୋଟି ଟଙ୍କା ଠକେଇ

### ଜିଲ୍ଲାପାଳଙ୍କଠାରେ ଅଭିଯୋଗକଲେ ଆଦିବାସୀ

ବାଲେଶ୍ୱର, ୩।୧୧(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅର୍ନ୍ତଗତ ଦେଉଳା ଗ୍ରାମରେ ଥିବା ଏକ ମିନି ବ୍ୟାଙ୍କରେ ଟଙ୍କା ରଖି ଆଦିବାସୀ ଲୋକ ଠକାମୀର ଶିକାର ହୋଇଛନ୍ତି। ପାଖାପାଖି ଦୁଇ କୋଟି ଟଙ୍କା ଠକେଇ ହୋଇଥିବା ନେଇ ସେମାନେ ଜିଲ୍ଲାପାଳଙ୍କଠାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

ଦେଉଳା ଗ୍ରାମର ରଞ୍ଜନ କୁମାର ରଣା ଗ୍ରାମ ପଞ୍ଚାୟତ ସଂଲଗ୍ନ ଏକ ଅନାବାଦୀ ସ୍ଥାନରେ ଗୃହ ନିର୍ମାଣ କରି ଏକ ଅସ୍ଥାୟୀ ବ୍ୟାଙ୍କ ଖୋଲି ଅର୍ଥ ଦେଣନେଣ କରିଆସୁଛନ୍ତି। ଉକ୍ତ ବ୍ୟାଙ୍କ ବାଲିଆପାଳ ଏସ୍‌ବିଆଇର ଶାଖା ପରିଚାଳକ ଦାୟିତ୍ୱରେ ଥାଇ ଶ୍ରୀ ରଣା ଦୀର୍ଘ ୮ ବର୍ଷ ହେବ ଏହି କାରବାର କରିଆସୁଥିଲେ। ଅଂଚଳିକ ସ୍ତରରେ ଏକ ବ୍ୟାଙ୍କ ପ୍ରତିଷ୍ଠା ହେବା ଦ୍ୱାରା ଏହି ପଞ୍ଚାୟତର ଜନସାଧାରଣ ଉପକୃତ ହେବା ଲକ୍ଷ୍ୟରେ ବହୁ ଜମାକାରୀ ପୁରୁଷ ଓ ମହିଳା ଅର୍ଥ କାରବାର ସହିତ ସ୍ଥାୟୀ ଜମା ଆକାରରେ ଫିକ୍ସ ଡିପୋଜିଟ ମଧ୍ୟ କରିଛନ୍ତି। ବର୍ତ୍ତମାନ କେବଳ ଦୈନିକ ଅର୍ଥ ନେଣଦେଣ ବ୍ୟତିତ ସ୍ଥାୟୀ ଜମା ଓ ତାର ସୁଧ ସେମାନେ ପାଇ ପାରୁ ନାହାନ୍ତି। ଉକ୍ତ ସ୍ଥାୟୀ ଜମା ପାଖାପାଖି ଦୁଇ କୋଟିରୁ ଅଧିକ ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏପରିକି ଏହି ସବୁ ଟଙ୍କା ଶ୍ରୀ ରଣା ଆତ୍ମସାତ କରିଥିବା



ନେଇ ସେମାନେ ସନ୍ଦେହ କରୁଛନ୍ତି। ବନ୍ଦର ହେବାକୁ ଥିବା ଟାଟା କମ୍ପାନୀଙ୍କ ଦ୍ୱାରା ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମୟରେ ଗରିବ ଆଦିବାସୀଙ୍କ ସହ ଶତାଧିକ ଲୋକେ ପାଇଥିବା ଟଙ୍କା ଉକ୍ତ ମିନି ବ୍ୟାଙ୍କରେ ରଖିଥିଲେ। ଠକେଇର ଶିକାର ହେବା ନେଇ ସେମାନେ ବାଲିଆପାଳ ଥାନାରେ ଅଭିଯୋଗ କରିଛନ୍ତି। ଏଣୁ ଏହି ଘଟଣାରେ ଜିଲ୍ଲା ପ୍ରଶାସନ ସଠିକ ଭାବେ ତଦନ୍ତ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଠକାମୀରେ ଶିକାର ହୋଇଥିବା ବ୍ୟକ୍ତିମାନେ ଦାବି କରିଛନ୍ତି। ଏହି ଦାବିପତ୍ର ବେଳେ ଝାଡେଶ୍ୱର ମଲ୍ଲିକ, ଫୁଲମଣି ସୋରେନ, ସୁଶିଳା ବେଶ୍ରା, ଫୁଲ ଟୁଡୁ, ରାମ ଟୁଡୁ, ବସନ୍ତ କିସ୍କୁ, ରୁହୀ ହେମ୍ବ୍ରମ, ସାକାଲା ମାର୍ଣ୍ଡି, ଅନ୍ନପୂର୍ଣ୍ଣା ଟୁଡୁ, ମାଳତୀ ମାର୍ଣ୍ଡି, ବସନ୍ତ ମୁର୍ମୁ, ମଙ୍ଗଳୀ କିସ୍କୁ, ଗଣେଶ ଟୁଡୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗୋ-ମାଫିଆଙ୍କ ଉତ୍ପାତ: ଟେର୍ ପାଉନି ପୁଲିସ; ଧରୁଛି ବନ ବିଭାଗ


ତୁରୁମୁଙ୍ଗା, ୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଓ ସାହାରପଡ଼ା ଫାଣ୍ଡି ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥରେ ଏବେ ଗୋ-ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି। ଥାନା ପଛପଟ ରାସ୍ତା ଓ ଫାଣ୍ଡି ସମ୍ମୁଖ ଦେଇ ଦୈନିକ ରାତି ଶହ ଶହ ଗୋରୁଙ୍କୁ ଗାଡ଼ି ଭିତରେ ଅତି ଦୟନୀୟ ଭାବରେ ବାନ୍ଧି କରି ଚାଲାଣ କରଯାଉଥିଲେ ମଧ୍ୟ ଗୋ-



ମାଫିଆଙ୍କ ଟେର୍ ପାଇ ପାରୁନାହିଁ ପାଟଣା ପୁଲିସ। ରବିବାର ବିଳମ୍ବିତ ରାତିରେ ଡବ୍ଲୁବି ୧୩୫୫୭୬ ନମ୍ବର ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ୍‌କୁ କାଠ ଗାଡ଼ି ଭାବି ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ଏବଂ ବନ କର୍ମଚାରୀ ଗୋଡ଼ାଇ ଗୋଡ଼ାଇ ହଳଦୀବଟା ନିକଟରୁ ଧରି ପୁଲିସର ଜିମା ଦେଇଛନ୍ତି। ଅନ୍ଧାରର ସୁଯୋଗ ନେଇ ମାଫିଆମାନେ ଗାଡିକୁ ଛାଡି ଫେରାର ହୋଇ ଯାଇଥିବା ବେଳେ ଗାଡି ଭିତରୁ ୭ ଗୋରୁ ଉଦ୍ଧାର କରି ଝାରବେଲଦା ଗୋଶାଳାରେ ଛାଡିଛି ପୁଲିସ। ସୂଚନାଯୋଗ୍ୟ, ପୂର୍ବରୁ ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ଥାନା ଦେଇ ଗୋ-ଚାଲାଣ ହେଉଥିବା ବେଳେ ତୁରୁମୁଙ୍ଗା ପୁଲିସର ଧରପଗଡ଼ ଯୋଗୁଁ ଗୋରୁ ମାଫିଆମାନେ ରାସ୍ତା ବଦଳାଇ ଢେଙ୍କିକୋଟ ପଟରୁ ପାଟଣା ଓ ସାହାରପଡା ଦେଇ କରଞ୍ଜିଆ ଦେଇ କଲିକତା ଅଞ୍ଚଳକୁ ଚୋରାଚାଲାଣ କରିବାରେ ସକ୍ଷମ ହେଉଥିଲେ। ଏବେ ପାଟଣା ପୁଲିସ ମାଫିଆଙ୍କୁ ଧରିବା ରେ ସକ୍ଷମ ହୋଇ ପାରୁନାହିଁ।

## ଆହତ ହାତୀର ଚିକିତ୍ସା ଆରମ୍ଭ

କେନ୍ଦୁଝର/ତେଲକୋଇ, ୩।୧୧(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ଅଧୀନ ବିମଳା ଜଙ୍ଗଲରେ ଗୁରୁତର ଆହତ ହୋଇ ପଡ଼ିଥିବା ଏକ ମାଖନା ହାତୀ ଚିକିତ୍ସା ବନ ବିଭାଗ ଆରମ୍ଭ କରିଛି। ୩୪ ଟିକିଆ ହାତୀପଲଙ୍କ ମଧ୍ୟରେ ଥିବା ୬ଟି ଦନ୍ତାହାତୀଙ୍କ ମଧ୍ୟରେ ମାଡ଼ଗୋଳ ସମୟରେ ଏକ ମାଖନା ହାତୀ ଗୁରୁତର ଆହତ ହୋଇଥିଲା। ସେ ସମୟରେ ଦନ୍ତାହାତୀଙ୍କ ଦାନ୍ତ ଏହି ହାତୀ ଦେହରେ ପଶି ଯାଇ ଦେହସାରା ପୁଜ ଜମି ଯାଇଥିଲା। ଏବେ କିଛି ଦିନ ପୂର୍ବରୁ ପୁନର୍ବାର ଏଭଳି ମାଡ଼ଗୋଳ ହୋଇ ଏହି ମାଖନା ହାତୀ ଅଧିକ ଗୁରୁତର ହୋଇଛି। ଗୁରୁତର ହାତୀର ଶରୀର ଫୁଲିଯାଇଛି। ଧୀରେ ଧୀରେ ଚାଲୁଥିବା ଲକ୍ଷ୍ୟ କରି ବନ ବିଭାଗ ଏହି ହାତୀର ଚିକିତ୍ସା ଆରମ୍ଭ କରିଛି। ଏହି ହାତୀକୁ ଡ଼ାର୍ଟ ଦ୍ୱାରା ଆଣ୍ଟିବାୟୋଟିକ୍ ଭଳି ଔଷଧ ପ୍ରୟୋଗ କରାଯାଇଥିବା ପ୍ରକାଶ କରିଛନ୍ତି ଡିଏଫଓ। ହାତୀ ଉପରେ ଔଷଧ ପ୍ରଭାବ ଲକ୍ଷ୍ୟ କରି ପରବର୍ତ୍ତୀ ସମୟରେ ହାତୀର କିଭଳି ଅଧିକ ଚିକିତ୍ସା କରାଯିବ, ତାହା ସ୍ଥିର କରାଯିବ ବୋଲି କହିଛନ୍ତି ଡିଏଫଓ।



### ପୋତିହୋଇଗଲାଣି ବେଙ୍ଗାନାଳ

## ଶିଳାନ୍ୟାସ ହୋଇଛି; ଖନନ ହେଉନି

କୟାଁଗୋଲା,୩।୧୧(ସମିସ): ଏକଦା ଦଶରଥପୁର ବ୍ଲକର ଚାଷୀଭାଇଙ୍କ ଜୀବନରେଖା ସାଜିଥିବା ବେଙ୍ଗା ନାଳ ଏବେ ଦୁଃଖ ପାଲଟିଛି। ପୁନରୁଦ୍ଧାର ନାଁରେ ଟଙ୍କା ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା; ମାତ୍ର ନାଳ ଅବସ୍ଥା ସୁଧୁରିବା ପରିବର୍ତ୍ତେ



ଅଧିକରୁ ଅଧିକ ବ୍ୟବହାର ଅନୁପଯୋଗୀ ହୋଇପଡୁଛି। ରାଜନେତା ଓ ଚାଷୀ ବିଭିନ୍ନ ସମୟରେ ଜନପ୍ରତିନିଧିଙ୍କୁ ଭେଟି ପ୍ରତିକାର ପାଇଁ ଅବଗତ କରୁଛନ୍ତି। ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ମିଳୁଛି। ମାତ୍ର ବାସ୍ତବରେ ନାଳ ପୂର୍ବ ଭଳି ପଡିରହିଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ବିଗତ କିଛି ବର୍ଷ ତଳେ ଏହି ନାଳର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଫଳକ ଲାଗିବା ପରେ ର'ଠ'ରେ ନାଁକୁ ମାତ୍ର ଦଳ ସଫା ହେଲା। ମାତ୍ର ନାଳ ଖନନ କି ସଫେଇ ଠିକଣା ଭାବେ ହେଲାନି। ଫଳରେ ଦିନକୁ ଦିନ ଦଳରେ ଭର୍ତ୍ତି ହୋଇ ବେଙ୍ଗାନାଳ ପୋତିହୋଇଗଲା। ଏବେ ବେଙ୍ଗା ନାଳ ଚାଷୀଙ୍କ କାମରେ ଲାଗୁନି। କେଉଁଠି ପୋତି ହୋଇଗଲାଣି ତ ଅନ୍ୟ କେଉଁଠି ଜବର ଦଖଲ ଯୋଗୁଁ ଉପର ମୁଣ୍ଡରୁ ପାଣି ଆସିବାରେ ବାଧକ ସାଜିଛି। ନାଗ ଫେଣି ଓ କଲକଟି ଦଳରେ ନାଳ ଭର୍ତ୍ତି। ପୂର୍ବେ ଏହି ନାଳ ଉପରେ ନିର୍ଭର କରି ଚାଷୀ ପାରମ୍ପରିକ ଧାନ ଫସଲ ସହ ପନିପରିବା ଚାଷ କରି ଗୁଜୁରାଣ ମେଣ୍ଟାଉଥିଲା। ଏହା ସହିତ ଗାଧୁଆପାଧୁଆ, ବାସନ କୁସନ ମଜା, ଗୃହପାଳିତ ପଶୁ ପାଣି ପିଇବାର ମାଧ୍ୟମ ଥିଲା। ଏହା ସହିତ ଏଠାରେ ମଧ୍ୟ ପ୍ରଚୁର ମାଛ ଧରା ଚାଉଥିଲା। ରୋହି, ଭାକୁର, ଶେଉଳ, କରାଣ୍ଡି, କଣ୍ଟିଆ ମାଛ ଧରି ବହୁ ଲୋକ ଉପକୃତ ହେଉଥିଲେ। ଏବେ ସବୁ ବନ୍ଦ। ଦଳ ଭର୍ତ୍ତି ଓ କେତେକ ଜାଗାରେ ପାଣି ନଥିବାରୁ ଜମିକୁ ଜଳସେଚିତ କରାଯାଇପାରୁନାହିଁ। ମାଛ ମିଳୁନି କି ଗୃହପାଳିତ ପଶୁ ଏହାର ଜଳ ବ୍ୟବହାର କରିପାରୁନାହାଁନ୍ତି। ଅଞ୍ଚଳବାସୀ ବ୍ୟବହାର କରିବା ଦଶନ୍ଧି ଦଶନ୍ଧି ଧରି ଏକ ପ୍ରକାର ଭୁଲିଗଲେଣି। ସୁନ୍ଦରୀମୁଁହଠାରୁ ବାହାରି କୁସୁନପୁର ସଫେଇ ନଦୀରେ ମିଶିଥିବା ଏହି ବେଙ୍ଗାନାଳ ଏବେ ଲୋକଙ୍କ ପାଇଁ ଦୁଃଖର କାରଣ ପାଲଟିଛି। ତେବେ ବେଙ୍ଗା ନାଳର ପୂର୍ବାବସ୍ଥା ଫେରି ଆସିଲେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି।

## ଗଞ୍ଜେଇ ଚୋରା ଚାଲାଣର ଭୂସ୍ୱର୍ଗ ପାଲଟିଛି ମୟୂରଭଞ୍ଜ

### ୧୦ ମାସରେ ୧୧ କ୍ୱିଣ୍ଟାଲ ଜବତ, ୧୩୦ ଗିରଫ

ବାରିପଦା,୩।୧୧(ସମିସ): ଗଞ୍ଜେଇ ଚୋରା ଚାଲାଣର ଭୂସ୍ୱର୍ଗ ପାଲଟିଛି ମୟୂରଭଞ୍ଜ। ଦିନକୁ ଦିନ ଏହି ବେଆଇନ କାରବାର ବୃଦ୍ଧି ପାଉଥିବା ବେଳେ ଅବକାରୀ ଓ ପୁଲିସ ବିଭାଗ ପକ୍ଷରୁ ଚଢଉ ବି ଜାରି ରହିଛି। ତେବେ ଏହି କାରବାରରେ ଅଙ୍କୁଶ ଆସିବା ପରିବର୍ତ୍ତେ ବଢିବାରେ ଲାଗିଛି। ଚଳିତ ବର୍ଷ ୧୦ ମାସରେ ୧୧ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯିବା ସହିତ ୧୩୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ମାଫିଆମାନେ ଧରାନପଡିବା ପାଇଁ ଦିନକୁ ଦିନ ନୂଆ ନୂଆ ଉପାୟରେ ନାମୀଦାମୀ ଗାଡ଼ିରେ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରୁଛନ୍ତି। ମୟୂରଭଞ୍ଜ ଜିଲ୍ଲା ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟର ସୀମାନ୍ତ ହୋଇଥିବା ବେଳେ ଆନ୍ତଃରାଜ୍ୟ ମାଫିଆ ଜିଲ୍ଲାକୁ ସେମାନଙ୍କ ଚୋରାକାରାବାର ହବ୍ ଭାବରେ ବାଛି ନେଲେଣି। ବିଭିନ୍ନ ସ୍ଥାନରେ ପୁଲିସ, ଅବକାରୀ ଓ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ଚଢଉ କରି ଧରପଗଡ କରିବା ପରେ ଚୋରାଚାଲାଣ ସତ୍ତ୍ୱେ ଅଙ୍କୁଶ ଲାଗୁନି। ଗତ ବୁଧବାର ରାଜ୍ୟ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ କେନ୍ଦୁଝରଠାରୁ ଗୋଡାଇ ଗୋଡାଇ



କରଞ୍ଜିଆରେ ଏକ ସରକାରୀ ସାଇନବୋର୍ଡ ଲଗାଇ ଗଞ୍ଜେଇ ଚୋରାଚାଲାଣ କରୁଥିବା କାରକୁ ଧରିଥିଲେ। କେବଳ ଚଳିତ ବର୍ଷ ଏନଡିପିଏସରେ ୧୯ଟି ମାମଲାରେ ୩୦ ଜଣକୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ୫କୁଇଣ୍ଟାଲ ୨୬କିଲୋ ୯୯୦ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା ବେଳେ ଏହାର ମୂଲ୍ୟ ପାଖାପାଖି ୫୦ଲକ୍ଷ ହେବ। ଅପରପକ୍ଷରେ ଅବକାରୀ ବିଭାଗର ଚଳିତ ବର୍ଷ ୨ କୁଇଣ୍ଟାଲ ୮୧କିଲୋ ୮୫ଗ୍ରାମ ଗଞ୍ଜେଇ ଜବତ୍ କରି ୧୦୩ ମାମଲା ରୁଜୁ କରିଥିବା ବେଳେ ୧୦୦ ଜଣକୁ ମଧ୍ୟ ଗିରଫ କରିଛି। ବୈଶିଙ୍ଗା, ବେତନଟୀ, ବାରିପଦା ଟାଉନ, କୁଳିଅଣା, ବାରିପଦା ସଦର, ରରୁଆଁ, କରଞ୍ଜିଆ, ଯଶିପୁର, ବିଶୋଇ, ବାଙ୍ଗିରିପୋଷି ଓ ଝାରପୋଖରିଆ ପୁଲିସ ଜାତୀୟ ରାଜପଥରୁ ଗଞ୍ଜେଇ ଗାଡିକୁ ଧରିବାରେ ସଫଳତା ପାଇଛି। ମାଫିଆମାନେ ସାଧାରଣତଃ କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନୂଆପଡା, ଫୁଲବାଣୀ ଓ ବୌଦ୍ଧ ଆଦି ଜିଲ୍ଲାରୁ ଗଞ୍ଜେଇ ଚୋରାରେ ଆଣି ମୟୂରଭଞ୍ଜର ଉପରୋକ୍ତ ଜାତୀୟରାଜପଥରେ ଚୋରାଚାଲାଣ କରୁଛନ୍ତି। ତେବେ ଗଞ୍ଜେଇ ମାଫିଆମାନେ ଧରାନପଡିବା ପାଇଁ ନୂଆ ଉପାୟ ଅବଲମ୍ବନ କରୁଥିବା ବେଳେ ଅବକାରୀ ଓ ପୁଲିସ ବିଭାଗ ସହିତ ରାଜ୍ୟର ସ୍ୱତନ୍ତ୍ର ଏନସିବି ଟିମ୍ ସାଟେଲାଇଟ ଜରିଆରେ ସେମାନଙ୍କ ଯୋଜନା ପଣ୍ଡ କରୁଛନ୍ତି। ଆଗକୁ ଜିଲ୍ଲାରେ ଅବାଧ ଗଞ୍ଜେଇ କାରବାର ବ୍ୟାହତ ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ଅବକାରୀ ଏସପି ପ୍ରଶାନ୍ତ କହଁର ପ୍ରକାଶ କରିଛନ୍ତି। ଏନେଇ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି କହିଛନ୍ତି ଯେ ଜିଲ୍ଲାରେ କୌଣସି ପ୍ରକାରେ ଅପରାଧୀଙ୍କୁ ପ୍ରଶୟ ଦିଆଯିବ ନାହିଁ। ଅପରାଧୀମାନେ ଅପରାଧ ଘଟାଇବା ପୂର୍ବରୁ ପୁଲିସ ଖବର ପାଇ ଆବଶ୍ୟକ ସ୍ଥଳେ ଗିରଫ କରାଯାଉଛି। ତେବେ ଏହି ଧାରା ଜାରି ରହିବ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମହିଳାମାନେ ଘରକାମରେ ସମୟ ବିତାଇବେ।

**ବୃଷ:** ଦୂରଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହରେ ସମସ୍ୟା ଆସିପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ମାନସମ୍ମାନ ବୃଦ୍ଧି ପାଇବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।


**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଦିନରେ

- ୧୯୨୯ - ମାନବ କମ୍ପ୍ୟୁଟର ଶକୁନ୍ତଳା ଦେବୀଙ୍କ ଜନ୍ମ।
- ୧୯୪୭ - ମେଜର ସୋମନାଥ ଶର୍ମାଙ୍କୁ ମରଣୋତ୍ତର ପରମବୀର ଚକ୍ର ପ୍ରଦାନ କରାଗଲା।
- ୧୯୫୪ - ଦାର୍ଜିଲିଂରେ ହିମାଳୟ ପର୍ବତାରୋହଣ ସଂସ୍ଥାନର ସ୍ଥାପନା।
- ୨୦୦୮ - ଆମେରିକାର ରାଷ୍ଟ୍ରପତି ହେଲେ ବାରାକ୍ ଓବାମା।
- ୨୦୧୫ - ପାକିସ୍ତାନର ଲାହୋରରେ ଏକ କୋଠା ଭୁଶୁଡ଼ି ୪୫ ଜଣଙ୍କ ମୃତ୍ୟୁ ଓ ପାଖାପାଖି ୧୦୦ ଜଣ ଆହତ ହୋଇଥିଲେ।



## 'ରାମାୟଣ' ବିଭୀଷଣ ଭୂମିକାରେ ବିବେକ

ବଲିଉଡ୍‌ରେ ଏବେ ଫିଲ୍ମର କାହାଣୀ ଅପେକ୍ଷା ଏହାର ବଜେଟ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ନୀତେଶ ତିୱାରୀଙ୍କ ଫିଲ୍ମ 'ରାମାୟଣ' ସମସ୍ତଙ୍କୁ ପଛରେ ପକାଇ ଦେଇଛି। ୪୦୦୦ କୋଟି ବ୍ୟୟରେ ନିର୍ମିତ ଏହି ଫିଲ୍ମ ଦୁଇଟି ପାର୍ଟରେ ଆସିବ। ଫିଲ୍ମର ବଜେଟ୍ ସହ ଏହାର କଳାକାରଙ୍କୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ରଣବୀର କପୁର, ସାଇପଲ୍ଲବୀ ଓ ୟଶ୍‌ଙ୍କ ବ୍ୟତୀତ ଏଥିରେ କାମ କରୁଥିବା ଅନ୍ୟ ଜଣେ କଳାକାରଙ୍କୁ ନେଇ ଚର୍ଚ୍ଚା ହେଉଛି। ଏହି ଫିଲ୍ମରେ ବିବେକ ଓବରୟ ବିଭୀଷଣ ଭୂମିକାରେ ନଜର ଆସିବେ। ସବୁଠୁ ବଡ଼ କଥା ହେଉଛି, ବିବେକ ଏହି ଫିଲ୍ମ ପାଇଁ ଟଙ୍କାଟିଏ ମଧ୍ୟ ନେବେ ନାହିଁ। ନିକଟରେ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ବିବେକ କହିଛନ୍ତି ଯେ, 'ରାମାୟଣ'ର ପ୍ରଯୋଜକ ନମିତ ମଲହୋତ୍ରାଙ୍କୁ ସେ କୌଣସି ପାରିଶ୍ରମିକ ନେବେ ନାହିଁ ବୋଲି କହିଥିଲେ। ଏହାସହ ସେ ତାଙ୍କର ପାରିଶ୍ରମିକ ବାବଦରେ ମିଳିବାକୁ ଥିବା ସମସ୍ତ ଅର୍ଥ କ୍ୟାନ୍ସର ପୀଡ଼ିତ ପିଲାଙ୍କ ପାଇଁ ଦାନ କରିବାକୁ ନମିତଙ୍କୁ କହିଛନ୍ତି। ବିବେକ ଆହୁରି ମଧ୍ୟ କହିଛନ୍ତି, ''ରାମାୟଣ' ଭାରତୀୟ ସିନେମାକୁ ଅନ୍ତର୍ଜାତୀୟ ସ୍ତରକୁ ନେଇଯିବ। ଏଥିରେ କାମ କରି ବେଶ୍ ଭଲ ଲାଗିଲା।' 'ରାମାୟଣ' ର ଦୁଇଟି ପାର୍ଟ ୨୦୨୬ ଓ ୨୦୨୭ ଦୀପାବଳିରେ ଆସିବ।



## ସର୍ଫିଂରେ ବିଶ୍ୱ ରେକର୍ଡ

ସର୍ଫିଂ ଏକ ଦୁଃସାହିକ କ୍ରୀଡ଼ା ଭାବେ ଜଣାଯାଏ। ଏଥିରେ ଏକ ବୋର୍ଡ ଉପରେ ଛିଡ଼ା ହୋଇ ଲହଡ଼ିକୁ ଅତିକ୍ରମ କରିବାକୁ ହୋଇଥାଏ। ଏହା ହେଉଛି ଏକ ଆନନ୍ଦଦାୟକ ଜଳକ୍ରୀଡ଼ା। ଏଥିପାଇଁ ଜଳ ସହିତ ପବନର ମଧ୍ୟ ଆବଶ୍ୟକତା ରହିଛି। ପାଣି ଭିତରେ ପବନର ବେଗ ଯେତେ ବୃଦ୍ଧି ପାଇବ ସର୍ଫିଂ କରିବାର ମଜା ସେତେ ବଢ଼ିଥାଏ। ଅବଶ୍ୟ ସର୍ଫିଂ ନିର୍ଦ୍ଦିଷ୍ଟ କେତେ ସମୟ ପାଇଁ ହିଁ କରାଯାଇଥାଏ। କାରଣ ଏଥିରେ ବିପଦ ମଧ୍ୟ ଥାଏ। ନିକଟରେ ଅଷ୍ଟ୍ରିଆର ଜଣେ ବ୍ୟକ୍ତି ଅବିରତ ଆଠ ଘଣ୍ଟା ଧରି ସର୍ଫିଂ କରି ବିଶ୍ୱ ରେକର୍ଡ କରିଛନ୍ତି। ମ୍ୟାକ୍ସିମିଲିୟନ ନ୍ୟୁବକ୍ ନାମକ ବ୍ୟକ୍ତି ଏପରି ଦୁଃସାହିକ କାର୍ଯ୍ୟ କରି ଦେଖାଇଛନ୍ତି। ନ୍ୟୁବକ୍ ୮ ଘଣ୍ଟା ୫ ମିନିଟ୍ ୪୪ ସେକେଣ୍ଡ ପର୍ଯ୍ୟନ୍ତ ସର୍ଫିଂ କରିଥିଲେ। ଅଧିକ ସମୟ ଧରି ସର୍ଫିଂ କରିଥିବା ପୁରୁଷ ହିସାବରେ ତାଙ୍କ ନାମ ଗିନିଜ୍ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। ଅତ୍ୟଧିକ ଥଣ୍ଡା ପରିବେଶରେ ବି ସେ ତାଙ୍କର ସର୍ଫିଂ ଜାରି ରଖିଥିଲେ। ଆଠଘଣ୍ଟା ପରେ ସେ କୂଳକୁ ଫେରିଥିଲେ।

## ସମୁଦ୍ରରୁ ପ୍ଲାଷ୍ଟିକ୍ କଣିକା ସଫା କରିବ ମାଛ

ପ୍ଲାଷ୍ଟିକ୍ ପ୍ରଦୂଷଣ ଏବେ ବୈଶ୍ୱିକସ୍ତରରେ ଚିନ୍ତା ବଢ଼ାଉଛି। ସମୁଦ୍ରରେ ଲୋକେ ପ୍ରତିଦିନ କୁଢ଼ କୁଢ଼ ପ୍ଲାଷ୍ଟିକ୍ ଫିଙ୍ଗୁଛନ୍ତି। ସମୁଦ୍ରର ପ୍ଲାଷ୍ଟିକ୍ ଆବର୍ଜନାକୁ ମୁକ୍ତ କରିବାକୁ ଚୀନ୍, ସିଚୁଆନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ମାଛ ବିକଶିତ କରିଛନ୍ତି। ଏହି ମାଛଟି ପ୍ରକୃତରେ ଏକ ରୋବଟ୍ ମାଛ। ସ୍ୱୟଂଚାଳିତ ଏହି ରୋବଟ୍ ମାଛଟି ସମୁଦ୍ର ପାଣିରେ ଭାସି ଭାସି ତା'ର ଶରୀରରେ କ୍ଷୁଦ୍ର ପ୍ଲାଷ୍ଟିକ୍ କଣିକାକୁ ଶୋଷିନେବ। ମାଛଟି ମାତ୍ର ୧୩ ମିଲିମିଟର ଲମ୍ବା। ଏହା ତା'ର ଲାଞ୍ଜରେ ଲଗାଯାଇଥିବା ଲେଜର ପ୍ରଣାଳୀ ସାହାଯ୍ୟରେ ପାଖାପାଖି ୩୦ ମିଲିମିଟର ପ୍ରତି ସେକେଣ୍ଡ ଗତିରେ ପହଁରିପାରେ। ରୋବୋଟ୍ ମାଛକୁ ଏପରି ତିଆରି କରାଯାଇଛି ଯେ, ଏହା ୫ କେଜି ଓଜନର ଜିନିଷକୁ ବି ଟାଣିପାରେ। ବୈଜ୍ଞାନିକଙ୍କ କହିବାନୁସାରେ, ଏହି ମାଛଟି ଭବିଷ୍ୟତରେ ସମୁଦ୍ରଗୁଡ଼ିକରୁ ମାଇକ୍ରୋପ୍ଲାଷ୍ଟିକ୍‌କୁ ସହଜରେ ସଫା କରିପାରିବ। ଯଦି ପାଣି ଭିତରେ ଏହି ରୋବଟ୍ ମାଛଟି କୌଣସି କାରଣବଶତଃ କ୍ଷତିଗ୍ରସ୍ତ ହୁଏ ତାହେଲେ ଏହା ନିଜକୁ ଠିକ୍ ମଧ୍ୟ କରିପାରିବ। ବର୍ତ୍ତମାନ ଏହା ପ୍ରାରମ୍ଭିକ ସ୍ତରରେ ଅଛି। ଏହା ପ୍ରସ୍ତୁତ ହେବା ପରେ ରୋବଟ୍ ମାଛକୁ ସାଗର ଓ ମହାସାଗରରୁ ମାଇକ୍ରୋପ୍ଲାଷ୍ଟିକ୍ ସଫା କରିବାକୁ ବ୍ୟବହାର କରାଯାଇପାରିବ।



## ଲ୍ୟାଣ୍ଡରୋଭର ଗାଁ

ପ୍ରତ୍ୟେକ ଗାଁ'ର ପରମ୍ପରା ଓ ସଂସ୍କୃତି ଭିନ୍ନ ଭିନ୍ନ ହୋଇଥାଏ। ତନ୍ମଧ୍ୟରୁ କିଛି ଗାଁ ନିଜର ସ୍ୱତନ୍ତ୍ରତା ପାଇଁ ପ୍ରସିଦ୍ଧି ଲାଭ କରିଥାଏ। ଏମିତି ଏକ ଗାଁ ହେଉଛି ପଶ୍ଚିମବଙ୍ଗର ମାନେଭଜ୍ୟାଙ୍ଗ। ଏହି ଗାଁଟି ଭାରତ ଓ ନେପାଳ ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଏହା ଦାର୍ଜିଲିଂରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ମାନେଭଜ୍ୟାଙ୍ଗ ଗାଁର ସ୍ୱତନ୍ତ୍ରତା ହେଉଛି ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ହେବ ଏଠାକାର ଲୋକଙ୍କ ଜୀବନରେ ଲ୍ୟାଣ୍ଡରୋଭର ଏକ ଅଂଶ ପାଲଟିଯାଇଛି। ଏଠାକାର ଲୋକେ ଟ୍ୟାକ୍ସି ଭଳି ଏହାକୁ ବ୍ୟବହାର କରନ୍ତି। ଗାଁର ପ୍ରତ୍ୟେକ ଘର ସମ୍ମୁଖରେ ଏହି ଗାଡ଼ି ଠିଆ ହୋଇଥିବାର ଦେଖିବାକୁ ମିଳିବ। ବ୍ରିଟିଶ ଶାସନ ସମୟରେ ଇଂରେଜମାନେ ଏହି ଗାଡ଼ି ଏଠାକୁ ଆଣିଥିଲେ। ଦେଶ ସ୍ୱାଧୀନ ହେବା ପରେ ଇଂରେଜମାନେ ଏହି ଗାଡ଼ିଗୁଡ଼ିକୁ ସ୍ଥାନୀୟ ଲୋକଙ୍କୁ ଦେଇ ଯାଇଥିଲେ। ଅପରପକ୍ଷରେ ଏହି ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ଏଠାରେ ଆଧୁନିକ ଯାନବାହନ ଚଳାଚଳ ସମ୍ଭବ ନୁହେଁ। ତେଣୁ ପାହାଡ଼ିଆ ରାସ୍ତା ପାଇଁ ଲ୍ୟାଣ୍ଡରୋଭର ବାହନ ଏକ ସାଧନ। ଯଦି ଏବେ ଏହି ଗାଡ଼ିଗୁଡ଼ିକୁ ନିଲାମ କରାଯାଏ ଏହା ଲକ୍ଷାଧିକ ଟଙ୍କାରେ ବିକ୍ରି କରାଯାଇପାରିବ। ଏହା ଆଜି ବି ସ୍ଥାନୀୟ ଲୋକଙ୍କର ସଂସ୍କୃତି ଏବଂ ଅର୍ଥବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ।






## ଆଳୁର ସହଫସଲ

**ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଧାନ ଚାଷ ସହିତ ପନିପରିବା ଯଥା ଆଳୁ ଚାଷ କରୁଛନ୍ତି। ଆଳୁ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଅଧିକ ଉର୍ବରଯୁକ୍ତ ମାଟିରେ ଏହି ଚାଷ ଭଲ ହୋଇଥାଏ। ଅଧୁନା ଚାଷୀଭାଇମାନେ ଆଳୁ ଫସଲ ସହିତ ସହଫସଲ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ସେମାନଙ୍କ ଆୟ ଦ୍ୱିଗୁଣିତ ହୋଇ ପାରୁଛି।**



ଚାଷୀମାନେ ଆଳୁ ସହିତ ମୂଳା, ଗାଜର, ଶାଗ, ଶାଲଗମ ଆଦି ଚାଷ କରୁଛନ୍ତି। ଏଥିପାଇଁ ପ୍ରଥମେ ଜମିକୁ ତିନିରୁ ଚାରିଥର ଗଭୀର ଚାଷ କରାଯାଏ। ଏହାପରେ ସିଆର କରି ଖତ ଓ ରାସାୟନିକ ସାର ଦେଇ ଆଳୁ ଲଗାଯାଏ। ସମାନ ସମୟରେ ସଠିକ ଦୂରତ୍ୱ ଏବଂ ଗଭୀର ଅବଲମ୍ବନ କରି ମୂଳା, ଗାଜର ଓ ଶାଗ ଆଦି ଲଗାଇ ପାରିବେ। ଏହି ଫସଲ ଆଳୁ ଫସଲକୁ ପ୍ରଭାବିତ କରେ ନାହିଁ।

**ଆଳୁ ପଟାଳିରେ ଧନିଆ ଚାଷ:** ଆଳୁ ପଟାଳି ଚାରିପାଖରେ ଧନିଆ ଲଗାଇବା ଉତ୍ତମ ବିକଳ୍ପ। ଧନିଆ ପତ୍ର ଓ ମଞ୍ଜି ବିକ୍ରି କରି ଚାଷୀ ଲାଭ ପାଆନ୍ତି। ପଟାଳିରେ ଧନିଆ ଲଗାଇଲେ ଏହାର ସୁଗନ୍ଧରେ ବୁଲା ପ୍ରାଣୀଙ୍କ କବଳରୁ ଫସଲକୁ ସୁରକ୍ଷା ମିଳିପାରେ। ଏହା ପ୍ରାକୃତିକ ବାଡ଼ ପରି କାମ କରେ। ଶ୍ରମ ଲାଘବ ସହିତ ଖର୍ଚ୍ଚ କମ୍ ହୁଏ।

ଏହି ପଦ୍ଧତିରେ ଚାଷ କରିବା ଦ୍ୱାରା ମାଟିର ଉର୍ବରଶକ୍ତି ବଢ଼େ। ମୂଳା, ଗାଜର ଏବଂ ଶାଗ ଚାଷ ଦ୍ୱାରା ମାଟିରେ ବାୟୁଚଳାଚଳ ସହଜ ହୋଇପାରେ। ଧନିଆଗଛ ମାଟିର ପୋଷକତତ୍ତ୍ୱ ଉପଯୋଗରେ ବିବିଧତା ଆଣେ। ମାଟିର ଉର୍ବରତା ବଜାୟ ରହେ। ସହଫସଲ ଫସଲ ବୀମା ପରି ସାହାଯ୍ୟ କରେ। କୌଣସି କାରଣବଶତଃ ଆଳୁ ଫସଲ ନଷ୍ଟ ହେଲେ, ଚାଷୀ ମୂଳା, ଗାଜର ଏବଂ ଧଣିଆ ବିକ୍ରି କରି ଲାଭ ପାଇପାରନ୍ତି।



## ବାଦାମ ଅମଳଯନ୍ତ୍ର

ବାଦାମ ଏକ ଅର୍ଥକରୀ ଫସଲ। ଅଧିକାଂଶ ଚାଷୀ ପନିପରିବା ସହିତ ବାଦାମ ଚାଷ କରିଥାନ୍ତି। ଯେଉଁମାନେ ଖରିଫ ଋତୁରେ ବାଦାମ ଚାଷ କରିଥିଲେ, ଏବେ ବାଦାମର ଅମଳ ସମୟ। ତେବେ ବାଦାମ ଚାଷରେ ସବୁଠୁ କଠିନ କାମ ହେଉଛି, ଗଛରୁ ମଞ୍ଜିକୁ ଅଲଗା କରିବା। ଏହି କାମ ମୁଖ୍ୟତଃ ଚାଷୀମାନେ ହାତରେ କରିଥାନ୍ତି। ଏଥିରେ ଅଧିକ ଶ୍ରମ ଦରକାର ପଡ଼େ। ଆଙ୍ଗୁଠି ଉପରେ ଚାପ ପଡ଼େ। ତେଣୁ କମ୍ ସମୟ ଓ ସୁବିଧାରେ ଅଧିକ ଅମଳ କରିବାକୁ ଏବେ ବାଦାମର ଅମଳ ଯନ୍ତ୍ର (ଥ୍ରେସର), ଉପଲବ୍ଧ ରହିଛି। ଏହା ବିଦ୍ୟୁତ, ଟ୍ରାକ୍ଟର କିମ୍ବା ପାୱାରଟିଲର ଦ୍ୱାରା ପରିଚାଳିତ ହୋଇଥାଏ। ଏହି ବାଦାମ ଅମଳ ଯନ୍ତ୍ରଟିରେ ଗୋଟିଏ କଣ୍ଟାଯୁକ୍ତ ଅବତଳ ରହିଥାଏ। ଅବତଳଟି ଘୂରିବା ସମୟରେ ବାଦାମର ଗଛରୁ ବାଦାମକୁ ଅଲଗା କରିଥାଏ। ତା ସହିତ ବାଦାମକୁ ସଫା କରି ସଂଗ୍ରହ କରାଯାଇଥାଏ। ତେବେ ଖୁସିର କଥା, ଓୟୁଏଟିରେ ଧାନ ଓ ବାଦାମ ଅମଳ ପାଇଁ ସୌରଚାଳିତ ଅମଳଯନ୍ତ୍ର ଉଦ୍ଭାବନ କରାଯାଇଛି। ଚାଷୀମାନେ ପ୍ରତି ବ୍ଲକ୍‌ରେ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରି ଏହି ଯନ୍ତ୍ର ବିଷୟରେ ସବିଶେଷ ଜ୍ଞାନ ପାଇପାରିବେ। ଏହାସହ ସେମାନେ ସବସିଡ୍ ମୂଲ୍ୟରେ ଯନ୍ତ୍ରଟି କିଣି ପାରିବେ।

## ଜୈବିକ ଚାଷ

ଆମେରିକା, କାଲିଫର୍ଣ୍ଣିଆର ସିଲିକନ୍ ଭ୍ୟାଲିରେ ସେମାନେ ଚାକିରି କରୁଥିଲେ। ମାସକୁ ଲକ୍ଷାଧିକ ଟଙ୍କା ଥିଲା ତାଙ୍କର ଦରମା। ନିଜ ଭିଟାମାଟିରେ ଜୈବିକ ଚାଷ କରିବାକୁ ସେମାନେ ଭାରତ ଫେରି ଆସିଲେ। ଗୁଜୁରାଟ, ନଡ଼ିୟାଦ ସହରର ବିବେକ ଶାହ ଏବଂ ତାଙ୍କ ପତ୍ନୀ ବୃନ୍ଦା ଶାହ ଏବେ ବିଭିନ୍ନ ଚାଷ ସହିତ ଲୋକଙ୍କୁ ଚାଷ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ବାଣ୍ଟି ଉଦାହରଣ ସୃଷ୍ଟି କରିଛନ୍ତି।

ଏହି ଦମ୍ପତିଙ୍କର ୧୦ ଏକର ଜମି ରହିଛି। ଜୈବିକ ଚାଷ କରିବାକୁ ଚିନ୍ତା କରି ପ୍ରଥମେ ସେମାନେ କୃଷି ସମ୍ପର୍କିତ କୋର୍ସ କରିଲେ। କୋର୍ସ ଶେଷ କରି ଜମିରେ ବାଜରା, ଗହମ, ଆଳୁ, କଦଳୀ, ଅମୃତଭଣ୍ଡା, ଜାମୁକୋଳି, ଧଣିଆ ଚାଷ ଆରମ୍ଭ କରିଥିଲେ। ଫସଲରେ ପାଣିର ଅଭାବ ଦୂର କରିବାକୁ ଜମିରେ ପୋଖରୀ ଖୋଳିଛନ୍ତି। ପୋଖରୀ ହୁଡାରେ ମଧ୍ୟ ସେମାନେ କିଛି ଗଛ ଲଗାଇଛନ୍ତି। ୨୦ ହଜାର ଲିଟରର ଜଳ ଅମଳ ପ୍ରଣାଳୀ ରହିଛି। ଫଳରେ ଜମିରେ ଦୀର୍ଘ ସମୟ ଧରି ଜଳ ଯୋଗାଣର ସମସ୍ୟା ରହୁନାହିଁ। ଫସଲରେ ରୋଗପୋକ ଦୂର ପାଇଁ ଅନଃଫସଲ ଏବଂ ବିବିଧ ଫସଲ କୌଶଳକୁ ଆପଣାଇଛନ୍ତି। ଚାଷରେ ଜୈବିକ ଖତ ବ୍ୟବହାର କରନ୍ତି। ତୁଳସୀ ଏବଂ ଲେମନଗ୍ରାସ୍ ଚାଷରୁ ମଧ୍ୟ ସେମାନେ ଲାଭ ପାଉଛନ୍ତି। ମିଶ୍ରିତ ଚାଷରୁ ସେମାନଙ୍କ ଆୟ କେବଳ ବୃଦ୍ଧି ପାଇଛି ତାହା ନୁହେଁ, ସେମାନେ ଲୋକଙ୍କୁ ରୋଷେଇଶାଳା ବଗିଚା ବିଷୟରେ ଜ୍ଞାନ ମଧ୍ୟ ବାଣ୍ଟୁଛନ୍ତି।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଏବଂ ଶସ୍ୟଜାତୀୟ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି ତେଣୁ ଶୁଖିଲା ପାଗ ଦେଖି ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ ଓ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ଉଚ୍ଚ –ମଧ୍ୟମ ଜମିରେ ମାଟିରେ ବତର ଦେଖି ରବି ଫସଲ ଯଥା ମୁଗ, ବିରି, ଝୁଡ଼ଙ୍ଗ, ମଟର, ଚିନାବାଦାମ, ରାଶି ଏବଂ ସୂର୍ଯ୍ୟମୁଖୀ ଚାଷ କରନ୍ତୁ।
- ମକାର ଉପର ଚୋପା ହଳଦିଆରୁ ବାଦାମି ରଙ୍ଗର ହୋଇ ଶୁଖିବା ପରେ ଅମଳ କରନ୍ତୁ।
- ଆଖୁରେ ନାଲିଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଏବଂ ମାଙ୍କୋଜେବର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## କୁକୁଡ଼ାଙ୍କୁ ମାରେକ୍ସ ରୋଗ



ଆମ ରାଜ୍ୟର ଅଧିକାଂଶ ଲୋକ କୁକୁଡ଼ା ପାଳନ କରୁଛନ୍ତି। କୁକୁଡା ପାଳନରେ ସେମାନଙ୍କର ଯତ୍ନ ନେବାର ଆବଶ୍ୟକତା ଅଧିକ ରହିଥାଏ। କାରଣ ବିଭିନ୍ନ ସମୟରେ କୁକୁଡ଼ାଙ୍କୁ ହେଉଥିବା ରୋଗ ଦ୍ୱାରା ଚାଷୀଭାଇଙ୍କୁ କ୍ଷତି ସହିବାକୁ ପଡ଼ିପାରେ। ତେବେ କୁକୁଡ଼ାଙ୍କୁ ମାରେକ୍ସ ରୋଗ ହେଲେ, ସେମାନଙ୍କଠାରେ ପକ୍ଷାଘାତ ଭଳି ଲକ୍ଷଣ ଦେଖାଯାଏ। କୁକୁଡ଼ା ଡେଣା, ଗୋଡ ମେଲାଇ ପଡ଼ିଯାଆନ୍ତି। ସେମାନେ ମୃତ୍ୟୁ ବରଣ କରନ୍ତି। ଏହା ଏକ ଭୂତାଣୁ ଜନିତ ରୋଗ। ରୋଗାକ୍ରାନ୍ତ କୁକୁଡାଠାରୁ ଅନ୍ୟ କୁକୁଡ଼ାଙ୍କୁ ଏହା ସହଜରେ ବ୍ୟାପିପାରେ। ବିଶେଷ କରି ଏହି ରୋଗର ନିର୍ଦ୍ଦିଷ୍ଟ ଉପଚାର ନାହିଁ। କେବଳ ଟିକାକରଣ ସୁବିଧା ରହିଛି। ତେଣୁ ଫାର୍ମରେ ଦିନିକିଆ ଚିଆଁଙ୍କୁ ସକାଳେ କିମ୍ବା ସନ୍ଧ୍ୟାରେ ଟିକା ଦିଆଯାଇଥାଏ। ଏହାକୁ ଚିଆଁଟିର ମୁଣ୍ଡର ଚର୍ମତଳେ ୦.୨ ମିଲି ମାତ୍ରାରେ ଦିଆଯାଇଥାଏ। ସାଧାରଣତଃ ଏହି ଟିକା ଫାର୍ମରେ ଦିଆଯାଇଥାଏ। ଯଦି ଫାର୍ମରେ ଟିକା ଦିଆଯାଇନଥାଏ, ଚାଷୀଭାଇ ନିଜେ ଟିକାକରଣ କରିପାରିବେ। କୁକୁଡାଙ୍କୁ ଏହା ଜୀବନବ୍ୟାପି ରୋଗ ପ୍ରତିରୋଧକ ଶକ୍ତି ଯୋଗାଇଥାଏ।

# ମହିଳା କ୍ରିକେଟ ଦଳକୁ ୫୧ କୋଟି ଟଙ୍କା ପୁରସ୍କାର

ନୂଆଦିଲ୍ଲୀ,୩।୧୧(ଏଜେନ୍ସି)

ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ଭାରତୀୟ ମହିଳା କ୍ରିକେଟ ଦଳ ଦିନିକିଆ ବିଶ୍ୱକପ୍ କ୍ରିକେଟ ଚାମ୍ପିଅନ ହୋଇଛି। ମହିଳା କ୍ରିକେଟର ଯେ କୌଣସି ଫର୍ମାଟ କିମ୍ବା ଆଇସିସି ଦ୍ୱାରା ଖେଳାଯାଉଥିବା ଯେ କୌଣସି ଟୁର୍ଣ୍ଣାମେଣ୍ଟରେ ଏହା ଭାରତର ପ୍ରଥମ ଟାଇଟଲ। ଏହି ଟାଇଟଲ ଜିତିବାରେ କେବଳ ଭାରତୀୟ କ୍ରିକେଟ ଖେଳାଳି କିମ୍ବା କର୍ମକର୍ତ୍ତା ନୁହଁନ୍ତି, ବରଂ କ୍ରୀଡ଼ାପ୍ରେମୀ ଭାରତୀୟ ଖୁସି ହେବା ସହ ଗର୍ବ ଅନୁଭବ କରୁଛନ୍ତି। ଖେଳାଳିମାନେ ଯେପରି ଦେଶକୁ ଗର୍ବିତ କରିଛନ୍ତି, ଠିକ୍ ସେହିପରି ଦେଶବାସୀ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଯାଏ ଭାରତୀୟ ମହିଳାଙ୍କ ଏହି ଉତ୍‌ଥାନରେ ଆନନ୍ଦ ପ୍ରକାଶ କରିଛନ୍ତି। ଏହି ଐତିହାସିକ, ଯୁଗାନ୍ତକାରୀ, ସୁଦୂରପ୍ରସାରୀ ଓ ସ୍ମରଣୀୟ ସଫଳତା ଲାଗି ଭାରତୀୟ କ୍ରିକେଟ ଦଳକୁ ବିଶ୍ୱର ସର୍ବୋଚ୍ଚ କ୍ରିକେଟ ସଂଗଠନ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ୫୧ କୋଟି ଟଙ୍କା ପ୍ରୋତ୍ସାହନ ରାଶଶି ପ୍ରଦାନ କରିବାକୁ ଘୋଷଣା କରିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏ ସମ୍ପର୍କରେ ଘୋଷଣା କରି କହନ୍ତି, ଏହି ପୁରସ୍କାର ରାଶି ସମସ୍ତ ଖେଳାଳି, ସପୋର୍ଟ ଷ୍ଟାଫ୍ ଓ ସିଲେକ୍ଟରଙ୍କୁ ଦିଆଯିବ। କିଏ କେତେ ଟଙ୍କା ପାଇବେ ତାହା ଘୋଷଣା କରାଯାଇ ନ ଥିଲେ ମଧ୍ୟ ଜଣେ ଖେଳାଳି ୨.୫ରୁ ୩ କୋଟି ଓ ସପୋର୍ଟ ଷ୍ଟାଫ୍ ୨୫ରୁ ୩୦ ଲକ୍ଷ ଲେଖାଏଁ ଟଙ୍କା ପଇବେ ବୋଲି ଆକଳନ କରାଯାଉଛି। କ୍ରିକେଟ ଖେଳର ଉନ୍ନତି ଲାଗି ବିସିସିଆଇ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ସେ କହିଛନ୍ତି। ପୂର୍ବରୁ ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ମ୍ୟାଚ୍ ଫି ଦେବାକୁ ପୂର୍ବତନ ସମ୍ପାଦକ ତଥା ବର୍ତ୍ତମାନର ଆଇସିସି ଅଧ୍ୟକ୍ଷ ଘୋଷଣା କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। କିନ୍ତୁ ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ପୁରସ୍କାର ଦେବାକୁ ସେ ଯେଉଁ ଘୋଷଣା କରିଥିଲେ ତାହା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଫଳିତ ହୋଇଛି।

ମହିଳା ଦିନିକିଆ ବିଶ୍ୱକପ୍‌ରେ ଏଥର ପୁରସ୍କାର ରାଶିକୁ ୧୩.୮୮ ନିୟୁତ ଡଲାର ବା ପାଖାପାଖି ୧୨୩ କୋଟିକୁ ବୃଦ୍ଧି କରାଯାଇଛି। ଯାହାକି ନ୍ୟୁଜିଲାଣ୍ଡରେ ଖେଳାଯାଇଥିବା ୨୦୨୨ ବିଶ୍ୱକପ୍‌ଠାରୁ ପାଖାପାଖି ୪ ଗୁଣା ଅଧିକ। ଏହି ରାଶି ମଧ୍ୟ ୨୦୨୩ ପୁରୁଷ ବିଶ୍ୱକପ୍ ରାଶିଠାରୁ ଅଧିକ। ୨୦୨୩ ପୁରୁଷ ବିଶ୍ୱକପ୍‌ରେ ୧୦ ନିୟୁତ ଡଲାର ବା ପାଖାପାଖି ୮୯ କୋଟି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ରାଶି ବୃଦ୍ଧି ହେବା ଫଳରେ ଏଥର ଚାମ୍ପିଅନ ଭାରତକୁ ପାଖାପାଖି ୪୦ କୋଟି ଓ ରନର୍ସଅପ୍ ଦକ୍ଷିଣ ଆଫ୍ରିକାକୁ ୨୦ କୋଟି ଟଙ୍କାର ପୁରସ୍କାର ଦିଆଯାଇଛି। ଏଥର ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ପାଖାପାଖି ୧୦ କୋଟି ଲେଖାଏଁ ଟଙ୍କା ମିଳିଛି। ୨୦୨୨ରେ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୧୨ କୋଟି ଟଙ୍କା ମିଳିଥିଲା। ଏଣୁ ଏଥର ପୁରସ୍କାର ରାଶି କେତେ ପରିମାଣରେ ବୃଦ୍ଧି ପାଇଛି ତାହା ଏଥିରୁ ସ୍ପଷ୍ଟ ହେଉଛି। ସୂଚନାଯୋଗ୍ୟ ଗତକାଲି ବା ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୫୨ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ପ୍ରଥମ ଚାମ୍ପିଅନ ହୋଇଥିଲା। ୧୩ତମ ସଂସ୍କରଣ ପରେ ଭାରତ ତୃତୀୟଥର ଫାଇନାଲରେ ପ୍ରବେଶ କରି ପ୍ରଥମଥର ଟାଇଟଲ ଜିତିଥିଲା। ଫାଇନାଲରେ ଶେଫାଳି ବର୍ମା ୮୭ ରନ୍ କରିବା ସହ ୨ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟତମ ଖେଳାଳି ଦୀପ୍ତି ଶର୍ମା ୫୮ ରନ୍ କରିବା ସହ ୫ଟି ୱିକେଟ ନେଇ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୧୫ ରନ୍ କରିବା ସହ ୨୨ଟି ୱିକେଟ ନେଇଥିବା ଦୀପ୍ତି ଶର୍ମାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଆଇସିସି ଓ ବିସିସିଆଇ ବ୍ୟତୀତ ବିଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନଙ୍କୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କୃତ କରାଯିବାକୁ ଘୋଷଣା କରାଯାଇଛି। ଦଳର ଫାଷ୍ଟ ବୋଲର ରେଣୁକା ସିଂଙ୍କୁ ତାଙ୍କ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରାଯାଇଛି। ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ରେଣୁକାଙ୍କୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି। ସେହିପରି ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ନିଜ ରାଜ୍ୟର ଖେଳାଳି ତଥା ଅନ୍ୟତମ ଫାଷ୍ଟ ବୋଲର କ୍ରାନ୍ତି ଗୌଡାଙ୍କୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି।



## ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ଖେଳାଳି

ବିଶ୍ୱବିଜୟିନୀ ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳିମାନେ ବୁଧବାର ବା ନଭେମ୍ବର ୫ରେ ପ୍ରଧାନମନ୍ତ୍ରୀ ସମସ୍ତ ଖେଳାଳି ଓ କୋଚ୍‌ଙ୍କୁ ଭେଟିବେ ବୋଲି ଜଣାଯାଇଛି। ଏ ସମ୍ପର୍କରେ ପିଏମ୍‌ଓ ବା ପ୍ରଧାନମନ୍ତ୍ରୀଙ୍କ ଅଫିସ ପକ୍ଷରୁ ବିସିସିଆଇକୁ ନିମନ୍ତ୍ରଣ କରାଯାଇଛି। ବିଶ୍ୱକପ୍ ଜିତିବା ପରେ ଖେଳାଳିମାନେ ଏବେ ମୁମ୍ବଇରେ ଅବସ୍ଥାନ କରୁଛନ୍ତି। ସେମାନେ ଆସନ୍ତାକାଲି ବା ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନୂଆଦିଲ୍ଲୀରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ମଙ୍ଗବାର ସେମାନେ ଦିଲ୍ଲୀରେ ରହିବେ ଓ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବୋଲି ସ୍ଥିର ହୋଇଛି। ଏହା ପରେ ଖେଳାଳିମାନେ ନିଜ ନିଜ ରାଜ୍ୟକୁ ଫେରିଯିବେ। ଏହା ମଧ୍ୟରେ ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ବିବାହ ଏହା ମଧ୍ୟରେ ଅନୁଷ୍ଠିତ ହେବ। ସେ ମଧ୍ୟପ୍ରଦେଶ ଇନ୍ଦୋରର ସଂଗୀତଜ୍ଞ ପଲାଶଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବେ।

## ବିଶ୍ୱ ଚାମ୍ପିଅନଙ୍କ ଦ୍ରୋଣ 'ଅନମୋଲ୍'



ମୁମ୍ବଇ : ଭାରତ ପକ୍ଷରୁ କେବେ ମଧ୍ୟ ଖେଳିବାର ସୁଯୋଗ ପାଇ ନ ଥିଲେ। କେବଳ ଘରୋଇ କ୍ରିକେଟ୍‌ରେ ସୀମିତ ରହିଯାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୧୭୧ ଓ ଲିଷ୍ଟ-ଏ'ରେ ୧୧୩ ମ୍ୟାଚ୍ ଖେଳିବାର ରହିଥିଲା ଅଭିଜ୍ଞତା। ଜୀବନରେ ଭାରତୀୟ ଦଳର ନୀଳ ଜର୍ସି ପରିଧାନ କରିବାର ସ୍ୱପ୍ନ ଅଧୁରା ରହିଯାଇଥିଲେ ମଧ୍ୟ ଏବେ ସେ ପାଲଟିଯାଇଛନ୍ତି ଜାତୀୟ ହିରୋ। ଭାରତୀୟ ମହିଳା କ୍ରିକେଟ୍ ଦଳକୁ ସର୍ବପ୍ରଥମ ବିଶ୍ୱକପ୍ ଟ୍ରଫି ଜିତାଇ ରାତାରାତି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଅନମୋଲ୍ ମଜୁମଦାର। ଗତକାଲି ନଭି ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ପରାସ୍ତ କରି ଭାରତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଦୀର୍ଘ ପାଞ୍ଚ ଦଶନ୍ଧିର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ଦଳକୁ ଏହି ବିଶ୍ୱବିଜୟିନୀ ଟୀକା ପିନ୍ଧାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମୁଖ୍ୟ ପ୍ରଶିକ୍ଷକ ୫୦ ବର୍ଷୀୟ ଅନମୋଲ୍। ତାଙ୍କୁ ଏବେ 'ଗୁରୁଦ୍ରୋଣ' ଭାବେ ଆଖ୍ୟା ଦିଆଯାଇଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଅନମୋଲ୍‌ଙ୍କୁ ବଲିଉଡ୍ ଫିଲ୍ମ 'ଚକ୍ ଦେ ଇଣ୍ଡିଆ'ର ହକି କୋଚ୍ କବୀର ଖାନଙ୍କ ସହ ତୁଳନା କରାଯାଉଛି। ଭାରତ ଚାମ୍ପିଅନ ହେବାପରେ ଅଧିନାୟିକା ହରମନପ୍ରୀତ୍ କୌର ପଡ଼ିଆ ମଧ୍ୟରେ ଅନମୋଲ୍‌ଙ୍କ ପାଦ ଛୁଇଁ ଭାବବିହ୍ୱଳ ହୋଇ କାନ୍ଦି ପକାଇବାର ଦୃଶ୍ୟ କ୍ରିକେଟପ୍ରେମୀଙ୍କ ଆଖିରେ ଲୁହ ଆଣିଦେଇଥିଲା।

ମୁମ୍ବଇ ଜନ୍ମିତ ଅନମୋଲ୍ ପ୍ରଥମଶ୍ରେଣୀରେ ୩୦ ଶତକ ସହ ୧୧,୧୬୭ ରନ ଓ ଲିଷ୍ଟ-ଏ'ରେ ୩୨୮୬ ରନ ସଂଗ୍ରହ କରିଛନ୍ତି। ଘରୋଇ କ୍ରିକେଟ୍‌ରେ ସେ ଜଣେ ଦକ୍ଷ ବ୍ୟାଟର୍ ଭାବେ ବିବେଚିତ ହେଉଥିଲେ। କିନ୍ତୁ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ୍, ଭିଭିଏସ୍ ଲକ୍ଷ୍ମଣ ଓ ସୌରଭ ଗାଙ୍ଗୁଲିଙ୍କ ଭଳି ମହାନ ବ୍ୟାଟରଙ୍କ ସମୟରେ ଖେଳିବା ତାଙ୍କ ପାଇଁ ଅଭିଶପ୍ତ ସଦୃଶ ହୋଇଥିଲା। ଯେଉଁଥି ପାଇଁ ଘରୋଇ କ୍ରିକେଟରେ ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ସେ ଭାରତୀୟ ଦଳରୁ ଖେଳିବାର ସୁଯୋଗ ପାଇପାରି ନ ଥିଲେ। କିନ୍ତୁ ଅବସର ପରେ କୋଚ୍ ଭାବେ ସେ ଯେଉଁ ସଫଳତା ଏବେ ପାଇଛନ୍ତି ତାହା ତାଙ୍କର ଭାରତୀୟ ଦଳରୁ ଖେଳି ନ ପାରିବାର ଅଧୁରା ସ୍ୱପ୍ନକୁ ପୂରଣ କରିପାରିଥିବା କୁହାଯାଉଛି।

## ହୀରା ଗହଣା ଓ ସୋଲାର ପ୍ୟାନେଲ ଦେବେ ଶିଳ୍ପପତି

ଚାମ୍ପିଅନ ଭାରତୀୟ ଖେଳାଳିମାନଙ୍କୁ ଗୁଜରାଟର ରାଜ୍ୟସଭା ସାଂସଦ ତଥା ହୀରା ବ୍ୟବସାୟୀ ଗୋବିନ୍ଦ ଢ଼ୋଲକିଆ ସମସ୍ତ ଖେଳାଳିଙ୍କୁ ହୀରା ଖଚିତ ଗହଣା ଓ ସେମାନଙ୍କ ଘରେ ସୋଲାର ପ୍ୟାନେଲ ଲଗାଇବାକୁ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲାଙ୍କୁ ଚିଠି ଲେଖି ଏହି ପ୍ରସ୍ତାବ ଦେଇଛନ୍ତି। ବିସିସିଆଇ ମଧ୍ୟ ଏହାକୁ ସକରାତ୍ମକ ଭାବେ ଗ୍ରହଣ କରିଛି ଓ ଏକ ଶୁଭଦିନ ଦେଖି ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶୁକ୍ଲା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ବ୍ୟାଟିଂରେ ଲୌରାଙ୍କ ବିଶ୍ୱରେକର୍ଡ

ନଭି ମୁମ୍ବଇ : ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ବିଜୟୀ ହୋଇପାରି ନ ଥିଲେ ମଧ୍ୟ ଦଳର ଅଧିନାୟିକା ଲୌରା ୱଲଭର୍ଟଙ୍କ ପାଇଁ ଏହି ସଂସ୍କରଣ ସ୍ମରଣୀୟ ହୋଇରହିବ। ଲୌରା ଏହି ବିଶ୍ୱକପ୍‌ରେ ୯ ମ୍ୟାଚ୍ ଖେଳି ୨ ଶତକ ଓ ୩ ଅର୍ଦ୍ଧଶତକ ସହ ୭୧ରୁ ଉର୍ଦ୍ଧ୍ୱ ହାରରେ ୫୭୧ ରନ ସଂଗ୍ରହ କରିଥିଲେ। ମହିଳା ଦିନିକିଆ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାରେ ଏହା ରେକର୍ଡ ହୋଇଛି। ପୂର୍ବରୁ ୨୦୨୨ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଆଲିସା ହେଲୀ ୫୦୫ ରନ କରିଥିଲେ। ସେହିଭଳି ଏହି ବିଶ୍ୱକପ୍‌ରେ ଲୌରା ଟପ୍ ସ୍କୋରର୍ ରହିଥିଲେ। ତାଙ୍କ ପଛକୁ ଭାରତର ସ୍ମୃତି ମନ୍ଧାନା (୪୩୪ ରନ), ଅଷ୍ଟ୍ରେଲିଆର ଆସଲେ ଗାର୍ଡନର (୩୨୮), ପ୍ରତୀକା ରାୱଲ (୩୦୮) ଓ ଦକ୍ଷିଣ ଆଫ୍ରିକାର ଫୋଏବି ଲିଚଫିଲ୍ଡ (୩୦୪) ଯଥାକ୍ରମେ ପରବର୍ତ୍ତୀ ୪ଟି ସ୍ଥାନରେ ରହିଥିଲେ। ଅପରପକ୍ଷରେ ବୋଲିଂରେ ଭାରତର ଦୀପ୍ତି ଶର୍ମା ଏଥର ସର୍ବାଧିକ ୱିକେଟ୍ ହାସଲ କରିଛନ୍ତି। ଦୀପ୍ତି ୯ଟି ମ୍ୟାଚରୁ ୨୨ଟି ୱିକେଟ୍ ନେଇଛନ୍ତି।

### ସର୍ବାଧିକ ରନ୍

| ବ୍ୟାଟର୍ | ଦେଶ | ମ୍ୟାଚ୍ | ରନ୍ | ୧୦୦/୫୦ |
|---|---|---|---|---|
| ଲୌରା ୱଲଭର୍ଟ | ଦ.ଆଫ୍ରିକା | ୯ | ୫୭୧ | ୨/୩ |
| ସ୍ମୃତି ମନ୍ଧାନା | ଭାରତ | ୯ | ୪୩୪ | ୧/୨ |
| ଆସଲେ ଗାର୍ଡନର | ଅଷ୍ଟ୍ରେଲିଆ | ୭ | ୩୨୮ | ୨/୧ |
| ପ୍ରତୀକା ରାୱଲ | ଭାରତ | ୭ | ୩୦୮ | ୧/୧ |
| ଫୋଏବି ଲିଚଫିଲ୍ଡ | ଅଷ୍ଟ୍ରେଲିଆ | ୭ | ୩୦୪ | ୧/୧ |

### ସର୍ବାଧିକ ୱିକେଟ୍

| ବୋଲର | ଦେଶ | ମ୍ୟାଚ୍ | ୱିକେଟ | ଶ୍ରେଷ୍ଠ |
|---|---|---|---|---|
| ଦୀପ୍ତି ଶର୍ମା | ଭାରତ | ୯ | ୨୨ | ୫/୩୯ |
| ଆନାବେଲ୍ ସଦରଲାଣ୍ଡ | ଅଷ୍ଟ୍ରେଲିଆ | ୭ | ୧୭ | ୫/୪୦ |
| ସୋଫି ଇକଲେଷ୍ଟୋନ | ଇଂଲଣ୍ଡ | ୭ | ୧୬ | ୪/୧୬ |
| ଶ୍ରୀ ଚରଣି | ଭାରତ | ୯ | ୧୪ | ୩/୪୧ |
| ଆଲାନ କିଙ୍ଗ | ଅଷ୍ଟ୍ରେଲିଆ | ୭ | ୧୩ | ୭/୧୮ |

### ବିବାହ ବନ୍ଧନରେ ଆବଦ୍ଧ ହେଲେ ରାମପଲ୍

## ରାଣୀଙ୍କୁ ମିଳିଲା ରାଜା




କୁରୁକ୍ଷେତ୍ର, ୩।୧୧ (ଏଜେନ୍ସି): ହକି ଆଇକନ୍ ତଥା ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ରାଣୀ ରାମପଲ୍ ଜୀବନର ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି। ଚାଟାର୍ଡ ଆକାଉଣ୍ଟାଟ୍ ପଙ୍କଜ ସରୋହାଙ୍କ ସହ ରବିବାର ରାଣୀଙ୍କ ବିବାହ ଅନୁଷ୍ଠିତ ହୋଇଛି। ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ଏହି ଚର୍ଚ୍ଚିତ ବିବାହରେ ଉଭୟ ପରିବାର ନିକଟତମ ବନ୍ଧୁ, ପରିଜନ ସଦସ୍ୟ ଉପସ୍ଥିତ ରହିଥିଲେ। ତେବେ ରାଣୀଙ୍କ ଅସୁସ୍ଥ ପିତା ହ୍ୱିଲଚେୟାରରେ ବିବାହ ମଣ୍ଡପକୁ ଆସି ବର-କନ୍ୟାଙ୍କୁ ଆଶୀର୍ବାଦ ଦେବା ସମସ୍ତଙ୍କୁ ଭାବୁକ କରିଦେଇଥିଲେ। ମାତ୍ର ୧୪ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ରାଣୀ ଭାରତୀୟ ମହିଳା ହକିର ଜଣେ ମହାନ ଖେଳାଳି ପାଲଟିଯାଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶରୁ ବଞ୍ଚିତ ହୋଇଥିଲେ। ରାଣୀ ଭାରତ ପାଇଁ ୨୫୪ଟି ମ୍ୟାଚ୍ ଖେଳି ୧୨୦ଟି ଗୋଲ୍ ଦେଇଛନ୍ତି। କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ୨୦୨୦ରେ ତାଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର' ପ୍ରଦାନ କରାଯାଇଥିଲା।

## ବୟୋଜ୍ୟେଷ୍ଠ ଅଲିମ୍ପିକ ଚାମ୍ପିଅନ ଚାର୍ଲସଙ୍କ ବିୟୋଗ

ପ୍ୟାରିସ, ୩।୧୧ (ଏଜେନ୍ସି): ବିଶ୍ୱର ବୟୋଜ୍ୟେଷ୍ଠ ପୂର୍ବତନ ଅଲିମ୍ପିକ ଚାମ୍ପିଅନ ଫ୍ରାନ୍ସର ଚାର୍ଲସ କୋଷ୍ଟେଙ୍କ ବିୟୋଗ ଘଟିଛି। ମୃତ୍ୟୁବେଳକୁ ଚାର୍ଲସଙ୍କୁ ୧୦୧ ବର୍ଷ ହୋଇଥିଲେ। ବିଶ୍ୱରେ ଜୀବିତ ଥିବା ଅଲିମ୍ପିକ ସ୍ୱର୍ଣ୍ଣ ବିଜେତାଙ୍କ ମଧ୍ୟରେ ସେ ବୟୋଜ୍ୟେଷ୍ଠ ଥିଲେ। ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ଟ୍ରାକ୍ ସାଇକ୍ଲିଂର ଟିମ୍ ପୁରସିଟ୍ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଥିବା ଫ୍ରାନ୍ସର ଦଳରେ କୋଷ୍ଟେ ପ୍ରମୁଖ ସଦସ୍ୟ ରହିଥିଲେ। ଗତ ବର୍ଷ ପ୍ୟାରିସରେ ଅନୁଷ୍ଠିତ ଅଲିମ୍ପିକ କ୍ରୀଡ଼ାରେ ସେ ମଶାଲ ବାହକ ଭୂମିକା ତୁଲାଇଥିଲେ। ତାଙ୍କ ବିୟୋଗରେ ଫ୍ରାନ୍ସ କ୍ରୀଡ଼ାମନ୍ତ୍ରୀ ମାରିନା ଫେରାରି ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଡଃ ଜନାର୍ଦ୍ଦନ ଦାଶଙ୍କ ପରଲୋକ



କଟକ,୩।୧୧(ସମିସ): ଓଡ଼ିଶା ଅଲିମ୍ପିକ ସଂଘର ଉପସଭାପତି ଡଃ ଜନାର୍ଦ୍ଦନ ଦାଶଙ୍କ ୭୫ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘବର୍ଷ ଧରି ରାଜ୍ୟ କ୍ରୀଡ଼ା ଜଗତ ସହ ଜଡିତ ଥିବା ଜନାର୍ଦ୍ଦନ ଜଣେ ଦକ୍ଷ କ୍ରୀଡ଼ା ସଙ୍ଗଠକ ଭାବେ ସୁଖ୍ୟାତି ହାସଲ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ପ୍ରାକ୍ତନ ଉପସଭାପତି ପଦରେ ରହିବା ସେ ମୃତ୍ୟୁ ପର୍ଯ୍ୟନ୍ତ ସେ କେନ୍ଦୁଝର ଜିଲ୍ଲା ଆଥଲେଟିକ ସଂଘର ସମ୍ପାଦକ ପଦରେ ଅବସ୍ଥାପିତ ରହିଥିଲେ। ଡଃ ଦାଶଙ୍କ ବିୟୋଗରେ ବିଭିନ୍ନ ବର୍ଗରେ ଶୋକ ପ୍ରକାଶ ପାଇଛି। ଜନାର୍ଦ୍ଦନଙ୍କ ବିୟୋଗ ରାଜ୍ୟ କ୍ରୀଡ଼ା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଶୋକବାର୍ତ୍ତାରେ ଜଣାଇଛନ୍ତି।

## ସିକେ ନାଇଡୁ ଟ୍ରଫି: ବିଦର୍ଭ ଇନିଂସ୍ ଆଗୁଆ

କଟକ,୩।୧୧(ସମିସ): ୨୩ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ବିର୍ଦଭକୁ ଭେଟିଛି। କପୁରସିଂହସ୍ଥିତ ଏମଜିଏମ ଗ୍ରାଉଣ୍ଡରେ ଚାଲିଥିବା ଏହି ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳ ବିପକ୍ଷରେ ବିଦର୍ଭର ସ୍ଥିତି ଦୃଢ଼ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ୧୬୬ରନରେ ଅଲଆଉଟ ହୋଇଥିଲା। ଜବାବରେ ରବିବାର ଖେଳର ପ୍ରଥମ ଦିବସରେ ଓଡ଼ିଶା ୬ ୱିକେଟ ବିନିମୟରେ ୭୫ରନ କରିଥିଲା। ଆଜି ୫୩ରନରେ ଅବଶିଷ୍ଟ ୪ ୱିକେଟ ହରାଇ ଓଡ଼ିଶା ଇନିଂସ୍ ପଛୁଆ ରହିଛି। ଜବାବରେ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ବିଦର୍ଭ ଅଭିଷେକ ଅଗ୍ରୱାଲଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ସହାୟତାରେ ୪ ୱିକେଟ ହରାଇ ୧୮୩ରନ ସଂଗ୍ରହ କରିଛି। ଦଳକୁ ୨୨୧ରନର ଅଗ୍ରଣୀ ମିଳିଛି। ବିଦର୍ଭ ପକ୍ଷରୁ ଜଗଜୋତ ୫୪ରନରେ ଆଉଟ ହୋଇଥିବା ବେଳେ ବରୁଣ ବିଷ୍ଟ ୨୦ରନରେ ଅପରାଜିତ ରହିଛନ୍ତି। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କା, ଆଶୁତୋଷ ଛୁରିଆ, ଆୟୁଷ ବାରିକ ଏବଂ ରିତେଶ ପ୍ରିୟରଞ୍ଜନ ଗୋଟିଏ ଲେଖାଏ ୱିକେଟ ହାସଲ କରିଛନ୍ତି।

## ରଣଜୀ ଟ୍ରଫି
# ପରାଜୟ ଏଡ଼ାଇବା ଲକ୍ଷ୍ୟରେ ଓଡ଼ିଶା

କଟକ,୩।୧୧(ସମିସ)





ବାରବାଟୀରେ ଖେଳାଯାଉଥିବା ରଣଜୀ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଠାରୁ ଫଲୋଅନ ପାଇ ଘରୋଇ ଓଡ଼ିଶା ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଛି। ଭ୍ରମଣକାରୀ ଆନ୍ଧ୍ରପ୍ରଦେଶର ପ୍ରଥମ ଇନିଂସ୍ ୪୭୫/୭(ପାଳି ଘୋଷଣା) ଜବାବରେ ଓଡ଼ିଶାର ପ୍ରଥମ ପାଳି ୧୫୧ରନରେ ସୀମିତ ରହିଥିଲା। ସୋମବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ପାଳିରେ ୨ ୱିକେଟ ହରାଇ ୧୯୦ରନ ସଂଗ୍ରହ କରିଛି। ଏବେ ବି ଦଳ ୧୩୪ରନ ପଛରେ ରହିଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିନରେ ଓଡ଼ିଶା କଳେବଳେ ମ୍ୟାଚ୍‌କୁ ଡ୍ର ରଖି ଅତିକମ୍‌ରେ ୧ ପଏଣ୍ଟ ହାସଲ କରିବାକୁ ଉଦ୍ୟମ କରିବ।
ଚଳିତ ରଣଜୀ ସଂସ୍କରଣରେ ଓଡ଼ିଶାର ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ଲାଗି ରହିଛି। ଅସମାପ୍ତ ପ୍ରଥମ ପାଳି ୮୦/୪ରୁ ଆଜି ଓଡ଼ିଶା ବ୍ୟାଟିଂ ଆରମ୍ଭ କରିଥିଲା। ସନ୍ଦୀପ ପଟ୍ଟନାୟକ ୨୪ରନ ଏବଂ ଗୋବିନ୍ଦ ପୋଦ୍ଦାର ୧ରନରେ ଅପରାଜିତ ଥିଲେ। ଆଜି ଖେଳର ୬ଷ୍ଠ ଓଭରରେ ଓଡ଼ିଶାର ୫ମ ୱିକେଟ ପତନ ଘଟିଥିଲା। ଅଭିଜ୍ଞ ଗୋବିନ୍ଦ ୧୪ରନରେ କାଭୁରି ସୈତେଜାଙ୍କ ୩ୟ ଶିକାର ପାଲଟିଥିଲେ। ନବାଗତ ସମ୍ବିତ ବରାଳ ଖାତା ଖୋଲିବା ଆଗରୁ ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ୧୩୧ବଲରୁ ୫୮ ରନ ସଂଗ୍ରହ କରି କ୍ରିଜରେ ତିଷ୍ଠି ଆସୁଥିବା ସନ୍ଦୀପଙ୍କୁ ଆଉଟ କରି ତ୍ରିପୁରନ ବିଜୟ ଓଡ଼ିଶାକୁ ଫଲୋଅନ ଦ୍ୱାର ଦେଶରେ ଛିଡ଼ା କରି ଦେଇଥିଲେ। ସନ୍ଦୀପ କ୍ରିଜ ଛାଡ଼ିବା ବେଳକୁ ଓଡ଼ିଶାର ଦଳୀୟ ସ୍କୋର ୧୪୦ ରହିଥିଲା। ୧୧ରନରେ ଦଳ ଶେଷ ୩ଟି ୱିକେଟ ହରାଇଥିଲା। ଆନ୍ଧ୍ର ପକ୍ଷରୁ କାଭୁରି ସୈତେଜା, ସୌରଭ କୁମାର ଏବଂ ତ୍ରିପୁରନ ବିଜୟ ୩ଟି ଲେଖାଏ ୱିକେଟ ହାସଲ କରିଛନ୍ତି। ତେବେ ଦ୍ୱିତୀୟ ପାଳିରେ ଓଡ଼ିଶା ଦୃଢ଼ତାର ସହ ବ୍ୟାଟିଂ କରିଥିବା ଦେଖିବାକୁ ମିଳିଛି। ଗୌରବ ଚୌଧୁରୀ ଓ ସ୍ୱସ୍ତିକ ସାମଲ ଓପନିଂ ଭାଗିଦାରୀରେ ୬୬ରନ ସଂଗ୍ରହ କରିଥିଲେ। ୭ଟି ଚୌକା ସହାୟତାରେ ୩୬ରନ କରିଥିବା ସ୍ୱସ୍ତିକ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ପ୍ରଥମ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ସନ୍ଦୀପ ଏବଂ ଗୌରବ ୨ୟ ୱିକେଟରେ ୧୧୦ରନ ସଂଗ୍ରହ କରି ଓଡ଼ିଶାର ସ୍ଥିତିକୁ ମଜବୁତ କରିଥିଲେ। ମାତ୍ର ଷ୍ଟମ୍ପ ଅପସାରଣର କିଛି ସମୟ ପୂର୍ବରୁ ସନ୍ଦୀପଙ୍କ ୱିକେଟ ପତନ ଘଟିଥିଲା। ୧୨୫ବଲରୁ ୬ଟି ଚୌକା ଏବଂ ୨ଟି ଛକା ସହାୟତାରେ ୬୩ରନ କରି ସନ୍ଦୀପ ସୌରଭ କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଗୌରବ ୭୯ ରନ ଏବଂ ଗୋବିନ୍ଦ ୪ରନରେ ଅପରାଜିତ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS